


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୨୧ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 21 JUNE 2022
Vol.No. 35 ■ No. 160 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


### ଅଗ୍ନିପଥ ଯୋଜନାକୁ ବିରୋଧ ଭିତରେ ମୁହଁ ଖୋଲିଲେ ପ୍ରଧାନମନ୍ତ୍ରୀ

## ସ୍ଥଳସେନାରେ ନିଯୁକ୍ତି ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି



ନୂଆଦିଲ୍ଲୀ, ୨୦/୦୬ : ସାରା ଦେଶରେ ଅଗ୍ନିପଥ ଯୋଜନାକୁ ନେଇ ବିରୋଧ ଜାରି ରହିଥିବା ବେଳେ ମୁହଁ ଖୋଲିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଅଗ୍ନିପଥ ଯୋଜନାର ନାଁ ନନେଇ ମୋଦୀ କହିଛନ୍ତି ଅନେକ ଯୋଜନା ପ୍ରଥମରୁ ଠିକ୍ ଲାଗିନପାରେ କିନ୍ତୁ ଭବିଷ୍ୟତରେ ଏହା ଦେଶ ନିର୍ମାଣରେ ସାହାଯ୍ୟ କରେ । ସୋମବାର ମହିନ୍ଦ୍ରା କମ୍ପାନୀର ପ୍ରତିଷ୍ଠାତା ତଥା ଶିଳ୍ପପତି ଆନନ୍ଦ ମହିନ୍ଦ୍ରା, ଆରପିଜି ଏଣ୍ଟରପ୍ରାଇଜେସର ସିଇଓ ହର୍ଷ ଗୋୟେଙ୍କା ଏବଂ ଶ୍ରୀଶ୍ରୀ ରବିଶଙ୍କରଙ୍କ ଟୁଇଟ କରିଛନ୍ତି । ଏ ସମସ୍ତ ବ୍ୟକ୍ତି କେନ୍ଦ୍ରର ଅଗ୍ନିପଥ ଯୋଜନାକୁ ସମର୍ଥନ କରିଛନ୍ତି । ଆଉ ୪ ବର୍ଷ ଚାକିରି ଶେଷ ପରେ ନିଜ ନିଜ କମ୍ପାନୀରେ ଚାକିରି ପାଇଁ ସୁଯୋଗ ଦେବେ ବୋଲି କହିଛନ୍ତି । ଅନ୍ୟପଟେ ରବିଶଙ୍କର କହିଛନ୍ତି, ସିଙ୍ଗାପୁରର ଏବଂ ସୁଇଜରଲ୍ୟାଣ୍ଡରେ ଏପରି ବ୍ୟବସ୍ଥା ରହିଛି । ସେଠାରେ ଦେଶ ପାଇଁ ବର୍ଷେ କି ଦୁଇ ବର୍ଷ ସେନାରେ କାମ କରିବା ଅନିର୍ବାଯ୍ୟ ରହିଥିବା ବେଳେ ଭାରତର ଏହି ବ୍ୟବସ୍ଥା ତାଠୁ ଭଲ ବୋଲି କହି ଅଗ୍ନିପଥ ଯୋଜନାକୁ ସମର୍ଥନ କରିଛନ୍ତି । ଅଗ୍ନିପଥ ଯୋଜନାକୁ ବିରୋଧ କରି ସୋମବାର ଭାରତ ବନ୍ଦ ଡାକରା ଦେଇଥିଲେ ବିଭିନ୍ନ ସଂଗଠନ । ଓଡିଶାରେ ଏହାର ବିଶେଷ ପ୍ରଭାବ ପଡିନଥିବା ବେଳେ ଦେଶରେ ପାଖାପାଖି ୫ ଶହ ଟ୍ରେନ ବାତିଲ ହୋଇଛି । ଅନ୍ୟପଟେ ଇଏ ହେଉଛି ଦିଲ୍ଲୀରେ ଟ୍ରାଫିକ ଜାମର ଚିତ୍ର ମଧ୍ୟ ସାମ୍ନାକୁ ଆସିଛି । ଯେଉଁଠି ଅଗ୍ନିପଥ ପାଇଁ ରାସ୍ତାଜାମ ସହିତ ଟ୍ରାଫିକରେ ଭିଡ ଦେଖିବାକୁ ମିଳିଛି । ଏହାରି ଭିତରେ ସୋମବାର ଇଣ୍ଡିଆନ୍ ଆର୍ମି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ବିଜ୍ଞପ୍ତି ଅନୁଯାୟୀ ଜୁଲାଇରୁ ଅନଲାଇନ ପଞ୍ଜିକରଣ ଆରମ୍ଭ ହେବ । ଯେଉଁଥିରେ ଅଷ୍ଟମ, ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପାସ କରିଥିବା ପିଲା ବିଭିନ୍ନ ପଦ ପାଇଁ ଆବେଦନ କରିପାରିବେ ।

### ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ନେଲେ ସଂଜୟ ସିଂ



ଭୁବନେଶ୍ୱର, ୨୦/୦୬ (ନି.ପ୍ର): ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ସୋମବାର ପୂର୍ବାହ୍ନରେ ସୂଚନା ଓ ଲୋକସଂପର୍କ ବିଭାଗର ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ । ଦାୟିତ୍ୱ ଗ୍ରହଣ ପରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ସଂପର୍କରେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ବିଶେଷ କରି ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଯେପରି ସୁଚାରୁ ରୂପେ ଅନୁଷ୍ଠିତ ହେବ ଏବଂ ଜାତୀୟ ସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ଆଧାତ୍ମିକ ଟିଭି ଚାନେଲ୍ ଗୁଡ଼ିକ ଦ୍ୱାରା ରଥଯାତ୍ରାର ସିଧାପ୍ରସାରଣପୂର୍ବକ ସାରା ଦେଶର ଭକ୍ତମାନଙ୍କୁ ରଥଯାତ୍ରା ସଂପର୍କରେ ଅବଗତ କରାଇବେ, ସେ ବାବଦରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ ଗୁରୁତ୍ୱ ଆରୋପ କରିଥିଲେ । ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ରଥଯାତ୍ରା ଉପଲକ୍ଷେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ସଂପର୍କରେ ସୂଚନା ଦେଇଥିଲେ ।

## ସୂଚନା ଅଧିକାର ଆଇନ ପରିସରଭୁକ୍ତ ହେବ ଭିଜିଲାନ୍ସ : ହାଇକୋର୍ଟଙ୍କ ନିର୍ଦ୍ଦେଶ



କଟକ, ୨୦/୦୬ (ନି.ପ୍ର): ଏଣିକି ସୂଚନା ଅଧିକାର ଆଇନ ପରିସରଭୁକ୍ତ ହେବ ଭିଜିଲାନ୍ସ । ବିଭାଗର ସମ୍ବେଦନଶୀଳ ଏବଂ ଗୋପନୀୟ ପ୍ରସଙ୍ଗକୁ ବାଦ ଦେଇ ଅନ୍ୟ ସମସ୍ତ ବିଷୟ ଆରଟିଆଇ ପରିସରଭୁକ୍ତ ହେବ । ଏ ସମ୍ପର୍କିତ ୩ ଟି ପୃଥକ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ସୂଚନା ଅଧିକାର ଆଇନ ପରିସରଭୁକ୍ତ ହେବନାହିଁ ବୋଲି ଗତ ୨୦୧୬ ମସିହା ଅଗଷ୍ଟ ୧୧ ତାରିଖରେ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ । ତେବେ ଏହା ସୂଚନା ଅଧିକାର ଆଇନର ଧାରା ୨୪ ଏବଂ ସମ୍ବିଧାନର ଧାରା ୧୯ ଏବଂ ୨୧ର ଉଲ୍ଲଙ୍ଘନ କରୁଥିବା ଦର୍ଶାଇ ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ ଆବେଦନକାରୀ । ଆବେଦନକାରୀଙ୍କ ଯୁକ୍ତିକୁ କୋର୍ଟ ଗ୍ରହଣ କରିଛନ୍ତି । ଏଥିସହ ମାନବିକ ଅଧିକାର ଉଲ୍ଲଙ୍ଘନ ଏବଂ ଦୁର୍ନୀତି ଅଭିଯୋଗ ପ୍ରସଙ୍ଗରେ ତଥ୍ୟ ମନା କରାଯାଇପାରିବ ନାହିଁ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି । କେବଳ ବିଭାଗର ସମ୍ବେଦନଶୀଳ ଏବଂ ଗୋପନୀୟ ତଥ୍ୟକୁ ବାଦ ଦେଇ ଅନ୍ୟ ସମସ୍ତ ତଥ୍ୟକୁ ଆରଟିଆଇରେ ଦେବା ନିମନ୍ତେ ସାନି ବିଜ୍ଞପ୍ତି ଜାରି କରିବାକୁ କୋର୍ଟ କହିଛନ୍ତି । ଆସନ୍ତା ୪ ସପ୍ତାହ ମଧ୍ୟରେ ଏ ବାବଦରେ ଏକ ବିସ୍ତୃତ ଏବଂ ସ୍ପଷ୍ଟ ବିଜ୍ଞପ୍ତି ଜାରି କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଆବେଦନକାରୀଙ୍କ ଓକିଲ ସିଦ୍ଧାର୍ଥ ପ୍ରସାଦ ଦାସ କହିଛନ୍ତି ।

## ଟେଲି ଅଭିନେତ୍ରୀଙ୍କ ଆତ୍ମହତ୍ୟା : ହତ୍ୟା ଅଭିଯୋଗ ଆଣିଲେ ବାପା



ଭୁବନେଶ୍ୱର,୨୦/୦୬ (ନି.ପ୍ର): ଟେଲି ଅଭିନେତ୍ରୀ ରଶ୍ମିରେଖା ଓଝା ତାଙ୍କ ଭଡା ଘରର ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଗତକାଲି ରାତି ପ୍ରାୟ ୧୦.୩୦ ସମୟରେ ଆତ୍ମହତ୍ୟା କରିଥିବା ଜଣାପଡିଛି । ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ମଧ୍ୟ ଜବତ ହୋଇଛି । ନୟାପଲ୍ଲୀ ଥାନା ପୋଲିସ୍ ଘଟଣାସ୍ଥଳରେ ପହଂଚି ଛାନଭିନ୍ କରିଛି । ତେବେ ରଶ୍ମିଙ୍କୁ ତାଙ୍କ ପୁରୁଷ ବନ୍ଧୁ ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି ତାଙ୍କ ପରିବାର ଲୋକେ । ଅପରପକ୍ଷରେ ପ୍ରାଥମିକ ତଦନ୍ତରୁ ଆତ୍ମହତ୍ୟା କରିଥିବା କହିଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ । ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଘଟଣାସ୍ଥଳକୁ ପୋଲିସର ଏକ ଟିମ୍ ତଦନ୍ତ ଯାଇ କରିଛି । ସେଠାରୁ ଏକ ହାତ ଲେଖା ଚିଠି ଓ ଲାପ୍ ଟପ୍ ମିଳିଛି । ରଶ୍ମିରେଖା ଡିପ୍ରେସନରେ ଥିବା ପରି ଜଣାପଡ଼ିଛି । ମୃତଦେହକୁ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ପଠାଯାଇଛି । ରିପୋର୍ଟ ଆସିବା ପରେ ଯାହା କିଛି ଜଣାପଡ଼ିବ । ମୃତଦେହରେ କିଛି ଆଘାତ ଚିହ୍ନ ନାହିଁ କି ନିଜ ହାତ ଲେଖା ଚିଠିରେ କାହାକୁ ଅଭିନେତ୍ରୀ ଦାୟୀ କରିନାହାଁନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଏହା ଆତ୍ମହତ୍ୟା । ହେଲେ ସେପଟେ ▶▶ପୃଷ୍ଠା ୭

## ସାରା ରାଜ୍ୟକୁ ଛୁଇଁଲା ମୌସୁମୀ, ୨୩ ପର୍ଯ୍ୟନ୍ତ ବର୍ଷା



ଭୁବନେଶ୍ୱର, ୨୦/୦୬ (ନି.ପ୍ର): ରାଜ୍ୟକୁ ଛୁଇଁଲା ମୌସୁମୀ । ସାରା ରାଜ୍ୟରେ ପ୍ରବାହିତ ହେଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ । ଏନେଇ ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଏହାର ପ୍ରଭାବରେ ଆଜିଠୁ ୫ ଦିନ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଉପକୂଳ ଓଡ଼ିଶା ଯଥା, ବାଲେଶ୍ୱର, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼, ଗଜପତି, କେନ୍ଦୁଝର, ମୟୁରଭଞ୍ଜ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ସେହିପରି ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ ଓ ବଲାଙ୍ଗିରର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି । ସେହିପରି ୨୧ ତାରିଖ ଦିନ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୁରଭଂଜ, ଢେଙ୍କାନାଳ, ଅନୁଗୁଳ, ବଲାଙ୍ଗିର, ସୋନପୁର ଓ କଳାହାଣ୍ଡିରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୨୨ ତାରିଖରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ସମ୍ବଲପୁର, ଅନୁଗୁଳ, ବଲାଙ୍ଗିର, ସୋନପୁର ଓ କଳାହାଣ୍ଡି ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ୨୩ ତାରିଖ ଦିନ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ରେ ପ୍ରବଳ ବର୍ଷାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

## ଅଗ୍ନିପଥ ନିଆଁ ଭିତରେ ଭାରତରେ ୧୨ଘଣ୍ଟିଆ ବନ୍ଦ ପାଳନ

ନୂଆଦିଲ୍ଲୀ, ୨୦/୦୬ : ହୋହାଲ୍ଲା ହଙ୍ଗାମା, ପ୍ରତିବାଦ, ବିରୋଧ ପ୍ରଦର୍ଶନ । କେଉଁଠି ରାସ୍ତା ଉପରେ ପ୍ରଦର୍ଶନକାରୀ ତ ପୁଣି କେଉଠି ରାସ୍ତା ରୋକ କରୁଛନ୍ତି ବିକ୍ଷୋଭକାରୀ । ଟାୟାର ଜାଳି, ନିଆଁ ଲଗାଇ ନିଜ ଦାବି ଜଣାଉଛନ୍ତି । କେବଳ ସେତିକି ନୁହେଁ ଭାରତ ବନ୍ଦ ନାଁରେ କେଉଁଠି ରେଳ ରୋକ କରାଯାଇଛି ତ ପୁଣି କେଉଁଠି ଚକାଜାମ କରିଛନ୍ତି ବିକ୍ଷୋଭାକାରୀ । ଏହି ସବୁ ଥିଲା ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଭିନ୍ନ ଭିନ୍ନ ଦୃଶ୍ୟ । କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିରୋଧ କରି ବିଭିନ୍ନ ରାଜନୈତିକ ଦଳ ଓ ଛାତ୍ର ସହ ବିଭିନ୍ନ ସଂଗଠନ ଆଜି ଦେଇଥିଲେ ୧୨ଘଣ୍ଟିଆ ବନ୍ଦ ଡାକରା କେନ୍ଦ୍ର ସରକାରଙ୍କ ଏହି ଯୋଜନା ବିରୋଧରେ ଦେଶର ଅଧାରୁ ଅଧିକ ରାଜ୍ୟରେ ବିରୋଧ ପ୍ରଦର୍ଶନ ଜାରି ରହିଛି । ଆନ୍ଦୋଳନ ଭିତରେ ଆଜି ବିଭିନ୍ନ ସଂଗଠନ ଭାରତ ବନ୍ଦ ଡାକରା ଦେଇଥିଲେ । ସ୍ଥିତିକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ସ୍ଥାନରେ କଡ଼ାସୁରକ୍ଷା ବନ୍ଦୋବସ୍ତ କରାଯାଇଛି । ସେପଟେ ଉପଦ୍ରବକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ପ୍ରଶାସନ ନିର୍ଦ୍ଦେଶ ଦେଇଛି । ଏଥିସହ ହିଂସା ସୃଷ୍ଟି କରୁଥିବା ଲୋକଙ୍କୁ ଚିହ୍ନଟ ପାଇଁ ମୋବାଇଲ, ସିସିଟିଭି, କ୍ୟାମେରାରେ କଏଦ ହୋଇଥିବା ଫଟୋକୁ ଡିଜିଟାଲ ସାକ୍ଷୀଭାବେ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦିଲ୍ଲୀ, ଚେନ୍ନାଇ, କୋଲକାତା ପରି କିଛି ସହରରେ ଭାରତ ବନ୍ଦର ବିଶେଷ ପ୍ରଭାବ ଦେଖିବାକୁ ମିଳିଛି । ସେପଟେ ଆଉ କିଛି ରାଜ୍ୟରେ ସ୍ଥିତି ନିୟନ୍ତ୍ରଣ ଭିତରେ ରହିଛି । ସେପେଟ ଅଗ୍ନିପଥ ଯୋଜନା ବିରୋଧରେ ମିଥ୍ୟା ଖବର ପ୍ରଚାର ଉପରେ ରୋକ ଲଗାଇବା ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି କେନ୍ଦ୍ର ଗୃହମନ୍ତ୍ରାଳୟ । ୩୫ଟି ହ୍ୱାଟସଅପ ଗ୍ରୁପକୁ ନିଷିଦ୍ଧ କରାଯାଇଛି । ଭାରତ ବନ୍ଦ ଭିତରେ ଯାତାୟତ ବେଶ ବାଧାପ୍ରାପ୍ତ ହୋଇଛି । ବିଶେଷ କରି ରେଳ ଓ ବସ ସେବା ସବୁଠୁ ଅଧିକ ପ୍ରଭାବିତ ହେବା ଯୋଗୁଁ ▶▶ପୃଷ୍ଠା ୭

### ବିଦେଶ ଗସ୍ତରେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୦/୦୬ (ନି.ପ୍ର): ସୋମବାରଠାରୁ ବିଦେଶ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଦେଶ ଗସ୍ତର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଇଟାଲୀର ରୋମ୍ ରେ ପହଂଚିଛନ୍ତି । ଏହି ଅବସରରେ ଇଟାଲୀରେ ଥିବା ଭାରତୀୟ ରାଷ୍ଟ୍ରଦୂତ ନୀନା ମୋଲହୋତ୍ରା ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ପୋପ ଫ୍ରାନ୍ସିସଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ୟୁରୋପରେ ୫ ଦିନିଆ ରହଣୀ କାଳରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ । ଖାଦ୍ୟ ସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ହାସଲ କରିଥିବା ସଫଳତା ବାବଦରେ ମୁଖ୍ୟମନ୍ତ୍ରୀ ଜାତିସଂଘର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଉଦବୋଧନ ଦେବେ । ସେଠାରୁ ମୁଖ୍ୟମନ୍ତ୍ରୀ ଦୁବାଇ ଯିବେ । ଜୁନ୍ ୨୯ରେ ଦୁବାଇରେ ନିବେଶକଙ୍କୁ ମୁଖ୍ୟମନ୍ତ୍ରୀ ଭେଟିବେ । ୨୯ ତାରିଖ ମଧ୍ୟାହ୍ନ ୧୨ଟାରେ ଏକ ତାରକା ହୋଟେଲରେ ଏକ ବୈଠକ ଅନୁଷ୍ଠିତ ହେବ । ବୈଠକରେ ମଧ୍ୟପ୍ରାଚ୍ୟ ଦେଶସମୂହ ଶିଳ୍ପପତିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଶିଳ୍ପପତିଙ୍କୁ ଭେଟି ଓଡ଼ିଶାରେ ନିବେଶ ପାଇଁ ପ୍ରବର୍ତାଇବେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ସହ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଫାଇଭ୍ ଟି ସଚିବ ଭିକେ ପାଣ୍ଡିଆନ୍ , ଖାଦ୍ୟ ଯୋଗାଣ ସଚିବଭିଭି ଯାଦବ, ଶିଳ୍ପ ସଚିବ ହେମନ୍ତ ଶର୍ମା ଓ ନୂଆ ଦିଲ୍ଲୀ ଆବାସିକ କମିଶନର ରବି କାନ୍ତ ବିଦେଶ ଗସ୍ତ କରିଛନ୍ତି । ୧୩ ଦିନିଆଗସ୍ତ ସାରି ଜୁନ୍ ୩୦ରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି ।

## ନ୍ୟାସନାଲ ହେରାଲ୍ଡ ମାମଲାରେ ପୁଣି ରାହୁଲ ଗାନ୍ଧୀଙ୍କୁ ଜେରା



ଭୁବନେଶ୍ୱର, ୨୦/୦୬ (ନି.ପ୍ର): ବହୁଚର୍ଚ୍ଚିତ ନ୍ୟାସନାଲ ହେରାଲ୍ଡ ସମ୍ପତ୍ତି ଠକେଇ ମାମଲାରେ ସୋମବାର ପୁଣି ଥରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନିକଟରେ ହାଜର ହୋଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ଚତୁର୍ଥଥର ପାଇଁ ଜେରାର ସମ୍ମୁଖୀନ ହୋଇଛନ୍ତି ରାହୁଲ । ଗୋଟେପଟେ ଇଡି କାର୍ଯ୍ୟାଳୟରେ ରାହୁଲଙ୍କୁ ଜେରା ଚାଲିଥିବାବେଳେ ଅନ୍ୟପଟେ ଦିଲ୍ଲୀର ଜନ୍ତରମନ୍ତରରେ ବିଶାଳ ସତ୍ୟାଗ୍ରହ କରିଛି ଦଳ । କଂଗ୍ରେସର ବହୁ ବରିଷ୍ଠ ନେତା ଏକାଠି ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ରଣହୁଙ୍କାର ଭରିଛନ୍ତି । ଦିଲ୍ଲୀ ଇଡି କାର୍ଯ୍ୟାଳୟ ବାହାରେ ବରିଷ୍ଠ କଂଗ୍ରେସ ନେତା ଏକାଠି ପ୍ରତିବାଦ କରିଛନ୍ତି । ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତା ଏକାଠି ଇଡି କାର୍ଯ୍ୟାଳୟ ବାହାରେ ସତ୍ୟାଗ୍ରହ କରିଛନ୍ତି । ▶▶ପୃଷ୍ଠା ୭

## ବାଲେଶ୍ୱର ନୂଆ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ



ବାଲେଶ୍ୱର, ୨୦/୦୬ (ନି.ପ୍ର): ବାଲେଶ୍ୱର ଜିଲାର ନୂତନ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ସିନ୍ଦେ ସୋମବାର ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ସେ ବିଦାୟୀ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ୨୦୧୬ ବ୍ୟାଚର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ସିନ୍ଦେ ଏହା ପୂର୍ବରୁ ବାଲିଗୁଡା ଉପ-ଜିଲ୍ଲାପାଳ, ବ୍ରହ୍ମପୁର ଉପ-ଜିଲାପାଳ ଓ ଗଞ୍ଜାମ ଜିଲାର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି । ସେ ମହାରାଷ୍ଟ୍ର ରାଜ୍ୟ ଅହମଦନଗରର ବାସିନ୍ଦା ହୋଇଥିବା ବେଳେ ସେ ଇତିହାସରେ ସ୍ନାତକ ଡିଗ୍ରୀ ଲାଭ କରିଛନ୍ତି । କାର୍ଯ୍ୟରେ ଯୋଗଦାନ ପରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ଓ ନୀଲୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ ସହିତ ସ୍ୱାଗତ ଜଣାଇଥିଲେ । ଏହା ପରେ ଜିଲ୍ଲାପାଳ ଶ୍ରୀ ସିନ୍ଦେ ସୋରରେ ଅନୁଷ୍ଠିତ ମିଳିତ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି, ଅଭିଯୋଗ ଶୁଣିଥିଲେ । ଜିଲାର ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି ।

### ପୁରୀ ସବ୍ ରେଜିଷ୍ଟାର ନିଲମ୍ବିତ

ଭୁବନେଶ୍ୱର, ୨୦/୦୬ (ନି.ପ୍ର): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଓଡ଼ିଶା ରାଜସ୍ୱ ସେବା ବର୍ଗର ସନ୍ତୋଷ କୁମାର ପତିଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି । ଶ୍ରୀ ପତି ପୁରୀଠାରେ ଇନ୍‌ଚାର୍ଜ ଜିଲ୍ଲା ସବ୍‌ରେଜିଷ୍ଟ୍ରାର ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ । ଏହି ନିଲମ୍ବନ ଅବଧିରେ ଆଇଜିଆର, କଟକଙ୍କ କାର୍ଯ୍ୟାଳୟରେ ଶ୍ରୀ ପତିଙ୍କର ହେଡ୍‌କ୍ୱାଟର ଫିକ୍ସ କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ଶ୍ରୀ ପତିଙ୍କ ନାମରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଥିଲା ।

## ନାଟୋ ମୁଖ୍ୟଙ୍କ ବଡ ବୟାନ : ଦୀର୍ଘଦିନ ଧରି ଯୁଦ୍ଧ ଚାଲିବ



ନୂଆଦିଲ୍ଲୀ, ୨୦/୦୬ : ବର୍ଷ ସାରା ଚାଲିପାରେ ରୁଷ-ୟୁକ୍ରେନ ଯୁଦ୍ଧ । ଏପରି ମନ୍ତବ୍ୟ ଦେଇଛନ୍ତି ନାଟୋର ମୁଖ୍ୟ ଜେନ୍ ଷ୍ଟାଲିନବର୍ଗ । ଦୀର୍ଘଦିନ ଧରି ଜାରି ରହିଛି ରୁଷ-ୟୁକ୍ରେନ ଘମାଘୋଟ ଯୁଦ୍ଧ । ବହୁ ମାତ୍ରାରେ ଧନ ଜୀବନ ନଷ୍ଟ ହୋଇଛି । ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ ଭିନ୍ନ ଭିନ୍ନ ମତ ବିଭିନ୍ନ ସମୟରେ ପ୍ରକାଶ ପାଇଛି । ଏହାକୁ ଅଟକାଇବାକୁ ମଧ୍ୟ ବହୁବାର ବହୁ ପ୍ରମୁଖ ବ୍ୟକ୍ତି ପରାମର୍ଶ ଦେଇସାରିଛନ୍ତି । ହେଲେ ଏହାକୁ ରୋକିବାକୁ ନାରାଜ ରୁଷ ରାଷ୍ଟ୍ରପତି ପୁଟିନ୍ । ତେବେ ନିକଟରେ ନାଟୋର ମୁଖ୍ୟ ଜେନ୍ ଷ୍ଟାଲିନବର୍ଗ ଯୁଦ୍ଧକୁ ନେଇ ଏକ ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଏହି ଯୁଦ୍ଧ ବର୍ଷସାରା ଚାଲିପାରେ । ଜର୍ମାନୀର ସାପ୍ତାହିକ ପତ୍ରିକା 'ବିଲ୍ଟ ଏମ ସୋନତାଗା'ରେ ରବିବାର ପ୍ରକାଶିତ ସାକ୍ଷାତକାରରେ ନାଟୋର ମହାସଚିବ ଜେନ ଷ୍ଟାଲିନବର୍ଗ କହିଛନ୍ତି କି କାହାକୁ ଜଣା ନାହିଁ ଏହି ଯୁଦ୍ଧ କେତେ ସମୟ ଧରି ଚାଲିବ । ଏହା ବର୍ଷସାରା ଚାଲିପାରେ ଏବଂ ଏଥିପାଇଁ ସମସ୍ତେ ପ୍ରସ୍ତୁତ ରହିବା ଆବଶ୍ୟବ । ଏବଂ ୟୁକ୍ରେନକୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ଏବଂ ସହଯୋଗିତା ପାଇଁ ଅନୁରୋଧ କରିଛନ୍ତି ।

# ବନ ବିଭାଗ ପାଉନି : ଶିକାରୀଙ୍କୁ ଜଣା ବାଘ ଠିକଣା, ୪ମାସରେ ଦୁଇ ବାଘଙ୍କୁ ହତ୍ୟା

କେନ୍ଦୁଝର,୨୦/୦୬ (ନି.ପ୍ର): ବାଘ ଚମଡ଼ା, ନଖ ଜବତ ସୂଚାଇ ଦେଉଛି ଯେ କେନ୍ଦୁଝର ଜିଲ୍ଲାରେ ବାଘ ଶିକାର ଚାଲିଛି। କର୍ତ୍ତୃପକ୍ଷ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସରକାରୀ ଭାବେ ଜଣାଯାଇଛି ଯେ ଚାରିମାସ ମଧ୍ୟରେ ଦୁଇଦୁଇଟି ବାଘଙ୍କୁ ହତ୍ୟା କରାଯାଇଛି। ହେଲେ କୌତୂହଳର ବିଷୟ ହେଲା ବନ ବିଭାଗର ରିପୋର୍ଟ ଅନୁସାରେ ଜିଲ୍ଲାର କୌଣସି ଜଙ୍ଗଲରେ ବାଘ ନାହାନ୍ତି। ଏମିତି କେମିତି ହେବ ? ଆହୁରି ସରଳ ଭାବେ କହିଲେ, ବନ ବିଭାଗ ସିନା ଗଣନା ବେଳେ ବାଘ ଖୋଜିପାଉନି; ଶିକାରୀଙ୍କୁ କିନ୍ତୁ ଜଣା ବାଘ ଠିକଣା।

ଗତ ମେ’ ମାସରେ କେନ୍ଦୁଝର ଜିଲ୍ଲାରେ ଏକ ମହାବଳ ବାଘକୁ ହତ୍ୟା କରାଯାଇଥିଲା। ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଦେଓଗାଁ ରେଞ୍ଜର ରେବଣାପଳାଶପାଳ ପଞ୍ଚାୟତ ବୁଢ଼ୀପଦା ଗ୍ରାମରୁ ବାଘଛାଲ ଜବତ କରିବା ପରେ ଏହି ଘଟଣା ପଦାକୁ ଆସିଲା। ସେବେ ମୁଖ୍ୟ ଅଭିଯୁକ୍ତ ବୁଟୁ ମହାକୁଡ଼ଙ୍କ କହିବା କଥା ଥିଲା ଜଙ୍ଗଲରେ ତାଙ୍କର ଏକ ମଇଁଷିକୁ ବାଘ ମାରି ଦେଲା। ଏ ସଂପର୍କରେ ସେ ସମସ୍ତଙ୍କୁ ଜଣାଇଥିଲେ। ଗଣମାଧ୍ୟମରେ ଏ ନେଇ ଖବର ପ୍ରକାଶ ପାଇଥିଲା। ତଥାପି ବନ ବିଭାଗ ସତର୍କ ହେଲାନି। ବାଘ ତାର ଶିକାରକୁ ଖାଇବା ପାଇଁ ପୁଣି ଆସିବା ବେଳେ ମଲା ମଇଁଷିରେ ବିଷ ଦେଇ ମହାବଳ ବାଘକୁ ସେ ହତ୍ୟା କରିଥିଲା। ମହାବଳ ବାଘର ଚମଡ଼ା ବିକ୍ରି ପାଇଁ ଯୋଜନା ଚାଲିଥିବା ବେଳେ ବନ ବିଭାଗ ଚଢ଼଼ଉ କରି ବାପା ଏବଂ ଦୁଇପୁଅଙ୍କୁ ଗିରଫ କରିବା ସହ ଚମଡ଼ା ଜବତ କରିଥିଲା। ଏହା ପୂର୍ବରୁ ଗତ ମାର୍ଚ୍ଚ ମାସରେ କେନ୍ଦୁଝର ବନଖଣ୍ଡ ବିଜେପି ରେଞ୍ଜ ଅନ୍ତର୍ଗତ ବାରହାଗଡ଼ କପ୍ତିଡିହା ଜଙ୍ଗଲରେ ଏକ କଲରାପତରିଆ ବାଘ ଶିକାର ହୋଇଥିଲା। ଏହି ଗ୍ରାମର ବାବୁ ଜୁଆଙ୍ଗ (୨୮) ବାରହା ଶିକାର ପାଇଁ ଫାଶ ବସାଇଥିବା ବେଳେ ସେଥିରେ ଏକ କଲରାପତରିଆ ବାଘ ପଡ଼ିଥିଲା। ପରେ ତାକୁ ତୀର ମାରି ହତ୍ୟା କରାଯାଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଠାରେ ବାଘ ଥିବା ନେଇ ବନ ବିଭାଗ ପାଖରେ କୌଣସି ସୂଚନା ନଥିଲା। ଶିକାରୀମାନେ ବାଘ ମାରି ମାଂସ ଖାଇବା ପରେ ତାହାର ଛାଲ ବିକ୍ରି କରିବାକୁ ଉଦ୍ୟମ କରୁଥିବା କଥା ପ୍ରଘଟ ହୋଇଥିଲା। ଏ ସମ୍ପର୍କରେ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର ବନ ବିଭାଗ ୮ ଜଣଙ୍କୁ ଗିରଫ କରିଥିଲେ। ଗିରଫଙ୍କ ମଧ୍ୟରେ ୪ଜଣ କେନ୍ଦୁଝର ଜିଲ୍ଲାର ଥିଲେ। ଏହାପରେ ବାଘ ସମ୍ପର୍କରେ



ଖୋଲତାଡ଼ ହୋଇଥିଲେ ଅଧିକାରୀମାନଙ୍କୁ କିଛି ତଥ୍ୟ ମିଳି ନଥିଲା। ବରଂ କଲରାପତରିଆ ବାଘ ଶିକାର ପରେ କେନ୍ଦୁଝର ବନ ବିଭାଗ ଏକାଧିକ ବାହାନା କରି ବାଘ ଶିକାର ଜନିତ ଦୋଷରୁ ବର୍ତ୍ତିବାକୁ ସମର୍ଥ ହୋଇଥିଲା। ଏଠାରେ ଉଲ୍ଲେଖଥାଉକି, କେନ୍ଦୁଝର ଜଙ୍ଗଲରେ ବାଘ ଥିବା ନେଇ ଅନେକ ସମୟରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥାନ୍ତି। କିନ୍ତୁ ବନ ବିଭାଗ ଏଭଳି ସୂଚନାକୁ କେବେ ବି ଗୁରୁତ୍ୱ ଦେଇନାହିଁ। ଜିଲ୍ଲାରେ ବାଘ ଗଣନା ହେଉଥିଲେ ବି ରିପୋର୍ଟରେ କୁହାଯାଏ ଯେ କେନ୍ଦୁଝର ଜଙ୍ଗଲରେ ବାଘ ନାହିଁ। ପ୍ରଶ୍ନ ଉଠୁଛି, ଯଦି କେନ୍ଦୁଝର ଜଙ୍ଗଲରେ ବାଘ ନାହିଁ ତେବେ ଯେଉଁ ଦୁଇଟି ବାଘ ଶିକାର ହେଲେ ସେମାନେ କେଉଁଠୁ ଆସିଲେ ? ପୂର୍ବରୁ ୨୦୦୨ ମସିହାରେ ଶେଷଥର ପାଇଁ ତେଲକୋଇ ରେଞ୍ଜ କର୍ଲାପାଟ ସଂରକ୍ଷିତ ଜଙ୍ଗଲରେ ବାଘର ପାଦଚିହ୍ନ ଠାବ ହୋଇଥିବା ନେଇ ସୂଚନା ମିଳିଥିଲା। ପରେ କିନ୍ତୁ ଉକ୍ତ ବାଘ ସମ୍ପର୍କରେ କୌଣସି ଖୋଜଖବର ମିଳି ନ ଥିଲା। ସେହିପରି ୨୦୧୫ ମସିହାରେ ହଦଗଡ଼ ଜଙ୍ଗଲରେ ବାଘ ଥିବା ନେଇ ଖବର ମିଳିଥିଲା। ଏହି ବାଘଟି ଶିମିଳିପାଳରୁ ଆସିଥିବା ଚର୍ଚ୍ଚା ହେଉଥିଲା। ତାହାର ବି କୌଣସି ଖବର ମିଳି ନ ଥିଲା। ଏଭଳିସ୍ଥଳେ ଗତ ୪ମାସ ମଧ୍ୟରେ ଜିଲ୍ଲାରେ ଦୁଇଟି ବାଘ ଶିକାର ଖବର ବନ ବିଭାଗକୁ ସନ୍ଦେହର କାଠଗଡାକୁ ଟାଣିଆଣିଛି। ଏ ସମ୍ପର୍କରେ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଜିତ ଶତପଥୀଙ୍କୁ ପଚାରିବାରୁ, ସାଧାରଣତଃ ଶିମିଳିପାଳରୁ କେବେ କେବେ ବାଘ ଆସିଥାନ୍ତି। ପୁଣି ସେମାନେ ଫେରିଯାଆନ୍ତି। ରେବଣା ପଳାଶପାଳ ଜଙ୍ଗଲରେ ହତ୍ୟାର ଶିକାର ହୋଇଥିବା ମହାବଳ ବାଘଟି କେଉଁଠୁ ଆସିଥିଲା ତାହା ଏଯାଏ ଜଣାପଡ଼ି ନାହିଁ। ତାହାର ଡିଏନ୍‌ଏ ଟେଷ୍ଟ ପାଇଁ ପଠାଯାଇଛି। ରିପୋର୍ଟ ଆସିଲେ କେଉଁଠିକାର ବାଘ ଜଣାପଡ଼ିବ ବୋଲି ଡିଏଫ୍‌ଓ କହିଛନ୍ତି। ସେହିପରି ସବୁଥର ପରି ଏଥର ମଧ ଡିଏଫ୍‌ଓ କହିଛନ୍ତି କେନ୍ଦୁଝର ଜଙ୍ଗଲରେ ବାଘ ନାହିଁ।





ବାଲେଶ୍ୱର ମହିଳା କଲେଜ, ଗୋପାଳଗାଁ, ବାଲେଶ୍ୱରରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ।

# ୧୫୦ କେଜି ଗଞ୍ଜେଇ ଜବତ : ଦୁଇ ଗିରଫ

ମାଲକାନଗିରି,୨୦/୦୬ (ନି.ପ୍ର) : ମାଲକାନଗିରି ଜିଲ୍ଲା ମାଥିଲି ଥାନା ପୋଲିସ ଗତକାଲି ରାତିରେ ଗୋବିନ୍ଦପାଲି -ବୈପାରୀଗୁଡା ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ସପ୍ତଧାରା ବ୍ରିଜ ନିକଟରେ ମାଥିଲି ପୋଲିସ୍ ଟିମ୍ ଓଡି ୨୪ଇ ୮୭୩୩ ନମ୍ବର ବିଶିଷ୍ଟ ଏକ ମାରୁତି ସୁଜୁକି ୱାଗନର ଗାଡିରେ ୨ ଜଣ ଯୁବକ ଆସୁଥିବା ଦେଖି ଅଟକାଇଥିଲା। ଗାଡି ଯାଂଚ୍ କରିବାରୁ ସେଥିରେ ୬ ପ୍ୟାକେଟ ଗଞ୍ଜାଇ ଥିବା ଦେଖିବାକୁ ପାଇଥିଲେ। ଅଭିଯୁକ୍ତମାନେ ମାଡକାପଦର ପାର୍ଶ୍ୱରୁ ଗନଚ୍ଛେ କିଣି ନୂଆପଡା ଜିଲ୍ଲା ଆଡକୁ ନେଉଥିଲେ। ୬ ଟି ପ୍ୟାକେଟରେ ୧୫୦ କେଜି ୪୮୦ ଗ୍ରାମ ଗଞ୍ଜେଇ ରହିଥିଲା। ଅଭିଯୁକ୍ତ ମାନଙ୍କ ଠାରୁ ଗୋଟିଏ ମାରୁତି ସୁଜୁକି ୱାଗନର କାର୍, ଦୁଇଟି ମୋବାଇଲ୍ (ଆଇଫୋନ୍ - ୬ ଏବଂ ଭିଭୋଫୋନ, ନଗଦ୨୦ ହଜାର ଟଙ୍କା, ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ଏସବିଆଇ ଏଟିଏମ କାର୍ଡ ଇତ୍ୟାଦି ଜବତ ହୋଇଛି। ଗିରଫ ୨ ଅଭିଯୁକ୍ତ ହେଲେ ନବରଙ୍ଗପୁର ଜିଲ୍ଲା ଆରକେ କଲୋନୀର ଇସ୍ରାଏଲ୍ ସେନାପତି ଓ ନବରଙ୍ଗପୁର ଜିଲ୍ଲା ତାରାଗାଁର ନନ୍ଦା ସୋରା। ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ ଆଜି କୋର୍ଟଚାଲାଣ କରାଯାଇଥିବା ମାଥିଲି ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ ସୂଚନା ଦେଇଛନ୍ତି।

# ରେମୁଣାରେ ବିଶ୍ୱ ପିତୃ ଦିବସ ପାଳିତ




ରେମୁଣା,୨୦/୦୬ (ନି.ପ୍ର): ରେମୁଣା ମାତୃଭୂମି ସେବା ସଂସ୍ଥା ଆନୁକୂଲ୍ୟରେ ବିଶ୍ୱ ପିତୃ ଦିବସ ନିକଟସ୍ଥ ସତ୍ୟବତୀ ନଗରରେ ପାଳିତ ହୋଇଯାଇଛି । ସଭାପତି ପ୍ରଦୀପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସରୋଜ କୁମାର ବେହେରା କ୍ଷୀରଚୋରା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାର, ଡ. କୁମାର ଗୋପାଳ, ଡ. ଭାଗବତ ପ୍ରସାଦ ଦାସ, ନିରଞ୍ଜନ ସାହୁ, ବିଷ୍ଣୁପଦ ପଣ୍ଡା, ଡା. ସତ୍ୟରଂଜନ ଦାସ, ଗୋବିନ୍ଦ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗ ଦେଇ ପିତୃଦିବସ ପାଳନର ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିଥିଲେ । ସଭାରେ ବୟୋଜ୍ୟେଷ୍ଠ ପିତା ସୁରେନ୍ଦ୍ର ନାରାୟଣ ଦାସ, ଗୁରୁ ଗଙ୍ଗାଧର ସେଠୀ, ନବ କିଶୋର ଦାସଙ୍କୁ ପୂଜନ ସହିତ ସମ୍ବର୍ଦ୍ଧନା କରାଯାଇଥିଲା । ପୂଜନ କାର୍ଯ୍ୟକ୍ରମରେ ମିନତୀ ପାତ୍ର, ଗୀତାଞ୍ଜଳି ପାଣିଗ୍ରାହୀ, ସୁନାମଣି ଜେନା, ରଶ୍ମୀବାଳା ଦାସ ପ୍ରମୁଖ ସହଯୋଗ କରିଥିଲେ । ପଣ୍ଡିତ ଦିବ୍ୟରଂଜନ ମହାପାତ୍ର ମଙ୍ଗଳାଷ୍ଟକ ପାଠ କରିଥିଲେ । ସଂପାଦକ କରୁଣାକର ଜେନା ଅତିଥି ପରିଚୟ, ସଂଗୀତଜ୍ଞ ବିକର୍ତ୍ତନ ନାୟକ ପିତୃସ୍ତୁତି ଗାନ, ଇପ୍‌ସିତା ସ୍ୱାଇଁ ସ୍ୱାଗତ ସଂଗୀତ ଗାନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ବ୍ୟଙ୍ଗକବି ପ୍ରଭାକର ସାହୁ, କବୀ ସତ୍ୟଭାମା ମୁଦୁଲି ଓ କବି ରବୀନ୍ଦ୍ର କୁମାର ବିଶ୍ୱାଳଙ୍କ ସଂଯୋଜନାରେ ପିତୃ ଆଧାରିତ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କବି ଦୁଷ୍ମନ୍ତ ଦାସ, ରାଧାରଂଜନ ଦାସ, ଯତୀନ୍ଦ୍ର ଜେନା, ମାୟାଧର ମହାରଣା, କୁଞ୍ଜମଣି ସ୍ୱାଇଁ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କବି ଚକ୍ରଧର ଦାସ, ସାଇ ସୌରଭ ଜେନା, ଅଜୟ କୁମାର ବାରିକ, ପ୍ରଭାକର ଦାସ ସମେତ ଅନେକ କବି ଓ କବୟିତ୍ରୀ ନିଜସ୍ୱ କବିତା ପାଠ କରିଥିଲେ । ଶେଷରେ ସୁବ୍ରତ କୁମାର ଘୋଷାଲ ଧନ୍ୟବାଦ ଦେଇଥିଲେ ।

# ଫୁଲବାଣୀ ସରସ୍ୱତୀ ଶିଶୁମନ୍ଦିରରେ ଯୋଗଦେଲେ ନୂତନ ପ୍ରଧାନ ଆଚାର୍ଯ୍ୟ

କନ୍ଧମାଳ,୨୦/୦୬ (ନି.ପ୍ର): ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନୂତନ ପ୍ରଧାନ ଆଚାର୍ଯ୍ୟ ଭାବେ ରାଜେନ୍ଦ୍ର କୁମାର ପାଢ଼ୀ ଯୋଗଦେଇ ବିଦାୟୀ ପ୍ରଧାନ ଆଚାର୍ଯ୍ୟ ଜାନକୀ ବଲ୍ଲଭ ବିଷୋୟୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପରିଚାଳନା ସମିତିର ଏକ ଔପଚାରିକ ବୈଠକରେ ପରିଚାଳନା ସମିତିର ସଭାପତି ହରିଶ୍ଚନ୍ଦ୍ର ମହାରଣା, ଉପ ସଭାପତି ଡ଼ଃ. ଚିତରଞ୍ଜନ ମିଶ୍ର, ସମ୍ପାଦକ ବିରଂଚି ନାରାୟଣ ମିଶ୍ର, ସହ- ସମ୍ପାଦକ ଅରୁଣ କୁମାର ଶତପଥୀ, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଉପଦେଷ୍ଟା ଗୋବିନ୍ଦ ନାୟକ, ଆଚାର୍ଯ୍ୟ ପ୍ରତିନିଧି ଶ୍ରୀମତୀ ନଳିନିପ୍ରଭା ଚାଉଳିଆ, କାର୍ଯ୍ୟାଳୟ ପ୍ରମୁଖ ବିକ୍ରମ କୁମାର ଆଚାରୀ ଉପସ୍ଥିତ ରହି ଏକ ସୌଜନ୍ୟମୂଳକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ। ନୂତନ ପ୍ରଧାନଆଚାର୍ଯ୍ୟ ଗଞ୍ଜାମର ହିଞ୍ଜିଳିକାଟୁରେ ପ୍ରଧାନ ଆଚାର୍ଯ୍ୟ ଭାବେ କାର୍ଯ୍ୟରତ ଥିଲେ । ପ୍ରକାଶ ଥାଉକି, ଶ୍ରୀ ପାଢ଼ୀ ପୂର୍ବରୁ ଫୁଲବାଣୀ ଶିଶୁ ମନ୍ଦିରରେ ଆରମ୍ଭରୁ ଆଚାର୍ଯ୍ୟ ଭାବେ କାମ କରି ପ୍ରଧାନ ଆଚାର୍ଯ୍ୟ ଦାୟିତ୍ୱ ମଧ ତୁଲାଇ ଥିଲେ । ତାଙ୍କର ପୁନଃ ଯୋଗଦାନକୁ ସବୁ ମହଲରୁ ସ୍ୱାଗତ କରାଯାଇଛି । ସହରର ସବୁଠୁ ଗୁଣାତ୍ମକ ଓ ସଂସ୍କୃତି ଆଧାରିତ ଶିକ୍ଷା ପ୍ରଦାନ କରୁଥିବା ଏହି ଅନୁଷ୍ଠାନ ଶ୍ରୀ ପାଢ଼ୀଙ୍କ ସମୟରେ ଅଧିକ ସକ୍ରିୟ ହୋଇପାରିବ ବୋଲି ଉପସ୍ଥିତ ବକ୍ତାମାନେ ଆଶା ପୋଷଣ କରିଛନ୍ତି। ସେହିପରି ବିଦାୟୀ ପ୍ରଧାନ ଆଚାର୍ଯ୍ୟ ବିଷୋୟୀ ଗଂଜାମର ଢ଼େଙ୍ଗାଓସ୍ତାକୁ ବଦଳି ହୋଇଛନ୍ତି।

# ପୁସ୍ତକ ଉନ୍ମୋଚନ ଓ ବୁଦ୍ଧିଜୀବି ସମ୍ମିଳନୀ

କେନ୍ଦ୍ରାପଡ଼ା,୨୦/୦୬ (ନି.ପ୍ର):- ସାମାଜିକ ଅନୁଷ୍ଠାନ ଜୟରାଷ୍ଟ୍ର ଓ ଡ଼ଃ ହେଡଗେୱାର ସେବା ସମିତିର ମିଳିତ ଆନୁକୂଲ୍ୟରେ ଏକ ବୁଦ୍ଧିଜୀବି ସମ୍ମିଳନୀ ଓ ଆଲୋଚନା ଚକ୍ର ସହ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ସାନ୍ତସାହି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାମ୍ବାଦିକ ମାତୃଦତ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଆଇନଜୀବି ସଂଜୟ କୁମାର ପତ୍ରୀ “ସମ୍ମାନ ନାଗରିକ ସଂହିତା” ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଦେଶର ଅଖଣ୍ଡତା, ପ୍ରଗତି, ସମୃଦ୍ଧି ଓ ସୁରକ୍ଷା ଦୃଷ୍ଟିରୁ ସମସ୍ତ ନାଗରିକଙ୍କ ପାଇଁ ସମାନ ନାଗରିକ ସଂହିତା ଅତ୍ୟନ୍ତ ଜରୁରୀ ବୋଲି ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଲେଖକ ତନ୍ମୟ ମହାପାତ୍ରଙ୍କ ଏକାତ୍ମ ମାନବ ଦର୍ଶନ, ପଥିତ ଓ ପାଥେୟ ଓ ସ୍ୱାଧିନତା ସମରରେ ଓଡିଶାର ଅମର ଯୋଦ୍ଧା ପୁସ୍ତକ ଗୁଡିକୁ ଉନ୍ମୋଚନ କରାଯାଇଥିଲା । ଜିଲ୍ଲା ସଂଘ ଚାଳକ ନିହାର ରଞ୍ଜନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସାମାଜିକ କର୍ମୀ ରଶ୍ମି ରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମରେ ସୂଚନା ପ୍ରଦାନ କରିଥିଲେ । ଆଇନଜୀବି କ୍ଷିତିଶ ସିଂହ ଅତିଥି ପରିଚୟ ଓ ଜ୍ଞାନେନ୍ଦ୍ର ମହାନ୍ତି ପୁସ୍ତକ ସମୀକ୍ଷା କରିଥିବାବେଳେ ଭବତୋଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ର, ଶିକ୍ଷକ, ଅଧ୍ୟାପକ, ଆଇନଜୀବି ଓ ବୁଦ୍ଧିଜୀବି ମାନେ ଅଂଶ ଗ୍ରହଣ କରିଥିଲେ ।

# ସେଲସ ରିପ୍ରେଜେଂଟିଭ ୟୁନିୟନ ଜୟପୁରର ବିକ୍ଷୋଭ ଶୋଭାଯାତ୍ରା

ଜୟପୁର,୨୦/୦୬ (ନି.ପ୍ର): ଓଡିଶାର ସେଲସ ରିପ୍ରେଜେଂଟିଭ ୟୁନିୟନ ଜୟପୁର ଶାଖା ତରଫରୁ ଏକ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ବାଇକ ଶୋଭାଯାତ୍ରା ମହିଳା ମହାବିଦ୍ୟାଳୟରୁ ବାହାରି ମୁଖ୍ୟ ରାସ୍ତା, ଏମଜି ରୋଡ, ବେଲ ରୋଡ, ଏନକେଟି ରୋଡ ଦେଇ ରଜାନହର ଛକରେ ପହଂଚି ଥିଲା । ୬୦ ରୁ ଅଧିକ ସଦସ୍ୟ ବାଇକ ଶୋଭାଯାତ୍ରାରେ ସହର ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ । ସେଥିରେ ସେମାନଙ୍କ କୋଡୋଟି ଦାବି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନା କରି କାଯ୍ୟକାରି କରିବା ପାଇଁ ଦାବୀ କରିଥିଲେ । ସେଥି ମଧ୍ୟରୁ ଉତ୍ପାଦନ ଖର୍ଚ୍ଚ ଅନୁଯାୟୀ ଔଷଧର ମୂଲ୍ୟ ନିର୍ଦ୍ଧାରଣ କରିବା, ବନ୍ଦ ହୋଇଯାଇଥିବା ସରକାରି ଔଷଧ ପ୍ରତିଷ୍ଠାନକୁ ପୁନଃ ଉଦ୍ଧାର କରିବା, ଔଷଧ ଶିଳ୍ପରେ ଚାଲିଥିବା ବିଭିନ୍ନ ଅନୀତିକୁ ବନ୍ଦ କରିବା ଏବଂ ବେଆଇନ ନୀତି ବିରୁଦ୍ଧରେ କଡା କଡି ଆଇନ ଲାଗୁ କରିବା, ଅନ ଲାଇନରେ ଔଷଧ ବିକ୍ରି ବନ୍ଦ କରିବା, ଔଷଧକୁ ଜିଏସଟି ଅନ୍ତର୍ଭୁକ୍ତ କରିବା, ଜିଡିପି ୫ ପ୍ରତିଶତ ସ୍ୱାସ୍ଥ୍ୟ ସେବା ପାଇଁ ଖର୍ଚ୍ଚ କରିବା ଏବଂ ଔଷଧର ଅହେତୁକ ମୂଲ୍ୟ ବୃଦ୍ଧି ବନ୍ଦ କରିବାକୁ ୟୁନିୟନ ତରଫରୁ ଦାବୀ କରାଯାଇଛି । ଓଏସପିଏ ଆକ୍ଟକୁ ଉଚ୍ଛେଦ ନକରି କଡ଼ାକଡ଼ି ଭାବେ ଲାଗୁ କରିବାକୁ ଦାବୀ କରାଯାଇଛି ।

# ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନର ସମର କ୍ୟାମ୍ପ ଉଦ୍‌ଯାପିତ

ବଲାଙ୍ଗିର,୨୦/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ତରଫରୁ ସ୍ଥାନୀୟ ରେଲୱେ ଷ୍ଟେସନ ଛକ ସ୍ଥିତ କରାଟେ ସ୍କୁଲରେ ଚାଲିଥିବା ଗ୍ରୀଷ୍ମ କାଳିନ କରାଟେ ଓ ଟାଇକୋଣ୍ଡୋ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ପି.ପି.ଏକାଡେମୀ ହାଇସ୍କୁଲରେ ଅନୁଷ୍ଠିତ ଉଦ୍‌ଯାପନି ଉତ୍ସବର ସିଆରପିଏଫ୍ କମାଣ୍ଡେଂଟ ପବନ ତିୱାରି ମୁଖ୍ୟ ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ଚେୟାରମେନ ଦେବକୀ ସାହୁ, ମହିଳା ମହାବିଦ୍ୟାଳୟ ଅଧକ୍ଷ ମନୋରଂଜନ ମିଶ୍ର ଓ ଶ୍ୱେତା ତିୱାରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କୁ ମାନପତ୍ର ସହ ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ତିୱାରି କହିଥିଲେ ଯେ କରାଟେ ଓ ଟାଇକୋଣ୍ଡୋରେ ଦକ୍ଷତା ହାସଲ କରିଥିବା ଖେଳାଳିମାନଙ୍କୁ ପୋଲିସ ବିଭାଗର ଚାକିରି କ୍ଷେତ୍ରରେ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ । ଏହି କରାଟେ ଅନୁଷ୍ଠାନ ପାଇଁ ନିଜସ୍ୱ ଏକ ଇଣ୍ଡୋର ହଲର ବ୍ୟବସ୍ଥା ସରକାର କରିପାରିଲେ ଜିଲ୍ଲା ଯୁବ ଭାଇ ଭଉଣୀମାନେ କରାଟେ ଓ ଟାଇକୋଣ୍ଡୋରେ ନିଜର ଭବିଷ୍ୟତ ଗଠନ କରିବାରେ ସଫଳ ହୋଇ ପାରିବେ ବୋଲି କୋଚ ଅସୀମ ଭୋଇ ନିଜ ବକ୍ତବ୍ୟରେ କହିଥିଲେ । ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନର ପ୍ରତିଷ୍ଠାତା ତଥା ଟାଇକୋଣ୍ଡୋ କୋଚ ଅସୀମ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମନପ୍ରୀତ କୌର ପରିଚାଳନା କରିଥିବା ବେଳେ ସୁଶାନ୍ତ ମୁଗ୍ରୀ, କରନ ନନ୍ଦ, ନରେନ୍ଦ୍ର ବରାଡ ଓ ଜୟନ୍ତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ।

# ଘର ବିକିବାକୁ କହି ୧୬ ଲକ୍ଷ ଠକେଇ ଅଭିଯୋଗ

ଗଞ୍ଜାମ,୨୦/୦୬ (ନି.ପ୍ର) : ଘର ବିକିବାକୁ କହି ବ୍ରହ୍ମପୁର ସହର ଉପକଣ୍ଠ କୃଷ୍ଣଚନ୍ଦ୍ର ନଗରଡିହର ସଂଯୁକ୍ତା ଶତପଥୀଙ୍କ ଠାରୁ ୧୬ ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତ ମାନେ ଟଙ୍କା ନେବା ପରେ ସେହି ଘରକୁ ଅନ୍ୟ ଜଣଙ୍କୁ ବିକିବାକୁ ଯୋଜନା କରୁଥିବା ସଦର ଥାନାରେ ଅଭିଯୋଗ ହୋଇଛି । ବ୍ରହ୍ମପୁର ସଦର ଥାନା ପୋଲିସ ଏ ସଂକ୍ରାନ୍ତରେ କେସ୍ ନଂ ୨୫୨/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ସଂଯୁକ୍ତା ୩ ବର୍ଷ ତଳେ ଶକ୍ତିନଗର ଠାରେ ଏକ ଘର କିଣିବା ପାଇଁ ଅଭିଯୁକ୍ତ ସହ ଯୋଗାଯୋଗ କରିଥିଲେ । ଘରକୁ ୪୨ ଲକ୍ଷରେ କିଣିବେ ବୋଲି ସ୍ଥିର ହୋଇଥିଲା । ସେହି ଅନୁସାରେ ସଂଯୁକ୍ତା ଓ ତାଙ୍କ ସ୍ୱାମୀ କିସ୍ତିରେ ଅଭିଯୁକ୍ତଙ୍କୁ ୧୬ ଲକ୍ଷ ଟଙ୍କା ଦେଇଥିଲେ । ତେବେ ଇତିମଧ୍ୟରେ ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ଅଭିଯୁକ୍ତ ଘର ବିକ୍ରୀ କରିନଥିଲେ । ସଂଯୁକ୍ତା ଏବେ ଜାଣିବାକୁ ପାଇଛନ୍ତି, ସେ କିଣିବାକୁ ଥିବା ଘରକୁ ଅନ୍ୟ ଜଣଙ୍କୁ ବିକ୍ରୀ ପାଇଁ ଯୋଜନା ଚାଲିଛି । ସଂଯୁକ୍ତା ଏ ସମ୍ପର୍କରେ ଅଭିଯୁକ୍ତଙ୍କୁ ପଚାରିବାରେ ସେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଛି । ପୋଲିସ ଘଟଣାର ତଦନ୍ତ କରୁଛି ।

# ରାଜ୍ୟ ଯାଦବ ବୁଦ୍ଧିଜିବୀ ମଂଚ କାର୍ଯ୍ୟକାରୀ ବୈଠକ


ବଲାଙ୍ଗିର,୨୦/୦୬ (ନି.ପ୍ର): ସ୍ଥାନୀୟ ଅମଲା ଭବନ ବଲାଙ୍ଗିର ଠାରେ ରାଜ୍ୟ ଯାଦବ ବୁଦ୍ଧିଜିବୀ ମଂଚର କାର୍ଯ୍ୟକାରୀ ସଦସ୍ୟ ଏବଂ କର୍ମକର୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ରାଜ୍ୟ ସଭାପତି ଛବିଳ ବଗର୍ତି ଅଧକ୍ଷତା କରିଥିଲେ ଏବଂ ବଲାଙ୍ଗିର ଜିଲ୍ଲା ସଭାପତି ବିରେନ୍ଦ୍ର କୁମାର ବନ୍‌ଛୋର ସଭା ପରିଚାଳନା କରିଥିଲେ । ରାଜ୍ୟ ଆବାହକ ଧ୍ରୁବଳେଶ୍ୱର ନାଗ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ବନ୍ଧରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ସଭାରେ ଉପସ୍ଥିତ ସଭ୍ୟ ଓ ସଭ୍ୟାମାନଙ୍କର ସବିଶେଷ ଆଲୋଚନା ପରେ ଭୁବନେଶ୍ୱର ଠାରେ ମଂଚର ରାଜ୍ୟ କାର୍ଯ୍ୟାଳୟ ଆସନ୍ତା ଜୁଲାଇ ମାସରେ ଦ୍ୱିତୀୟ ସପ୍ତାହରେ ଉଦ୍‌ଘାଟନ କରିବା ପାଇଁ ନିଷ୍ପତି ନିଆଗଲା । ତତ୍ ସଙ୍ଗେ ସଙ୍ଗେ ରାଜ୍ୟ ବୁଦ୍ଧିଜିବି ମଂଚର ପ୍ରତିଷ୍ଠା ଦିବସ ଆସନ୍ତା ଅଗଷ୍ଟ ମାସର ୨୯ ତାରିଖରେ ମହା ଆଡମ୍ବରରେ ଭବାନିପାଟଣାର ପୌରାଂଚଳର ଅଧକ୍ଷା ସଂଯୁକ୍ତା ବେହେରାଙ୍କୁ ମଂଚ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଉକ୍ତ ବୈଠକରେ ବେଲପଡା, ସିଡିପିଓ ମୃଣ୍ମୟୀ ଭୋଇ,ଆଇନଜିବି ଇଲା ସେଲମା ନାଏକ, ଅଧ୍ୟାପକ ପ୍ରତିମା ହେର୍ଣ୍ଣା, ଅଧ୍ୟାପକ ଦିବାକର ପୋଡ, ଅଧ୍ୟାପକ କବିରାଜ ଭୋଇ, ଅଧ୍ୟାପକ ଶ୍ରବଣ କୁମାର ଖୁଣ୍ଟେ, ଅଧ୍ୟାପକ ଦିଲେଶ୍ୱର ନିଆଲ, ଅଧ୍ୟାପକ ଜ୍ୟୋତିର୍ଣ୍ଣ ବନଛୋର, ଆଇନଜିବି ତପନ ଯୁଆଡି, ପୌରାଂଚଳ ସଭାପତି ପଙ୍କଜ ସେଲମା, ଘାସିରାମ ଦିପ, ଆକୁଳ ବଗର୍ତି, ବେଣୁଧର ହାତୀ, ବିନୋଦ କାଲସାଏ, ମକରଧ୍ୱଜ କାଲସାଏ, ଆଇନଜିବି ରାଜେଶ ଦିପ, ଅଧ୍ୟାପକ ସତ୍ୟ ବଗର୍ତି, ପ୍ରଶାନ୍ତ ମହାକୁର, ଅଷ୍ଟମୀ ବଗର୍ତି, ଦୁତିବାହାଲ ଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ପର୍ଯ୍ୟାୟ କୃଷି ସେବା ସମବାୟ ସମିତି ନିର୍ବାଚନ

ଧର୍ମଶାଳା,୨୦/୦୬ (ନି.ପ୍ର): ଆଜି ପ୍ରଥମ ପର୍ଯ୍ୟାୟ ପ୍ରାଥମିକ କୃଷି ସମବାୟ ସମିତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଯାଜପୁର ଜିଲା ଧର୍ମଶାଳା ଓ ରସୁଲପୁର ବ୍ଲକରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ସମାପ୍ତ ହୋଇଛି । ଧର୍ମଶାଳା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୮ଟି ସମିତି ମଧ୍ୟରୁ ୫ଟି ସମିତିର ୧୪ଟି ଜୋନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ୨ଟି ସମବାୟ ସମିତିରେ ସଭାପତିମାନେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିବାବେଳେ ଗୋଟିଏ ସମିତିର ସଭାପତି ପ୍ରାର୍ଥୀ ପାଇଁ ପ୍ରତିଦ୍ୱନ୍ଦିତା ହେଉଥିବାରୁ ଚଳିତ ମାସ ୨୨ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ଆଜି ଧର୍ମଶାଳା ବ୍ଲକର ୫ଟି ସମବାୟ ସମିତିର ୧୪ଟି ଜୋନରେ ବୋର୍ଡ ସଦସ୍ୟ ପାଇଁ ନିର୍ବାଚନ ଶେଷହୋଇଛି । ସକାଳ ୭ଟାଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇଥିଲା । ଭୋଟରମାନେ ଭୋଟଗ୍ରହଣ କେନ୍ଦ୍ରକୁ ଆସି ନିଜର ଭୋଟ ଦେଉଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପୁଲିସ ପକ୍ଷରୁ କଡା ପଦକ୍ଷେପ ନିଆଯାଇଥିଲା ।


ସେହିପରି ରସୁଲପୁର ବ୍ଲକ ବ୍ରହ୍ମବରଦା ପ୍ରାଥମିକ କୃଷି ସମବାୟ ସମିତିର ନିର୍ବାଚନ ରହାନୀ ସଦ୍ରାସାଠାରେ ଅନୁଷ୍ଠିତ ହୋଇଥିଲା । ଏହି ସମବାୟ ସମିତି ଅଧିନରେ ବ୍ରହ୍ମବରଦା ସମେତ ମହେଶ୍ୱରପୁର ଓ ବନ୍ଧଡିହ ପଂଚାୟତ ରହିଛି । ମୋଟ ୧୫ଗୋଟି ଜୋନ ରହିଥିବା ବେଳେ ପୂର୍ବରୁ ୧୦ ଗୋଟି ଜୋନରେ ବୋର୍ଡ ସଭ୍ୟାମାନେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ତେବେ ଅନ୍ୟ ୫ ଗୋଟି ବୋର୍ଡ ସଭ୍ୟ ପାଇଁ ଆଜି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଠାରେ ୧୪୭ ଜଣ ଭୋଟର ଥିବା ଜଣାପଡିଛି । ତେବେ ନିର୍ବାଚନ ପରିଚାଳନା ପାଇଁ ଧର୍ମଶାଳା ଥାନା ଓ ବ୍ରହ୍ମବରଦା ଫାଣ୍ଡି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଭୋଟ କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଥିବା ଜଣାପଡିଛି ।

# ହୃଦରୋଗ



ହୃଦରୋଗ ହେଉଛି ମୃତ୍ୟୁର ଅନ୍ୟତମ ପ୍ରଧାନ କାରଣ । ଭାରତରେ ହୃଦରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି । ଏପରିକି ଆଉ କିଛି ବର୍ଷ ଭିତରେ ପୃଥିବୀର ସବୁଠାରୁ ବେଶି ହୃଦରୋଗୀ ରହିଥିବେ ଭାରତରେ । ଏବେ ସେମାନଙ୍କ ସଂଖ୍ୟା ୫କୋଟିକୁ ଟପିଗଲାଣି । ବେଳ ଥିଲା ଯେତେବେଳେ ହୃଦରୋଗ ଥିଲା ବୟସ୍କ ବ୍ୟକ୍ତିମାନଙ୍କ ରୋଗ । କିନ୍ତୁ ସମ୍ପ୍ରତି ଏଥିରେ ଆକ୍ରାନ୍ତ ହୋଇପଡ଼ିଲେଣି କିଶୋର ଓ ଯୁବଗୋଷ୍ଠୀ । ଗବେଷଣାରୁ ଏହା ପ୍ରମାଣିତ ଯେ, ହୃଦରୋଗର ମୂଳଦୂଆ ପଡ଼ିଯାଏ ପିଲା ବୟସରେ । ତେଣୁ ଏହି ରୋଗରୁ ସୁରକ୍ଷିତ ରହିବା ନିମନ୍ତେ ବାଲ୍ୟକାଳରୁ ହିଁ ଉଦ୍ୟମ ଜାରି ରଖିବା ବାଞ୍ଛନୀୟ । ମନେ ରଖିବାର କଥା ଯେ, ସୁସ୍ଥ ଶରୀର, ସୁସ୍ଥ ମନ, ସୁସ୍ଥ ସାମାଜିକ ସମ୍ପର୍କ ଏବଂ ସୁସ୍ଥ ଚିନ୍ତା ତଥା ମନୋଭାବ ହେଉଛି ହୃତପିଣ୍ଡକୁ ସୁସ୍ଥ ରଖିବାର ପ୍ରଧାନ ଅବଲମ୍ବନ । ଅନ୍ୟପକ୍ଷରେ ଅଳସ ଅବଲମ୍ବନ । ଅନ୍ୟପକ୍ଷରେ ଅଳସ ଜୀବନଶୈଳୀ, ଅଣ ଅନୁମୋଦିତ ଖାଦ୍ୟାଭାସ, ଧୂମପାନ, ଅତ୍ୟଧିକ ମାନସିକ ଚାପ ଓ ମେଦବହୁଳତା ହୃତପିଣ୍ଡକୁ ଅସୁସ୍ଥ କରିଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଡାଇବେଟିସ୍, ଉଚ୍ଚ ରକ୍ତଚାପ ଓ ରକ୍ତରେ କୋଲେଷ୍ଟ୍ରଲ ମାତ୍ରା ବୃଦ୍ଧି ହୃଦରୋଗ ଜାତ ହେବାର ଆଶଙ୍କାକୁ ବଢ଼େଇ ଦିଏ । ପିଲା ବୟସରେ ଓଜନ ବୃଦ୍ଧି ବା ପୃଥୁଳତା ପ୍ରକାଶ ପାଇଥିଲେ ୬୫ ବର୍ଷ ବୟସରେ ପହଞ୍ଚିବାବେଳକୁ ସେମାନଙ୍କର ହାର୍ଟ ଆଟାକ କିମ୍ବା ଷ୍ଟ୍ରୋକ୍ ହେବାର ସମ୍ଭାବନା ତିନିରୁ ପାଞ୍ଚ ଗୁଣ ବୃଦ୍ଧି ପାଇଥାଏ । ଏବେ ପ୍ରଶ୍ନ ଉଠେ କି କି ସାବଧାନତା ଅବଲମ୍ବନ କଲେ ବା କେଉଁ ପ୍ରକାରର ପଦକ୍ଷେପମାନ ନେଲେ ହୃଦରୋଗ ସୃଷ୍ଟିକୁ ବହୁଳାଂଶରେ ନିବାରଣ କରାଯାଇପାରିବ ।

**ଖାଦ୍ୟ:** ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ମ ଲାଗିଥିବା କୁକୁଡ଼ା ମାଂସ ଓ ଚର୍ବି ଲାଗିଥିବା ଛେଳି ମାଂସ କିମ୍ବା ମେଣ୍ଢା ମାଂସରେ ରହିଛି କ୍ଷତିକାରକ ପ୍ରଭାବ । ଅଣ୍ଡାର କେଶର, ଚିଙ୍ଗୁଡ଼ି, କଙ୍କଡ଼ା, ଲହୁଣି, ଘିଅ ଇତ୍ୟାଦିରୁ ମିଳୁଥିବା କୋଲେଷ୍ଟ୍ରଲ ପରିମାଣ ଅଧିକ ହୋଇଥିବାରୁ ଏହା ଆଦୌ ଅନୁକୂଳ ନୁହେଁ । ସେହିପରି ବେଶି ଚିନି, ଗୁଡ଼ କିମ୍ବା ମିଷ୍ଟାନ୍ନ ଜାତୀୟ ଖାଦ୍ୟ ଖାଇଲେ ସେଥିରେ ଥିବା ଶ୍ୱେତସାର ଚର୍ବିରେ ପରିଣତ ହୋଇ ଦେହରେ ଜମିଯାଏ ଓ ହୃଦରୋଗ ସୃଷ୍ଟିକୁ ପ୍ରୋତ୍ସାହନ ଦିଏ । ବେଶି ଲୁଣ, ଫାଷ୍ଟ ଫୁଡ, ଜଙ୍କ ଫୁଡ ଏବଂ ଡବାରେ ବନ୍ଦ ହୋଇ ବିକ୍ରି ହେଉଥିବା ଖାଦ୍ୟ ମଧ୍ୟ ହୃତପିଣ୍ଡର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।






ପ୍ରତିଦିନ ଯଥେଷ୍ଟ ପରିମାଣର ଫଳ, ଶାଗ ଓ ପନିପରିବା ଖାଇବା ନିରାପଦ । ରୋଷେଇବାସ ପାଇଁ ସୋରିଷ ତେଲ ଓ ସୋୟାବିନ ତେଲ ଭଲ । ବାଦାମ ତେଲ ଓ ସୂର୍ଯ୍ୟମୁଖୀ ତେଲ ମଧ୍ୟ ମନ୍ଦ ନୁହେଁ । କାକୁଡ଼ି, ଟମାଟୋ, ଗାଜର, ମୂଳା, ଧନିଆପତ୍ର ଓ ଲେମ୍ବୁର ସାଲାଡ ମଧ୍ୟ ଅତି ଉପାଦେୟ । ସବୁଦିନେ ମାଛ ଖାଇପାରିଲେ ତାହା ବେଶ ଉପକାରୀ । ହୃଦରୋଗ ସମେତ ସମସ୍ତ ଅଣସଂକ୍ରାମକ ଦୀର୍ଘକାଳିକ ରୋଗଗୁଡ଼ିକୁ ନିବାରଣ କରିବାର ଅଭିନବଜାତ ଖାଦ୍ୟଖାଇବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । କାରଣ ଏଥିରୁ ମିଳୁଥିବା ହାଇଟୋକେମିକାଲ, ଆଣ୍ଟିଅକ୍ସିଡାଣ୍ଟ ଏବଂ ଫାଇଭରସ ବା ଖାଦ୍ୟତନ୍ତୁ ଏଥିରେ ସହାୟକ ହୋଇଥାଏ ।

ଲେମ୍ବୁ, ଟମାଟୋ, କଞ୍ଚାଲଙ୍କା, ବନ୍ଧାକୋବି, ଫୁଲକୋବି, ଶାଗ ଓ ପିଜୁଳିରୁ ମିଳେ ବେଶି ଭିଟାମିନ 'ସି' । ଭିଟାମିନ 'ଇ' ମିଳେ ବିଭିନ୍ନ ଖାଇବା ତେଲ, ମାଛ, ମାଂସ, ଅଣ୍ଡା, ଚାଉଳ, ଗହମ ଓ ଶାଗରୁ । ଶାଗ, ଫଳ, କ୍ଷୀର, ମାଛ ଓ ମାଂସରେ ଥାଏ ଅଧିକ ଫଲିକ ଏସିଡ୍ । ଭିଟାମିନ 'ସି', ଭିଟାମିନ 'ଇ' ଓ ଫଲିକ ଏସିଡ୍ ହୃଦରୋଗ ନିବାରଣ କରେ ।

ପନିପରିବା, ଶାଗ, ଫଳ, ବନ୍ଧାକୋବି, ଫୁଲକୋବି, ଚାଉଳ, ଗହମ, ଡାଲି, କ୍ଷୀର, ଅଣ୍ଡା ଓ ମାଛ, ମାଂସ ଇତ୍ୟାଦି ଯୋଗାଇଥାଏ ହୃଦରୋଗ ବିରୋଧୀ ମ୍ୟାଗ୍ନେସିୟମ, ତମ୍ବା ବା କପର ଏବଂ ଦସ୍ତା ବା ଜିଙ୍କ ।

ଓଜନ ନିୟନ୍ତ୍ରଣ ଶରୀରରେ ଚର୍ବି ଜମିଲେ ଓଜନ ବଢ଼େ । ଓଜନ ବଢ଼ିଲେ ଜାତ ହୁଏ ପୃଥୁଳତା ବା ମେଦବହୁଳତା । ଚର୍ବି ଉପାଦାନ ରକ୍ତନଳୀ ଭିତରେ ଜମିଯାଇ ରକ୍ତନଳୀର ରନ୍ଧ୍ରକୁ ସଂକୁଚିତ କରିଦିଏ । ଫଳରେ ରକ୍ତ ସରବରାହ ବ୍ୟାହତ ହୋଇ ଜାତ ହୁଏ ହୃଦରୋଗ । ତାହାଛଡ଼ା ଅଧିକ ସଂଖ୍ୟକ ଚର୍ବିକୋଷ ନିକଟକୁ ରକ୍ତ ଯୋଗାଇବା, ଓଜନିଆ ଶରୀରକୁ ବୋହି ଚଲାବୁଲା ଓ କାମଧନ୍ଦା କରିବା ଫଳରେ ହୃତପିଣ୍ଡ ଉପରେ ଅଧିକ ଚାପ ପଡ଼େ । ତେଣୁ ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମ କରି ଶରୀରର ଓଜନକୁ ନିୟନ୍ତ୍ରଣ କରିବା ଉଚିତ ।




**ନିୟମିତ ଶାରୀରିକ ପରିଶ୍ରମ ଓ ବ୍ୟାୟାମ:** ନିୟମିତ ଭାବରେ କଠିନ ଶାରୀରିକ, ପରିଶ୍ରମ ଓ ବ୍ୟାୟାମ କରୁଥିଲେ ତାହା ହୃତପିଣ୍ଡ ଓ ରକ୍ତନଳୀକୁ ସୁସ୍ଥ ରଖେ । ଦ୍ରୁତଗତିରେ ଚାଲିବା, ଦୌଡ଼ିବା, ସାଇକେଲ ଚଲେଇ ଯିବା ଆସିବା କରିବା ଓ ପହଁରିବା ହେଉଛି ଭଲ ବ୍ୟାୟାମ । ପ୍ରତିଦିନ ଅନ୍ତତଃ ୩୦ ମିନିଟ ଲେଖାଏଁ ଚାଲିଲେ ଉପକାର ମିଳେ ।

**ଧୂମପାନ ବର୍ଜନ :** ହୃଦରକ୍ତନଳୀ ରୋଗ କରେଇବାରେ ଧୂମପାନ ପ୍ରଧାନ ଖଳନାୟକ । ବିଡ଼ି, ସିଗାରେଟ ଟାଣିବାରେ କୌଣସି ଗୋଟିଏ ହେଲେ ବି ଉପକାର ମିଳି ନଥାଏ । ତେଣୁ ଏହାର ପାଖ ପଶିବା ଉଚିତ ନୁହେଁ ।


**ମାନସିକ ଚାପ ହ୍ରାସ:** ଅତ୍ୟଧିକ ମାନସିକ ଚାପ ହୃଦରୋଗ ସୃଷ୍ଟିରେ ସହାୟମ ହୋଇଥାଏ । ନିୟମିତ ବ୍ୟାୟାମ, ଯୋଗ, ଧ୍ୟାନ ଓ ପ୍ରାର୍ଥନା ତଥା ଜୀବନ ପ୍ରତି ଏକ ସକାରାତ୍ମକ ମନୋଭାବ ପୋଷଣ ଦ୍ୱାରା ମାନସିକ ଚାପକୁ ନିୟନ୍ତ୍ରଣକୁ ଆଣିହୁଏ । ନୈରାଶ୍ୟବାଦୀ ନ ହୋଇ ଆଶାବାଦୀ ହେବାର ସୁଫଳ ବେଶି ।


**ଯୋଗ ଓ ଧ୍ୟାନ:** ହୃଦରୋଗ ଓ ଅନ୍ୟାନ୍ୟ ରୋଗ ନିୟନ୍ତ୍ରଣ କରିବାରେ ଯୋଗ ଓ ଧ୍ୟାନର ଅନୁକୂଳ ଭୂମିକା ରହିଥିବା ସମ୍ପର୍କରେ ଏବେ ପ୍ରମାଣମାନ ମିଳୁଛି । ତେଣୁ ନିୟମିତ ଯୋଗ ଧ୍ୟାନ କରିବା ଉଚିତ ।

**ନିୟମିତ ଡାକ୍ତରୀ ପରୀକ୍ଷା:** ନିୟମିତ ଡାକ୍ତରୀ ପରୀକ୍ଷା କରେଇନେଲେ ସଅଳ ରୋଗ ନିର୍ଣ୍ଣୟ କରିହୁଏ । ରୋଗ ଆରମ୍ଭ ଅବସ୍ଥାରେ ଏହା ଧରାପଡ଼ିଗଲେ ସଅଳ ରୋଗ ନିର୍ଣ୍ଣୟ କରିହୁଏ । ରୋଗ ଆରମ୍ଭ ଅବସ୍ଥାରେ ଏହା ଧରାପଡ଼ିଗଲେ ସଅଳ ଚିକିତ୍ସା ଆରମ୍ଭ କରିବା ସୁଗମ ହୋଇଯାଏ ଏବଂ ରୋଗ ଜଟିଳ ଅବସ୍ଥାରେ ପହଞ୍ଚିପାରେ ନାହିଁ । ଉଚ୍ଚ ରକ୍ତଚାପ, ଡାଇବେଟିସ ଓ ରକ୍ତରେ କୋଲେଷ୍ଟ୍ରଲ ମାତ୍ରାବୃଦ୍ଧି ହୃଦରୋଗକୁ ପ୍ରୋତ୍ସାହନ ଦେଉଥିବାରୁ ବେଳହୁଁ ଏହାର ନିରୂପଣ ଓ ଚିକିତ୍ସା ଅତ୍ୟନ୍ତ ଫଳପ୍ରଦ । ସେହିପରି ଇସିଜି ପରୀକ୍ଷା ମଧ୍ୟ ସଅଳ ହୃଦରୋଗ ନିର୍ଣ୍ଣୟରେ ସହାୟକ ।











# ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ାଏ ଭଲ ପାଇବା



ଭଲପାଇବା ଦମ୍ପତିଙ୍କ ମାନସିକ ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଯୋଗୁ ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ିଥାଏ । ଏ ନେଇ ୱାଶିଂଟନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏଭଳି ଆଚରଣ ଅଧିକ ଦେଖାଯାଏ । ଦାମ୍ପତ୍ୟ ଜୀବନରେ ନିବିଡ଼ ଭଲ ପାଇବା ଯୋଗୁ ମାନସିକ ସ୍ଥିତିରେ ସନ୍ତୁଳନ ସୃଷ୍ଟି ହୁଏ । ଦମ୍ପତି ପରସ୍ପର ବିଷୟରେ ଚିନ୍ତା କରିବା ଛଡ଼ା ଅନ୍ୟ ବାହାର ସମସ୍ୟା ଉପରେ ପ୍ରାୟତଃ ଧ୍ୟାନ ଦେଇ ନଥାନ୍ତି । ଏହା ଯୋଗୁ ମସ୍ତିଷ୍କର ମନେ ରଖିବା ଶକ୍ତି ବଢ଼େ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେଣୁ ହଠାତ୍ କୌଣସି ସମସ୍ୟାରେ ପଡ଼ିଲେ ଏହାକୁ ଦମ୍ପତି ସାହସର ସହିତ ମୁକାବିଲା କରିଥାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ହେଲେ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି ।

# ଚିକେନ ମୋମୋ

**ଆବଶ୍ୟକ ସାମଗ୍ରୀ:** ମଇଦା, ଲୁଣ, ବୋନ୍‌ଲେସ ଚିକେନ, କଟା ଅଦା, କଟା ରସୁଣ, କଟା କଞ୍ଚା ଲଙ୍କା ,କଟା ପିଆଜ ଓ କ୍ୟାପସିକମ୍, ସୟା ସସ୍, ଟମାଟୋ ସସ୍, ଚିଲି ସସ୍ , ଗୋଲମରିଚ ଗୁଣ୍ଡ ଓ ଭିନେଗାର

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ କିଛି ମଇଦା ନିଅନ୍ତୁ। ସେଥିରେ ଅଳ୍ପ ତେଲ ଓ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ସେଥିରେ ପାଣି ମିଶାଇ ଚକଟି ଦିଅନ୍ତୁ। ଚକଟି ସାରିବା ପରେ ତା' ଉପରେ ଅଳ୍ପ ରିଫାଇନ ତେଲ ପକାଇ ଢାଙ୍କି ଦିଅନ୍ତୁ। ଏହା କରିବା ଦ୍ୱାରା ମଇଦାଟି ସଫ୍ଟ ହେବ । ଏହାପରେ ବଜାରରୁ ଆଣି ରଖିଥିବା ବୋନ୍ ଲେସ ଚିକେନକୁ ଧୋଇ ତାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ତାକୁ ଏକ ପାତ୍ରରେ ରଖନ୍ତୁ। ପରେ ମୋମୋ ପାଇଁ ମସଲା ପ୍ରସ୍ତୁତ କରନ୍ତୁ। କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲେ ସେଥିରେ କଟା ଅଦା, କଟା ରସୁଣ, କଟା କଞ୍ଚା ଲଙ୍କା ,କଟା ପିଆଜ ଓ କ୍ୟାପସିକମ୍ ପକାଇ କିଛି ସମୟ ପର୍ଯ୍ୟନ୍ତ ଭାଜନ୍ତୁ। ପରେ ସେଥିରେ ଗ୍ରାଇଣ୍ଡିଂ କରି ରଖିଥିବା ଚିକେନ ପକାଇ ଦିଅନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ, ସୟା ସସ୍, ଟମାଟୋ ସସ୍, ଚିଲି ସସ୍ , ଗୋଲମରିଚ ଗୁଣ୍ଡ ଓ ଭିନେଗାର ପକାଇ କିଛିସମୟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ଏହା ପରେ କରେଇକୁ ତଳକୁ ଓହ୍ଲାଇ ଦିଅନ୍ତୁ ଓ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ପରେ ଚକଟି ରଖିଥିବା ମଇଦାକୁ ପୁରି ଆକାରରେ ବେଲନ୍ତୁ। ତା' ଭିତରେ ମସଲାକୁ ପୁରାଇ ମୋମୋ ଆକାରରେ ଗଢ଼ନ୍ତୁ। ପରେ ଇଟଲି ଛାଞ୍ଚରେ ତେଲ ମାରି ଗଢ଼ି ରଖିଥିବା ମୋମୋକୁ ରଖି ଢାଙ୍କି ଦିଅନ୍ତୁ। ୧୫ରୁ ୨୦ ମିନିଟ୍ ପରେ ଇଟଲି ଛାଞ୍ଚକୁ ତଳକୁ ଓହ୍ଲାଇ ଦିଅନ୍ତୁ। ଇଟଲି ଛାଞ୍ଚର ଢାଙ୍କୁଣିକୁ କାଢ଼ି ମୋମୋ ଗୁଡ଼ିକ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚକେନ ମୋମୋ। ଏହାକୁ ଆପଣ ଚଟଣି ସହିତ ଖାଇପାରିବେ।




# ଶଶକାସନ

## ମହିଳାମାନଙ୍କୁ ଫିଟ ଓ ସୁସ୍ଥ ରଖିବାରେ ଶାଶକାସନ ନିଭାଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ।


***ପ୍ରଣାଳି:*** ପ୍ରଥମେ ବଜ୍ରାସନରେ ବସି ଧୀରେଧୀରେ ପ୍ରଶ୍ୱାସ ନେଇ ହାତ ଦୁଇଟି ଉପରକୁ ଉଠାନ୍ତୁ ।
ଏହାପରେ ନିଶ୍ୱାସ ଛାଡ଼ି ହାତକୁ ଲମ୍ବା ଆଗକୁ ନଇଁ ନଇଁ ଭୂମିରେ ଲଗାନ୍ତୁ ।
ପାପୁଲି, କହୁଣୀ ଓ ମୁଣ୍ଡ ଭୂମିରେ ଲଗାଇ ରଖନ୍ତୁ ।
କିଛି ସମୟ ଏହି ଅବସ୍ଥାରେ ରହି ପୁଣି ବଜ୍ରାସନକୁ ଫେରି ଆସନ୍ତୁ ।

***ଲାଭ:***

ପେଟ, ଅଣ୍ଟା ଓ ନିତମ୍ବର ଚର୍ବି ଦୂର କରେ ।
ଗର୍ଭାଶୟକୁ ଶକ୍ତିଶାଳୀ କରେ ।
ମାନସିକ ରୋଗ, ଚିନ୍ତା, କ୍ରୋଧ ଆଦିକୁ ଦୂର କରେ ।
ଯକୃତ, ଅଗ୍ନାଶୟ ଓ କିଡନୀକୁ ସୁଦୃଢ଼ କରେ ।
ହୃତପିଣ୍ଡର ସ୍ୱାଭାବିକ ମାଲିସ କରେ ।



# ଦାମ୍ପତ୍ୟ ଜୀବନରେ ବାଧକ ନୁହେଁ ଅର୍ଥ



ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ଭଲ ପାଇବାର ଆବଶ୍ୟକତା ରହିଥାଏ । ପରସ୍ପରକୁ ଭଲ ପାଉଥିବା ଦମ୍ପତ୍ତିଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ବାସକରିବା ପାଇଁ ଅର୍ଥ ବାଧକ ସାଜି ନଥାଏ । ତେବେ ସ୍ଥଳ ବିଶେଷରେ ମହିଳା ଓ ପୁରୁଷ ଏକ ଉପଯୁକ୍ତ ସାମାଜିକ ସ୍ଥିତିରେ ପହଞ୍ଚିଲା ପରେ ବିବାହ କରିବାକୁ ମନସ୍ଥ କରିଥାନ୍ତି । ପୁରୁଷମାନେ ନିଜର ଘର, ଗାଡ଼ି, ବ୍ୟାଙ୍କ ବାଲାନ୍ସ ଆଦିକୁ ହାସଲ କରିବା ପରେ ଦାମ୍ପତ୍ୟ ଜୀବନ ବିତାଇବାକୁ ଚିନ୍ତା କରିଥାନ୍ତି । ଏହା ସେମାନଙ୍କର ସ୍ୱାଧୀନ ମନୋଭାବକୁ ସୂଚିତ କରିଥାଏ । ଦାମ୍ପତ୍ୟ ଜୀବନରେ ଶାନ୍ତି ପାଇଁ ପରସ୍ପର ପ୍ରତି ସହାନୁଭୂତି, ନିଜନିଜ ମଧ୍ୟରେ ସହଯୋଗ, ପରସ୍ପରର ମନୋଭାବ ବୁଝିବା ଆଦି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଅର୍ଥ ସୁଖୀ ଦାମ୍ପତ୍ୟ ଜୀବନର ଏକଅଙ୍ଗ । ମାତ୍ର ଏହା ଦ୍ୱାରା ଦାମ୍ପତ୍ୟ ଜୀବନ ପ୍ରଭାବିତ ହୋଇ ନଥାଏ ବୋଲି ଗବେଷକ କହିଛନ୍ତି । ଦମ୍ପତି ଅଳ୍ପ ରୋଜଗାରରେ ମଧ୍ୟ ଶାନ୍ତିରେ ବାସ କରିଥାନ୍ତି । ମାତ୍ର ଅନେକ ସ୍ଥଳେ ଅଧିକ ଆୟ ସତ୍ତ୍ୱେ ଦମ୍ପତିଙ୍କ ମଧ୍ୟରେ ତାଳମେଳ ରହି ନଥାଏ । ସେମାନଙ୍କ ମଧ୍ୟରେ ଅସହିଷ୍ଣୁ ଭାବ ପରିପ୍ରକାଶ ହୋଇଥାଏ । ଫଳରେ ଦାମ୍ପତ୍ୟ ଜୀବନର ଶାନ୍ତି ଭଙ୍ଗ ହୋଇଥାଏ ।

# ସବୁଦିନ ନିଜ ବିବାହ ପୋଷାକ ପିନ୍ଧୁଛନ୍ତି ମହିଳା



ବିବାହ କିମ୍ବା ସ୍ୱତନ୍ତ୍ର ଉତ୍ସବରେ ବର କନ୍ୟା ନିଜ ପାଇଁ ସ୍ୱତନ୍ତ୍ର ପୋଷାକ ତିଆରି କରାଇଥାନ୍ତି । ହେଲେ ଏହି ପୋଷାକକୁ କେବଳ ଥରେ ପିନ୍ଧା ଯାଇଥାଏ ପରେ ଏହାକୁ ଆଲମାରିରେ ସାଇତି ରଖାଯାଇଥାଏ । ହେଲେ ଅଷ୍ଟ୍ରେଲିଆର ୪୩ ବର୍ଷିୟା ଏହି ମହିଳା ଜଣକ ନିଜ ବିବାହ ପୋଷାକକୁ ସବୁଦିନ ପିନ୍ଧୁଛନ୍ତି । ଆଡିଲେଡ ସହରରେ ରହୁଥିବା ଟୋମି ଯେବେ ବି ବାହାରକୁ ଯାଆନ୍ତି ସେତେବେଳେ ସେ ବିବାହ ପୋଷାକଟିକୁ ପିନ୍ଧିଥାନ୍ତି । ଏପରିକି ମାଛ ଧରିବା, ଫୁଟବଲ ଖେଳିବାକୁ ଗଲା ବେଳେ ମଧ ସେ ଏହା ପିନ୍ଧନ୍ତି । ଏହା ପଛର କାରଣ ଭାରତ ସହ ଜଡ଼ିତ । ୨୦୧୬ରେ ଟୋମି ଭାରତ ଗସ୍ତରେ ଆସିଥିଲେ । ଏହି ସମୟରେ ସେ ଅନୁଭବ କରିଥିଲେ ଯେ, ନିଜେ ନୂଆ ପୋଷାକ ଏବଂ ଜୋତାରେ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି । ପରେ ସେ ନିଜ ମନ ବଦଳାଇଥିଲେ । ଏବଂ ଅଯଥା ଖର୍ଚ୍ଚ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ । ଟୋମି ନିଜ ବିବାହ ପୋଷାକ ବାବଦରେ ଖର୍ଚ୍ଚ କରିଥିଲେ ପାଖାପାଖି ୮୬ ହଜାର ଟଙ୍କା । ସେ ସ୍ଥିର କରିଥିଲେ ଏହି ଟଙ୍କାର ପ୍ରକୃତ ମୂଲ୍ୟକୁ ସେ ଅସୁଲ କରିବେ । ତେଣୁ ଦୈନିକ ନିଜ ପୋଷାକ ୨୦୧୮ ଅକ୍ଟୋବରରୁ ସେ ପିନ୍ଧି ଆସୁଛନ୍ତି ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୧ ଜୁନ୍ ୨୦୨୨, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସନ୍ତୁଳନ ଆବଶ୍ୟକ...

ପରିବେଶର ସୁରକ୍ଷାକୁ ନେଇ ସମଗ୍ର ବିଶ୍ୱରେ ଅନେକ ବିଚାରାଲୋଚନା ଚାଲୁ ରହିଥିବା ବେଳେ ଦିନକୁ ଦିନ ନୂଆ ନୂଆ ସମସ୍ୟା ସାମନାକୁ ଆଣୁଛନ୍ତି ପରିବେଶ ବିଜ୍ଞାନୀ ଓ ପରିବେଶପ୍ରେମୀମାନେ। ଏଇ ମାତ୍ର ଅଳ୍ପ କେତେଦିନ ପୂର୍ବେ ଜାଣିବାକୁ ମିଳିଛି ଯେ ବର୍ଷ ସାରା ତୁଷାରାବୃତ୍ତ ହୋଇ ରହୁଥିବା ଆଣ୍ଟାର୍କଟିକା ଅନ୍ତର୍ଗତ ରସ୍ ଦ୍ୱୀପପୁଞ୍ଜ ଅଂଚଳର ୧୯ଟି ସ୍ଥାନରେ ହୋଇଥିବା ତୁଷାର ପାତର ନମୁନାରେ ପ୍ରଥମଥର ପାଇଁ ମାଇକ୍ରୋପ୍ଲାଷ୍ଟିକ୍ ବା ପ୍ଲାଷ୍ଟିକର ଅଣୁ ଆକାରର ଉପାଦାନମାନ ଦେଖିବାକୁ ମିଳିଛି, ଯାହା ଆକାରରେ ଗୋଟିଏ ଚାଉଳ ଦାନାଠାରୁ ମଧ୍ୟ ଛୋଟ। ଏହି ତଥ୍ୟ ପ୍ରକାଶ ପାଇଛି କ୍ରାୟୋସ୍ପିୟର ମୁଖପତ୍ରରେ। ଏଥିରେ ଉଲ୍ଲେଖ କରାଯାଇଛି ଯେ ଉପରୋକ୍ତ ଦ୍ୱୀପପୁଞ୍ଜ ଅଂଚଳରୁ ସଂଗୃହୀତ ଗୋଟିଏ ଲିଟର ତରଳ ବରଫ ପିଛା ହାରାହାରି ୨୯ଟି ମାଇକ୍ରୋପ୍ଲାଷ୍ଟିକ ଉପାଦାନ ରହିଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ଅବଶ୍ୟ ବୈଜ୍ଞାନିକମାନେ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଯେ ରସ୍ ସାଗର ଏବଂ ଆଣ୍ଟାର୍କଟିକା ସାଗରକୁ ଘେରି ରହିଥିବା ସାମୁଦ୍ରିକ କ୍ଷେତ୍ରରେ ଅତ୍ୟଧିକ ପରିମାଣର ବର୍ଜ୍ୟବସ୍ତୁ ଜମା ହୋଇ ରହିଛି। ସୂଚନାଯୋଗ୍ୟ ଯେ ଦକ୍ଷିଣ ଭାଗରେ ରହିଥିବା ଆଣ୍ଟାର୍କଟିକାରେ ବାସ୍ତବରେ କେହି ବାସ କରନ୍ତି ନାହିଁ। ତଥାପି ପରିବେଶର ସନ୍ତୁଳନ ବଜାୟ ରଖିବା କ୍ଷେତ୍ରରେ ଏହାର ଭୂମିକାକୁ ଆଦୌ ଗୌଣ ବିବେଚନା କରାଯାଇପାରିବ ନାହିଁ।

ସେହିପରି ପରିବେଶ ସମ୍ପର୍କିତ ଅନ୍ୟ ଏକ ଚିନ୍ତା ଉଦ୍ରେକକାରୀ ପ୍ରସଙ୍ଗ ସର୍ବ ସମ୍ମୁଖରେ ଉପସ୍ଥାପନ କରିଛି ନିକଟରେ ପ୍ରକାଶ ପାଇଥିବା ପରିବେଶ ପ୍ରଦର୍ଶନ ସୂଚକାଙ୍କ (ଇପିଆଇ)-୨୦୨୨, ଯାହା ଅନେକଗୁଡ଼ିଏ ସୂଚକ ଆଧାରରେ ୧୮୦ଟି ଦେଶଙ୍କର ଏକ ତାଲିକା ପ୍ରସ୍ତୁତ କରିଥାଏ। ଚଳିତଥର ତାଲିକାରେ ଭାରତର ସ୍ଥାନକୁ ଉତ୍ସାହଜନକ କୁହାଯାଇପାରିବ ନାହିଁ, କାରଣ ଏହା ରହିଛି ନିମ୍ନରେ। ଜଳବାୟୁ ପରିବର୍ତ୍ତନ, ପାରିବେଶିକ ସ୍ୱାସ୍ଥ୍ୟ ଏବଂ ପରିସ୍ଥାନିକ ବ୍ୟବସ୍ଥାର ମହତ୍ତ୍ୱ ଉପରେ ବିଭିନ୍ନ ଦେଶ ହାସଲ କରିଥିବା ପ୍ରଗତିକୁ ମାପ କରିବା ନିମନ୍ତେ ଇପିଆଇ ୧୧ ଟି 'ପ୍ରସଙ୍ଗ ବର୍ଗ' ମଧ୍ୟରେ ୪୦ଟି ପ୍ରଦର୍ଶନ ସୂଚକକୁ ବ୍ୟବହାର କରିଛି। ତାଲିକାରେ ଶୀର୍ଷରେ ଡେନ୍‌ମାର୍କ ରହିଥିବାବେଳେ ପଛକୁ ପଛ ରହିଛନ୍ତି ଯୁକ୍ତରାଜ୍ୟ (ୟୁକେ) ଏବଂ ଫିନଲ୍ୟାଣ୍ଡ। ଏହାର କାରଣ ଏହିସବୁ ଦେଶ ନିକଟ ଅତୀତର ବର୍ଷମାନଙ୍କରେ ପ୍ରଭୂତ ପରିମାଣରେ ସବୁଜଗୃହ ବାଷ୍ପର ନିର୍ଗମନକୁ ହ୍ରାସ କରି ପାରିଛନ୍ତି। ତାଲିକାରେ ସବୁଠୁ ଖରାପ ପ୍ରଦର୍ଶନ କରିଥିବା ଦେଶମାନଙ୍କ ମଧ୍ୟରେ ରହିଛନ୍ତି- ଭାରତ, ମିଆଁମାର, ଭିଏତ୍‌ନାମ୍, ବାଂଲାଦେଶ ଏବଂ ପାକିସ୍ତାନ। ତେବେ ଏସବୁ ଭିତରେ ସବୁଠୁ ଯାହା ବେଶୀ ଚିନ୍ତାର କାରଣ, ତାହା ହେଉଛି-ଭାରତ ଲଗାତାର ଭାବରେ ଖରାପ ପ୍ରଦର୍ଶନ କରି ଚାଲିଛି। ଉଲ୍ଲେଖଯୋଗ୍ୟ କି, ୨୦୨୦ ସୂଚକାଙ୍କରେ ଭାରତ ୧୮୦ ଦେଶଙ୍କ ତାଲିକାରେ ୧୬୮ ତମ ସ୍ଥାନରେ ରହିଥିଲା। ଦ୍ରୁତ ବେଗରେ ବୃଦ୍ଧି ପାଇ ଚାଲିଥିବା ସବୁଜଗୃହ ବାଷ୍ପ ନିର୍ଗମନ, ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ ସୃଷ୍ଟି ଏବଂ ଅବକ୍ଷୟଯୁକ୍ତ ବାୟୁର ମାନ ଭାରତକୁ ତାଲିକାର ନିମ୍ନ ଭାଗରେ ସ୍ଥାନିତ କରି ଆସୁଛି। ତେବେ ପରିବେଶରେ ପରିବର୍ତ୍ତନ ଆଣିବାପାଇଁ ପ୍ରତିଶ୍ରୁତିବଦ୍ଧ ଭାବରେ ଭାରତ କାମ କରି 'ପ୍ରଗତି' ହାସଲ କରୁଥିବା ସମ୍ପର୍କରେ ଭିନ୍ନ ଭିନ୍ନ ସମୟରେ ଯାହା କୁହାଯାଉଛି, ଉପରୋକ୍ତ ତାଲିକାର ତଥ୍ୟ ତାର ସମ୍ପୂର୍ଣ୍ଣ ବିପରୀତବସ୍ଥାକୁ ବୟାନ କରୁଛି। ବିଶ୍ୱ ପରିବେଶ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ ଯେ ଭାରତ ଧାର୍ଯ୍ୟ କରାଯାଇଥିବା ସମୟର ପାଂଚ ମାସ ପୂର୍ବରୁ ପେଟ୍ରୋଲରେ ୧୦ ପ୍ରତିଶତ ଇଥାନଲ ମିଶାଇବାର ଲକ୍ଷ୍ୟକୁ ହାସଲ କରିପାରିଛି। ମାର୍ଚ୍ଚ ମାସରେ ମୋଦୀ ସରକାର ଦାବି କରିଥିଲେ କି ପ୍ୟାରିସ୍ ରାଜିନାମାର କେନ୍ଦ୍ରସ୍ଥଳୀରେ ରହିଥିବା ଜାତୀୟ ପ୍ରତିବଦ୍ଧତା ଅବଦାନର ସୀମାକୁ ହାସଲ କରିବା ଦିଗରେ ଭାରତ ଅଗ୍ରସର ହେଉଛି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ କେନ୍ଦ୍ର ସରକାର ଏହି ଇପିଆଇର କେତେକ ସୂଚକକୁ 'ବାଗାଡ଼ମ୍ବର ଏବଂ ଆଶଙ୍କା ଆଧାରିତ ତଥା ଅବୈଜ୍ଞାନିକ ପ୍ରଣାଳୀରେ ପ୍ରସ୍ତୁତ କରାଯାଇଥିବା କହିବା ସଙ୍ଗେ ସଙ୍ଗେ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ପୁନଶ୍ଚ, ଏହି ସୂଚକାଙ୍କ ନିମନ୍ତେ ଅନୁସୃତ ପ୍ରସଙ୍ଗଗୁଡ଼ିକ ମଧ୍ୟରୁ ଅଙ୍ଗାରକାମ୍ଳକୁ ଶୋଷି ନେଉଥିବା ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ ଯଥା ଜଙ୍ଗଲ ଏବଂ ଆର୍ଦ୍ରାଂଚଳର ବୃଦ୍ଧି ଭଳି ଅନେକଗୁଡ଼ିଏ ସୂଚକକୁ ମୂଲ୍ୟାୟନ ବ୍ୟବସ୍ଥାରୁ ହଟାଇ ଦିଆଯାଇଛି ଏବଂ ଏହାକୁ ହିସାବକୁ ନିଆଯାଇ ନାହିଁ, ଯାହା ତାଲିକାରେ ଭାରତର ନିମ୍ନ ସ୍ଥାନ ହାସଲ ଦିଗରେ ପଥ କଢ଼ାଇ ନେଇଥିବା ସରକାର ଅଭିଯୋଗ କରିଛନ୍ତି। ସରକାରଙ୍କର ଏଭଳି ଅଭିଯୋଗ ଏକ ସାଧାରଣ କଥା। ନିକଟ ଅତୀତର ବର୍ଷମାନଙ୍କରେ ଭାରତ ସରକାର ପ୍ରାୟ ପ୍ରତ୍ୟେକ ଆନ୍ତର୍ଜାତିକ ସ୍ତରର ମୂଲ୍ୟାୟନର ପ୍ରତିବାଦ କରୁଛନ୍ତି- ତାହା କୋଭିଡ୍ ମହାମାରୀଜନିତ ମୃତ୍ୟୁ ସଂଖ୍ୟାକୁ ନେଇ ହେଉ କି ପାରିବେଶିକ ଆହ୍ୱାନ ସମୂହ। ଗୁରୁତ୍ୱପୂର୍ଣ୍ଣ ସମୀକ୍ଷାଗୁଡ଼ିକୁ ସରକାର ଏଭଳି ପ୍ରତ୍ୟାଖାନ କରିବା ଯୋଜନାବଦ୍ଧ କି ନୁହେଁ, ସେ ସମ୍ପର୍କରେ କେତେକାଂଶରେ ସ୍ୱଚ୍ଛତା ପ୍ରକାଶ ପାଇବା ଉଚିତ୍।

## ସଦାକାଳ ଶ୍ରେଷ୍ଠ ସୁରେନ୍ଦ୍ର

ସୌମ୍ୟରଞ୍ଜନ ଭୂୟାଁ



**ଉତ୍କଳଗୌରବ ମଧୁସୂଦନଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ନିକଟବର୍ତ୍ତୀ ପୁରୁଷୋତ୍ତମପୁର ଗ୍ରାମରେ ୧୯୨୨ ମସିହା ଜୁନ୍ ମାସ ୨୧ ତାରିଖରେ ଜନ୍ମଗ୍ରହଣ କରିଥିଲେ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି । ତାଙ୍କ ବଂଶର ଭାଗବତ ଘରର ପୁରୁଣା ବହିର ପୃଷ୍ଠା ଓ ପୋଥିର ବାସ୍ନାଥିଲା ତାଙ୍କର ସବୁଠୁପ୍ରିୟ । ବୋଧହୁଏ ସାହିତ୍ୟର ମୂଳଦୁଆ ସେଇଠାରୁ ହିଁ ପଡ଼ିଥିଲା । ୧୯୩୮ ମସିହା "ଉତ୍କଳ ସାହିତ୍ୟ" ପ୍ରକାଶ ପାଇଥିଲା ତାଙ୍କ ଲିଖିତ ପ୍ରଥମ ଗଳ୍ପ 'ବନ୍ଦୀ', ଦ୍ୱିତୀୟ ଗଳ୍ପ 'ମଣିଷ ଓ ଅର୍ଥନୀତି' କବି ସଚ୍ଚି ରାଉତରାୟଙ୍କ ସଂପାଦିତ 'ଆରତୀ' ପତ୍ରିକାରେ ପ୍ରକାଶ ପାଇଥିଲା ଓ ଆଦୃତ ମଧ ହୋଇଥିଲା । ଓଡ଼ିଆ ଗଳ୍ପ ସାହିତ୍ୟରେ ଆଦ୍ୟ ଜନ୍ମଦାତା ଫକୀର ମୋହନଙ୍କ ପରେ ଗଳ୍ପ ବିଭାଗକୁ ଭିନ୍ନ ପରିଚୟ ଦେଇଥିବା ସ୍ରଷ୍ଟା ହେଉଛନ୍ତି ସୁରେନ୍ଦ୍ର ମହାନ୍ତି । ଲେଖନୀର ଯାଦୁକରୀ ସ୍ପର୍ଶରେ ଏହା ପରିପକ୍ୱ, ମାର୍ଜିତ ଓ ଶୃଙ୍ଖଳିତ ହେବା ସଙ୍ଗେ ସଙ୍ଗେ ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟରେ ଭରି ହୋଇଥିଲା । ଆଧୁନିକ ଓଡ଼ିଆ ସାହିତ୍ୟର ଖ୍ୟାତି ସଂପନ୍ନ ସାରସ୍ୱତ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି ସର୍ବତ୍ର ସୁବିଦିତ ହୋଇଥିବା ବେଳେ ବିଂଶ ଶତାବ୍ଦୀର ଶ୍ରେଷ୍ଠ ଗଦ୍ୟଶିଳ୍ପୀ ଭାବରେ ଓଡ଼ିଆ ସାହିତ୍ୟରେ ସେ ସ୍ୱୀକୃତ ଓ ସମ୍ମାନୀତ । ୧୯୪୬ ମସିହାରୁ ତାଙ୍କ ଔପନ୍ୟାସିକ ଜୀବନର ଅୟମାରମ୍ଭ ହୋଇଥିବାବେଳେ ୧୯୮୮ ମସିହାରେ ପରିସମାପ୍ତି ଘଟିଥିଲା ।**

ସାହିତ୍ୟ ଓ ରାଜନୀତି, ମୋ ପକ୍ଷରେ ଉଭୟ ଉଭୟଙ୍କର ପରିପୂରକ ହୋଇରହିଥିଲେ ହେଁ, ମୁଁ କିନ୍ତୁ ମୋର ଯୌବନର ଆରମ୍ଭରୁ ଏ ପର୍ଯ୍ୟନ୍ତ ରହିଆସିଛି ବୃତ୍ତିଗତ ଭାବରେ ଜଣେ ସାମ୍ବାଦିକ । ଓଡ଼ିଆ ସାମ୍ବାଦିକତା କ୍ଷେତ୍ରରେ ସାହିତ୍ୟ, ରାଜନୀତି ଓ ସାମ୍ବାଦିକତାକୁ ଏକତ୍ର ସମନ୍ୱିତ କରିବା ପାଇଁ ମୁଁ ସେହି ଆରମ୍ଭ ଦିନରୁ ଚେଷ୍ଟା କରିଆସିଛି ।

ସାହିତ୍ୟ, ସାମ୍ବାଦିକତା ଓ ରାଜନୀତିର ଶ୍ରେଷ୍ଠ ସମନ୍ୱିତ ସାଧକ ଥିଲେ ସୁରେନ୍ଦ୍ର ମହାନ୍ତି । ଆଧୁନିକ ଓଡ଼ିଆ ସାହିତ୍ୟର ଖ୍ୟାତିସଂପନ୍ନ ସାରସ୍ୱତ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି ସୁବିଦିତ । ବିଂଶ ଶତାବ୍ଦୀର ଶ୍ରେଷ୍ଠ ଗଦ୍ୟଶିଳ୍ପୀ ଭାବେ ଓଡ଼ିଆ ସାହିତ୍ୟରେ ସେ ସ୍ୱୀକୃତ ଓ ସମ୍ମାନିତ । ଏକାଧାରରେ ଔପନ୍ୟାସିକ, ଗାଳ୍ପିକ, ଜୀବନୀ ଲେଖକ, ପ୍ରାବନ୍ଧିକ, ସାହିତ୍ୟ ସମାଲୋଚକ, ସମୀକ୍ଷକ, ନାଟ୍ୟକାର, ଭ୍ରମଣ କାହାଣୀର ସ୍ରଷ୍ଟା ଓ ଆତ୍ମଜୀବନୀର ରଚୟିତା । ସ୍ୱୀୟ ପ୍ରତିଭାବଳରେ ଓଡ଼ିଆ ସାହିତ୍ୟରେ ମର୍ଯ୍ୟାଦାବନ୍ତ ସ୍ଥାନର ଅଧିକାରୀ ହୋଇପାରିଛନ୍ତି ସୁରେନ୍ଦ୍ର ମହାନ୍ତି । ତାଙ୍କ ଲିଖନୀଶୈଳୀ ସଦାସର୍ବଦା ଅନ୍ୟମାନଙ୍କଠୁଁ ଭିନ୍ନ । ଅଙ୍କ କଷିଲା ପରି ମାପିଚୁପି ଓଡ଼ିଆ ସାହିତ୍ୟରେ କେବଳ ସେହିଁ ଲେଖିପାରନ୍ତି । କଥା ଜଗତରେ ନାଟକୀୟତା ସୃଷ୍ଟି କରିବାରେ ସେ ବେଶ୍ ସିଦ୍ଧହସ୍ତ ।

ଚଉଦ ଖଣ୍ଡ ଉପନ୍ୟାସ, ବାରଖଣ୍ଡ ଗଳ୍ପ ସଂକଳନ, ଛଅ ଖଣ୍ଡ ଆଲୋଚନା ପୁସ୍ତକ, ଦୁଇଖଣ୍ଡ ଗଳ୍ପ ସଂକଳନ, ଛଅ ଖଣ୍ଡ ଆଲୋଚନା ପୁସ୍ତକ, ଦୁଇ ଖଣ୍ଡ ନାଟକ, ଭ୍ରମଣ ପୁସ୍ତକ ଓ ଆତ୍ମଜୀବନୀ ପରି ଅନେକ ପୁସ୍ତକର ସ୍ରଷ୍ଟା ସେ । 'ନୀଳଶୈଳ' ଉପନ୍ୟାସ ଯାହାକି ୧୯୬୯ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲା । ମୋ ମତରେ ଯଦି ସୁରେନ୍ଦ୍ର ମହାନ୍ତି କେବଳ 'ନୀଳଶୈଳ' ଛଡ଼ା ଅନ୍ୟ କୌଣସି ଉପନ୍ୟାସ ରଚନା କରିନଥାନ୍ତେ, ତଥାପି ମଧ ଏ ଜାତି ତାଙ୍କୁ ମନେରଖିଥାନ୍ତା । 'ନୀଳଶୈଳ' ପୁସ୍ତକ ପ୍ରକାଶ ପାଇବାର ତେପନ ବର୍ଷ ପରେ ମଧ ଉକ୍ତ ପୁସ୍ତକଟିର ପାଠକୀୟତା କମିଯାଇନାହିଁ, ଓଲଟି ପାଠକୀୟତା ବଢ଼ିଚାଲିଛି । 'ନୀଳଶୈଳ', 'ନୀଳାଦ୍ରି ବିଜୟ' ଏବଂ 'କୃଷ୍ଣା ବେଣୀରେ ସନ୍ଧ୍ୟା' ପ୍ରଭୃତି ଐତିହାସିକ ଉପନ୍ୟାସ ଜାତୀୟବାଦୀ ଓଡ଼ିଆ ପ୍ରାଣ ସୁରେନ୍ଦ୍ରଙ୍କୁ ବିନା ଦ୍ୱିଧାରେ ଓଡ଼ିଶାର ଶ୍ରେଷ୍ଠ ଐତିହାସିକ ଔପନ୍ୟାସିକ ଭାବେ ପ୍ରତିଷ୍ଠିତ କରିପାରିଛି । ସେହିପରି ଗଳ୍ପ ରଚନା କ୍ଷେତ୍ରରେ ସୁରେନ୍ଦ୍ରଙ୍କ ଶୈଳୀ ଏକ ପ୍ରଭାବଶାଳୀ ପରମ୍ପରା ସୃଷ୍ଟି କରିଛି । ତାଙ୍କର ଗଳ୍ପ କଥନ ଭଙ୍ଗୀ ପାଠକର ପଠନ ପିପାସାକୁ ଏବଂ ତା'ର ସୁସ୍ଥ ଚେତନାକୁ ଜାଗ୍ରତ କରେ । ଫକୀର ମୋହନଙ୍କ ପରେ ଏପରି ଏକ ଶକ୍ତିଶାଳୀ ଶୈଳୀ ଅତ୍ୟନ୍ତ ଦୁର୍ଲଭ । କୃଷ୍ଣଚୂଡ଼ା, ରୁଟି ଓ ଚନ୍ଦ୍ର, ମରାଳର ମୃତ୍ୟୁ ଓ ସବୁଜପତ୍ର ଓ ଧୂସର ଗୋଲାପ ପ୍ରଭୃତି ଗଳ୍ପଗ୍ରନ୍ଥ ଗୁଡ଼ିକ ଏହାର ପ୍ରକୃଷ୍ଟ ପ୍ରମାଣ । ଗଳ୍ପ ସଂକଳନ 'ସବୁଜପତ୍ର ଓ ଧୂସର ଗୋଲାପ' ଗଳ୍ପ ସଂକଳନଟି ୧୯୫୯ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ । ୧୯୫୨ ମସିହାରୁ ୧୯୫୭ ଓ ୧୯୭୮ରୁ ୧୯୮୪ ମସିହା ପର୍ଯ୍ୟନ୍ତ ସେ ଦୁଇଥର ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ୧୯୫୬ ମସିହାରୁ ୧୯୬୨ ମସିହା ଓ ୧୯୭୨ ମସିହାରୁ ୧୯୭୭ ମସିହା ପର୍ଯ୍ୟନ୍ତ ମଧ ସେ ଦୁଇଥର ଲୋକସଭାର ସଦସ୍ୟପଦ ଅଳଙ୍କୃତ କରିଥିଲେ । କିନ୍ତୁ ରାଜନୀତିର ଅର୍ଥ ତାଙ୍କ ଦୃଷ୍ଟିରେ କ୍ଷମତା ଲୋଭ ନୁହେଁ। କ୍ଷମତା ପ୍ରାପ୍ତି ଦୌଡ଼ରେ ସେ ଆଦୌ ନ ଥିଲେ । ସେ କହୁଥିଲେ ଜୀବନ ପରି କଳ, ସର୍ବଦା ଅସମ୍ପୂର୍ଣ୍ଣ । ଅତୃପ୍ତିବୋଧ ତାଙ୍କୁ ନୂଆ ନୂଆ ସୃଷ୍ଟି କରିବାକୁ ଅନୁପ୍ରେରିତ କରିଥିଲା । ତାଙ୍କ ଭାଷାରେ ସାହିତ୍ୟ ଓ ରାଜନୀତି ତାଙ୍କ ଲାଗି ପୃଥିବୀ ଓ ସାମ୍ବାଦିକତା ତାଙ୍କର ପଥ । ତେଣୁ ଆତ୍ମଜୀବନୀର ନାମ ସେ ରଖିଥିଲେ 'ପଥ ଓ ପୃଥିବୀ'।

ଜୀବନର ସ୍ଥାୟୀ ଜୀବିକାର ପ୍ରଥମ ସୋପାନ ସେ ସାମ୍ବାଦିକତାରୁ ଆରମ୍ଭ କରିଥିଲେ। ୧୯୪୪ ମସିହାରେ ଇଂରେଜି ଦୈନିକ 'ନିଉ ଓଡ଼ିଶା'ର ଅବୈତନିକ ପ୍ରୁଫ୍ ରିଡର ଭାବେ କାର୍ଯ୍ୟାରମ୍ଭ କରିଥିଲେ । କଳିଙ୍ଗ, ଜନତା, ଗଣତନ୍ତ୍ର ଓ ସମ୍ବାଦରେ ଦୀର୍ଘ ସମୟ ଧରି କାର୍ଯ୍ୟ କରିଥିଲେ । ଯେଉଁ ସମ୍ବାଦପତ୍ରରେ ସେ କାର୍ଯ୍ୟ କରିଛନ୍ତି ସେଠାରେ ମୌଳିକତାର ପରିଚୟ ଦେଇ ଅପୂର୍ବ ସଫଳତା ଅର୍ଜନ କରିବା ସହ ଓଡ଼ିଶାରେ ସାମ୍ବାଦିକତାକୁ ସେ ନବଦିଗନ୍ତ ଦେଇଥିଲେ । ତାଙ୍କ ସ୍ତମ୍ଭ - ଶେଷସ୍ତମ୍ଭ ଚିରକାଳ ପାଇଁ ଓଡ଼ିଆ ସାମ୍ବାଦିକତାରେ ବତୀଖୁଣ୍ଟ ହୋଇ ରହିଥିବ ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ନିକଟବର୍ତ୍ତୀ ପୁରୁଷୋତ୍ତମପୁର ଗ୍ରାମରେ ୧୯୨୨ ମସିହା ଜୁନ୍ ୨୧ ତାରିଖରେ ଜନ୍ମଗ୍ରହଣ କରନ୍ତି ସୁରେନ୍ଦ୍ର ମହାନ୍ତି । ଆଷାଢ଼ କୃଷ୍ଣପକ୍ଷ, ମେଘଭରା ଆକାଶ। ଝିପିଝିପି ବର୍ଷା । ଏମିତି ଏକ ସୁନ୍ଦର ପ୍ରାକୃତିକ ପରିବେଶରେ ଜନ୍ମନେଇଥିଲେ ସୁରେନ୍ଦ୍ର ମହାନ୍ତି ।

ପିତା ଲୋକନାଥ ମହାନ୍ତି ସ୍ୱାସ୍ଥ୍ୟ ବିଭାଗରେ ଚାକିରୀ କରୁଥିବାରୁ ଆଶା କରୁଥିଲେ ପୁଅ ଡାକ୍ତର ହେଉ ବୋଲି, କିନ୍ତୁ ବିଧିରବିଧାନ ଥିଲା ଅଲଗା । ଡାକ୍ତର ହେବା ପରିବର୍ତ୍ତେ ସାହିତ୍ୟିକ, ରାଜନେତା ସହ ସାମ୍ବାଦିକ ହୋଇଥିଲେ ସୁରେନ୍ଦ୍ର ।

ସୁରେନ୍ଦ୍ରଙ୍କ ପ୍ରତିଭାର କଳନା ସମ୍ଭବ ନୁହେଁ । ସୁରେନ୍ଦ୍ର ପ୍ରତିଭା ସତରେ ବିରଳ । ସାହିତ୍ୟର ବିଭିନ୍ନ ଧାରାର ସେ ସଫଳ ସ୍ରଷ୍ଟା । ଯେଉଁ ବିଭାଗକୁ ସେ ସ୍ପର୍ଶ କରିଛନ୍ତି ତାହା ଅଧିକ ମର୍ଯ୍ୟାଦାବନ୍ତ ହୋଇପାରିଛି । ତେଣୁ ସୁରେନ୍ଦ୍ର ସାହିତ୍ୟ ହୋଇଛି ଏକ ସଫଳ ସାହିତ୍ୟର ଶୋଭାଯାତ୍ରା । ସୁରେନ୍ଦ୍ର ମହାନ୍ତି ବାସ୍ତବରେ ଥିଲେ ଓଡ଼ିଆ ସାହିତ୍ୟର ଏକ ଉଜ୍ଜ୍ୱଳ ଦୀପ୍ତିସ୍ତମ୍ଭ। ଓଡ଼ିଆ ଭାଷା ସାହିତ୍ୟର ଗୋଟିଏ ଯୁଗକୁ ଗଢ଼ିତୋଳିବାରେ ତାଙ୍କର ପ୍ରଚେଷ୍ଟା ଅବିସ୍ମରଣୀୟ । ବିଶିଷ୍ଟ ସାହିତ୍ୟିକ ଚନ୍ଦ୍ରଶେଖର ରଥଙ୍କ ଉକ୍ତି ସୁରେନ୍ଦ୍ର ମହାନ୍ତିଙ୍କ ପ୍ରତି ଯଥାର୍ଥରେ ପ୍ରଯୁଜ୍ୟ - ଓଡ଼ିଆ ଭାଷାର ଗୋଟିଏ ସାହିତ୍ୟିକ ଯୁଗକୁ ତୋଳିଧରିବାରେ ସୁରେନ୍ଦ୍ରବାବୁ ହିଁ ସମର୍ଥ ଶେଷସ୍ତମ୍ଭ। ଏପରି ଜଣେ ମହାନ୍ ସାହିତ୍ୟିକଙ୍କ ଶତତମ ଜନ୍ମଜୟନ୍ତୀ ପାଳନ କରିବା ଅବସରରେ ତାଙ୍କୁ ଭୂମିଷ୍ଠ ପ୍ରଣାମ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି। ଶେଷରେ ଓଡ଼ିଶାର ଅଗଣିତ ଲେଖକ ଓ ଲେଖିକାମାନେ ସୁରେନ୍ଦ୍ର ସାହିତ୍ୟ ପାଠକରି ତାଙ୍କ ପରି ନିର୍ଭୀକ ଭାବେ ଲେଖନୀ ଚାଳନା କରିବେ ବୋଲି ଆଶା କରାଯାଏ ।

+ପୂରଣ, ମହଣ, ସାଲେପୁର
ମୋ: ୭୩୭୭୫୬୯୧୫୫

## କ୍ରୋକୋଡାଇଲ ଟିୟର୍ସ ସିଣ୍ଡ୍ରୋମ୍

ଡାକ୍ତର କାନ୍ତୀ ନାୟକ

ସାଧାରଣରେ ଆମେ କଥାବାର୍ତ୍ତା କରିବା ବେଳେ ଆମେ ଏକ ଶବ୍ଦ ବ୍ୟବହାର କରିଥାଉ 'କୁମ୍ଭୀର କାନ୍ଦଣା'। ଯାହାର ଅନ୍ତରାର୍ଥ ହେଉଛି ଏହା ଭାବଗତ ପ୍ରବଣ ଜନିତ କାନ୍ଦ ନୁହେଁ। ଏକ ପ୍ରକାର ଅନ୍ୟଜଣଙ୍କ ଆଗରେ ଛଳନାର କାନ୍ଦ କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ଏହା ସବୁ କ୍ଷେତ୍ରରେ ସମସ୍ତଙ୍କ ଠାରେ ବିଚାରର୍ଯ୍ୟ କରାଯାଇନଥାଏ। ମଣିଷ ଯେତେବେଳେ ଦୁଃଖରେ ଥାଏ ଆଖିରୁ ଲୁହ ବାହାରେ। ଅତ୍ୟଧିକ ଖୁସିରେ ବି ଆଖିରୁ ଆନନ୍ଦାଶ୍ରୁ ଝରିଥାଏ। ଏହା ସ୍ୱାଭାବିକ କଥା। କିନ୍ତୁ କେବେ ଶୁଣିଛନ୍ତି କି ଜଣେ ଖାଉଥିବା ବେଳେ ଆଖିରୁ ଲୁହ ବାହାରିଥାଏ। ନିହାତି ଅଜବ ଲାଗିବ ଯଦି କେହି ଆପଣଙ୍କୁ ଏ ବିଷୟରେ କହିବ। କିନ୍ତୁ ଏହା ସତ ଯେ ପୃଥିବୀରେ ଏମିତି ବି କିଛି ଲୋକ ଅଛନ୍ତି ଯେଉଁମାନେ ଖାଇବା ବେଳେ ଆଖିରୁ ଲୁହ ଗଡ଼ାଇଥାଆନ୍ତି। ଭାବୁଥିବେ ଅତ୍ୟଧିକ ରାଗ କିମ୍ବା ମସଲାଯୁକ୍ତ ଖାଦ୍ୟ ଖାଇଥିବେ ଯାହା ଫଳରେ ଆଖିରୁ ଲୁହ ବାହାରିଥିବ। କିନ୍ତୁ ଖାଦ୍ୟର ସ୍ୱାଦ ଯୋଗୁଁ ନୁହେଁ, ବରଂ ଏକ ପ୍ରକାର ଶାରୀରିକ ସମସ୍ୟା କାରଣରୁ ଖାଇବା ସମୟରେ ଆଖିରୁ ଲୁହ ବାହାରିଥାଏ। ଏହାକୁ ଚିକିତ୍ସା ବିଜ୍ଞାନରେ କ୍ରୋକୋଡାଇଲ ଟିୟର୍ସ ସିଣ୍ଡ୍ରୋମ୍ କୁହାଯାଏ। କ୍ରୋକୋଡାଇଲ ଟିୟର୍ସ ସିଣ୍ଡ୍ରୋମ୍‌ରେ ପୀଡ଼ିତ ବ୍ୟକ୍ତି ଖାଦ୍ୟ ଖାଇବା ଆରମ୍ଭ କଲା ମାତ୍ରେ ଆଖିରୁ ଆପଣାଛାଏଁ ଲୁହ ବାହାରିଥାଏ। ଶୁଣିଲେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗୁଥିଲା। କିନ୍ତୁ ଏହି ରୋଗରେ ପୀଡ଼ିତ ବ୍ୟକ୍ତି ଏମିତି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏହି ସମସ୍ୟା ମଣିଷର ଲ୍ୟାକ୍ରିମଲ୍ ଗ୍ଲାଣ୍ଡ ଉପରେ ଖରାପ ପ୍ରଭାବ ପକାଇଥାଏ। ଏହି ସିଣ୍ଡ୍ରୋମକୁ ଗ୍ୟାଷ୍ଟ୍ରୋ ଲ୍ୟାକ୍ରିମେଶନ ମଧ କୁହାଯାଇଥାଏ। ଏହି ରୋଗ ପାଇଁ ଏ ପର୍ଯ୍ୟନ୍ତ କୌଣସି ପ୍ରଭାବଶାଳୀ ଔଷଧ ବାହାରି ନାହିଁ। ଏହି ରୋଗରେ ପୀଡ଼ିତ ଚୀନର ଜଣେ ବ୍ୟକ୍ତି ପ୍ରଥମେ ନିଜ ରୋଗ ବିଷୟରେ ବୁଝି ପାରିନଥିଲେ। ଥରେ ସେ ଏକ ରେଷ୍ଟୋରାଁକୁ ଖାଇବାକୁ ଯାଇଥିଲେ। ଖାଦ୍ୟ ପାଟିରେ ରଖିବା ମାତ୍ରେ ତାଙ୍କ ଆଖିରୁ ଆପେ ଆପେ ଲୁହ ବାହାରିବାରେ ଲାଗିଲା। ସେ ଆଶ୍ଚର୍ଯ୍ୟ ହୋଇଗଲେ। କାରଣ ତାଙ୍କ ସହିତ ଆଗରୁ ଏପରି କିଛି ଘଟିନଥିଲା। ନିଜକୁ ଖୁବ ଲଜ୍ଜିତ ଅନୁଭବ କରିଥିଲେ। ସେ ଚିକିତ୍ସକଙ୍କ ପାଖକୁ ଯାଇ ଏହି ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଚିକିତ୍ସକ ବେଶ କେତୋଟି ପରୀକ୍ଷା ପରେ ଜାଣିବାକୁ ପାଇଥିଲେ ବ୍ୟକ୍ତିଜଣକ କ୍ରୋକୋଡାଇଲ ଟିୟର୍ସ ସିଣ୍ଡ୍ରୋମରେ ପୀଡ଼ିତ। ଡାକ୍ତରୀ ବିଜ୍ଞାନ ଅନୁସାରେ ଫେସିଆଲ ପାରାଲିସିସ୍ର ଚିକିତ୍ସା କରୁଥିବା ଲୋକମାନଙ୍କ ଠାରେ ପରବର୍ତ୍ତୀ ସମୟରେ କ୍ରୋକୋଡାଇଲ ଟିୟର୍ସ ସିଣ୍ଡ୍ରୋମର ଲକ୍ଷଣ ଦେଖିବାକୁ ମିଳିଥାଏ। ଏହା ଏକ ଗୁରୁତର ରୋଗ ନୁହେଁ। କିନ୍ତୁ ଏହାକୁ ନେଇ ଭୟଭୀତ ହେବା ଅନୁଚିତ। ନିଜେ ସ୍ୱାସ୍ଥ୍ୟ ସତର୍କ ରହିଲେ ଏହି ସମସ୍ୟା ଚିକିତ୍ସା ପରେ ଆରୋଗ୍ୟ ଲାଭ ହୋଇଯିବ। ନିକଟସ୍ଥ ଡାକ୍ତରଖାନା ବା ବଡ଼ ଡାକ୍ତରଖାନାର ସରକାରୀ ମାଗଣା ପରୀକ୍ଷା, ଡାକ୍ତରୀ ବ୍ୟବସ୍ଥା ଓ ଔଷଧ ପତ୍ର ସହ ଆନୁସଙ୍ଗିକ ସ୍ୱାସ୍ଥ୍ୟ ସହାୟତାର ସୁଯୋଗ ନିଅନ୍ତୁ। କୌଣସି ପ୍ରକାର ଗୁଣି ଗାରେଡ଼ି ବା କାନକୁହା କଥା ଶୁଣି ଦେଶୀୟ ଚିକିତ୍ସା କରନ୍ତୁ ନାହିଁ। ଚିକିତ୍ସା କରି ସୁସ୍ଥତା ଆପଣ ନିଶ୍ଚିୟ ପାଇବେ।

+ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,






### ନୀଳାଚଳିଆ

ଧ୍ରୁବ ଚରଣ ବେହେରା

ସ୍ନାନ ମଣ୍ଡପରେ ଗାଧୋଇ ସାରିକି
ଜ୍ୱରରେ ପଡିଲେ କଳା ଠାକୁର
ଦଇତାପତି ଓ ସେବାୟତ ମାନେ
ନିତି ସେବୁଥାନ୍ତି ଛନ୍ଦା ପୟର ।

ଫଳ ଭୋଗ ସାଥେ ଚକଟା ଭୋଗକୁ
କରିଥାଅ ପ୍ରଭୁ ତୁମେ ଆହାର
ପଟି ଦିଅଁ ବୋଲି କହୁଥାନ୍ତି ଜନେ
ଦେଖି ତୁମ ଠାଣି ରୂପ ଶୃଙ୍ଗାର ।

କେତେ ରୀତି ନୀତି ହେଉଥାଏ ଦେବ
ଅଣସର ଘର ଭିତରେ ଥାଇ
ଉଭା ଅମାବାସ୍ୟା ନେତ୍ର ଉତ୍ସବର
ଅପୂର୍ବ ନୀତିର ସୀମା ତ ନାହିଁ ।

ଭକତ ଜନଙ୍କୁ ଦେଖା କରିବାକୁ
ଆତୁର ହେଉତୁ କଳା ଗୋସାଇଁ
ସେଥିଲାଗି ପରା ବରଷକେ ଥରେ
ରତନ ବେଦିରୁ ଆସୁ ଓହ୍ଲାଇ ।

ସ୍ନାନ ଯାତ୍ରା ନୀତି ଅନବସରରେ
ପୂଜା ଲାଗି ବିଧି ଲାଗଇ ଭିନ୍ନ
ଶ୍ରୀ ଗୁଣ୍ଡିଚା ହେଲେ ନନ୍ଦିଘୋଷ ଚଢି
ଝୁଲି ଝୁଲି ଆସେ କଳାବାମନ ।

ଆଡପ ମଣ୍ଡପେ ବିଜେ କରି ବସ
ଆହା କି ସୁନ୍ଦର ଦାରୁ ମୂରତି
ବାହୁଡା ବିଜୟ ନେତ୍ରେ ଦେଖିଦେଲେ
ପାପୀ ଜନ ହୁଏ ଭବୁ ମୁକତି ।

ନିଳାଦ୍ରୀ ବିଜୟ କରି ଆସିଥାଅ
ହେ ବିଶ୍ୱ ଠାକୁର ଚକାଆଖିଆ
ଛପନ ଭୋଗି ହେ ପତିତପାବନ
ନାମ ଅଟେ ତୋର ନୀଳାଚଳିଆ
ଜଗତ ଠାକୁର ଜଗନାଥିଆ ।

♥ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

### ଅଲାରନାଥ

ଜଗଦୀଶ ସାହୁ



ଅଣସର ଘରେ ଜଗତନାଥ
ଚାଲ ବୁଲିଯିବା ଅଲାରନାଥ
ବ୍ରହ୍ମଗିରି ପୀଠ ତାଙ୍କ ଉଆସ
ଦରଶନେ ପାପ ହୁଅଇ ନାଶ
ଅଲାରନାଥଙ୍କ କ୍ଷୀରି ପ୍ରସିଦ୍ଧ
ଖାଇଲେ ଭକତ ପାଏ ଆନଂଦ
ସ୍ୱୟଂ ଚଇତନ ଏଠାକୁ ଆସି
ପୀଠର ମହିମା ଦେଲେ ପ୍ରକାଶି
କାଳିଆ ଲୀଳାକୁ ବୁଝିବ କିଏ ?
କେତେବେଳେ କେଉଁ ରୂପ ସେ ହୁଏ
ସେଇ ରୂପରୁ ଏ ରୂପ ଗୋଟିଏ
ଅଲାରନାଥ ତାଂକୁ ଜଗତ କହେ
ଅଲାରନାଥଙ୍କୁ କଲେ ଦର୍ଶନ
ଦର୍ଶନ ଦିଅନ୍ତି ଚକାନୟନ ।

♥ସଞ୍ଚପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ : ୯୦୭୮୧୮୫୬୧୬

### ମା'

ବାପିନି ସିଂ



ସତ ମିଛର ଏ ଦୁନିଆ ଦେଖିଲି
ତୋ କୋଳ ଛାଡ଼ିବା ପରେ,
ଚଳନ୍ତି ଠାକୁର ତୁ ମୋର ଜାଣିଲି
ତୋ ପାଦ ଛୁଇଁଲା ପରେ ।

ମମତାମୟୀ ତୁ ସ୍ନେହର ସାଗର
ତୋ କୋଳେ ସରଗ ସୁଖ,
ତୋ କାନିକୁ ଧରି ବାଟ ଚାଲୁଥିଲେ
ଦୁଃଖ ମାଡ଼େନାହିଁ ପାଖ ।

ତୋର ସେ ପଣତ ଶ୍ରୀମନ୍ଦିରର ନେତ
ସ୍ନେହ ମମତାର ଘର,
ଯେତେ ଝଡ଼ଝଞ୍ଜା ଆସିଲେ ପଛେ ତୁ
କରିବୁନି କେବେ ପର ।

ତୋ ହାତ ପରଶେ ଦୁଃଖ କଷ୍ଟ ମୋର
ଯାଏ ତ ସବୁ ଉଭେଇ,
ତୋ ବିନା ମରିବା ଜିଇଁବା ସମାନ
ମୂଲ୍ୟହୀନ ଯେ ପାଇଁ ।

କେଉଁ ଦରବ ବା ଉପହାର ଦେବି
ଯୋଗ୍ୟ କିଏ ହେବ ତୋର,
ହୃଦୟର ସହ ଗ୍ରହଣ କରିବୁ
ମୋର ଛୋଟ ଉପହାର ।

ତୋ ଡ଼ାକ ଶୁଣିବା ପରେ ହିଁ ବୁଝିଛି
ତା' ଠାରୁ ମଧୁର ନାହିଁ କିଛି,
ତୋ ଛୁଆଁ ପାଇବା ପରେ ହିଁ ଭାବୁଛି
ସେଇ ଅନୁଭବ ସବୁକିଛି ।

ତୋ ବିନା ମରିବା ଜିଇଁବା ସମାନ
ମାନେ ନାହିଁ କିଛି ଜୀବନର,
ତୋ କଥା ଲେଖିବା ପରେ ହିଁ ଭାବୁଛି
ଶବ୍ଦ ସରିଗଲା ଦୁନିଆର ।

♥ସ୍ନାତକୋତ୍ତର ଅର୍ଥଶାସ୍ତ୍ର
ବିଭାଗ ଛାତ୍ର
ଫକୀରମୋହନ
ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ମୋ:୯୯୩୭୮୨୦୮୩୧

### ସମୟ

ବିନୟାନନ୍ଦ ବସ୍ତ୍ରସ୍ୟ

ସମୟର ଜାଲ ସଦା ଅଛିଣ୍ଡା ଲୋ
ଛିଣ୍ଡେ ନାହିଁ ଛିଣ୍ଡାଇଲେ,
ଦେଇଯାଏ କିଛି ନେଇଯାଏ କିଛି
ସଭିଏଁ କାଳ କବଳେ,
ହନ୍ତସନ୍ତ ହେବା ସାର,
କରମ ଭୁଞ୍ଜିବା ଦୁଃଖ ସୁଖ ସଙ୍ଗେ
ଏ ତ ଦୁନିଆ ବେଭାର।


କେ କାହାର ହାତ କେବେ ଧରିଥିବ
କେବେ ଅବା ଛାଡିଦେବ,
କେବେ ଆନନ୍ଦର ପସରା ଆଣିବ
କେବେ ଦୁଃଖ ଲଦିଦେବ,
ଲୁହ ହସ ସ୍ମୃତି ହେବ,
ସମୟର ଚକ ଏଇମିତି ହୋଇ
ଜିଇବା ଯାଏଁ ଗଡିବ।

ଥିବା ଯାଏଁ ସବୁ ମୋର ମୋର
ମଲେ ହୋଇଯିବ ପର,
ମଶାଣି ଭୁଇଁରେ ପକାଇ ଆସିବେ
ଦୁଆରେ ଦେବେ ଗୋବର,
ଦିଘଡି କାନ୍ଦିବେ ବସି,
ଦିନ ଗଡିଯିବ ଯେଝା ସୁଖେ ଦୁଃଖେ
ସଂସାରେ ରହିବେ ମିଶି।

କାଳର ବଶ ଏ ପ୍ରାଣୀଏ ସର୍ବଦା
ମେଘ ଖଣ୍ଡ ଭଳି ଭାସି,
ପବନର ବଳେ ଇତସ୍ତତଃ ହୋଇ
ଆକାଶରେ ମିଶାମିଶି,
ମିଶିଥିବା ଯାଏଁ ଖୁସି,
ସ୍ନେହ ପ୍ରେମ ପ୍ରୀତି ବରଷାର ଜଳ
ଥାଆନ୍ତି ସିନା ପରଶି।

ମେଘ ଭାଙ୍ଗିଯାଏ ବରଷା ବତାସୀ
ଥିର ହୋଇଯାଏ ପୁଣି,
ଋତୁ ବଦଳିଲା ପରି ଏ ମଣିଷ
ବଦଳଇ ବେଳ ଜାଣି,
ପୃଥ୍ୱୀ କ୍ଷଣେ କ୍ଷଣେ ଆନ,
ରାଜାରୁ ଭିକାରୀ ଭିକାରୀକୁ ପୁଣି
ମିଳେ ରାଜେନ୍ଦ୍ରାସନ।

♥ଖୋର୍ଦ୍ଧା



## ନୀରବ ମୁହୂର୍ତ୍ତ

### ଶରତ କୁମାର ଦାସ



ଫେରିବାର ନଥିଲା ବୋଲି ତ ମୁଁ
ଜାଣିଶୁଣି ହୁଡ଼ିଥିଲି ବାଟ
କିଛି କହିବାର ନଥିଲା ବୋଲି ତ
ଜାଣିଶୁଣି ଭୁଲିଥିଲି ଶବ୍ଦ ।

ଏବେ ଯାହା ନିଜ ସହ ଯୁଦ୍ଧ
ପୁଣି ଲୁଚକାଳି ଖେଳ ଦୃଶ୍ୟର ଅଦୃଶ୍ୟରେ
ଅସ୍ପଷ୍ଟ ଦିଶେ କପାଳର ରେଖା
ନେସିହୋଇଯାଏ ମୋ' ହାତ ପାପୁଲିରେ
ଅୟୁତ ଦିନର ଅନ୍ଧକାର ଛିଟା ।

ଖଡେଇହୁଏ ପାହାନ୍ତିଆ ତାରା
ବେଳ ଅବେଳର କେଉଁ ନିସ୍ତବ୍ଧ ପ୍ରହରେ
ଆଖି ମିଟିମିଟି କରେ
ଆକାଶରେ ଜହ୍ନ ନିର୍ଜନ ରାତିରେ ।

କଣେଇ କଣେଇ ଚାହେଁ ଚଇତି ପବନ
ବସନ୍ତ ବାସେନାହିଁ ଆଉ ଆଗପରି
ସର୍ବାଙ୍ଗେ ଛୁଇଁଯାଏ ମୋ'ର
କାଳବୈଶାଖୀର କରାଳ କମ୍ପନ ।

ଏବେ ପରା ନିଜ ଛାଇ ନିଜକୁ ଡରାଏ
ଅପହଂଚ ଲାଗେ ବିଶ୍ୱାସର ସବୁଜିମା
ହତବାକ୍ ହୁଅନ୍ତି କୁଢ କୁଢ ସ୍ୱପ୍ନ
ଶୋଇଯାଏ ରାତି ଗଭୀର ନିଦରେ ।

କ୍ରମଶଃ ଧଶେଇ ପଶେ ଖୁବ୍ ସନ୍ତର୍ପଣେ
ରୁକ୍ଷ ନିସ୍ତେଜତା ଅନ୍ତରୀକ୍ଷ ଡେଇଁ
ଲମ୍ଫପ୍ରଦାନ କରନ୍ତି ସ୍ମୃତି ସବୁ
ମହାସମୁଦ୍ରର ଅଥଳ ଗର୍ଭକୁ
ରୁଦ୍ଧି ହୋଇଯାଏ ମନ ଆଉ ପ୍ରାଣ ମୋ'ର
ଶୂନ୍ୟତାର ପୃଥିବୀ ଭିତରେ ।

ଆଖି ମୁଦିଲେ ବି ଝଲସି ଉଠେ
ସେଇ ନୀରବ ମୁହୂର୍ତ୍ତର ଶାଶ୍ୱତ ଚିତ୍ର
ଆନମନା ହୁଏ ବାର୍ ବାର୍
ଖୋଜେ ମୁଁ ନିଖୋଜ ଆଲୋକର ସତ୍ତା
ପରସ୍ତ ପରସ୍ତ ଅମା ଅନ୍ଧକାରେ ।

ଧୀରେଧୀରେ ଅତିକ୍ରମ କରେ ମୁଁ
ମୋହ ମାୟାର ନିଘଂଚ ଅରଣ୍ୟ
ଯେମିତି ହସୁଥାଏ ବାଡିପଟ ଉଇହୁଙ୍କା
ଯେମିତି ହସୁଥିଲା ଆଗରୁ
ମୁଁ କିନ୍ତୁ ଧାଉଁଥାଏ ଉତପ୍ତ ମରୁରେ ଏକା ଏକା
ସବୁତକ ଆୟୁଷକୁ ସମର୍ପି ଦେଇ
ମହାକାଳର ଅସରନ୍ତି ବିସ୍ମୃତି ଭିତରେ ।


♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ନିଷିଦ୍ଧ ଇଲାକା

### ବାବାଜୀ ଚରଣ ଜେନା



ଏମିତି ଏକ ଇଲାକାରେ ମୁଁ କରିଛି ଗୋଟେ ଘର
ସ୍ୱପ୍ନ ଯେଉଁଠି ଦେଖିବା ମନା ସ୍ନେହତ ବହୁ ଦୂର
ଜୀବନ ଏଠି ଜୀବନ ନୁହେଁ କାଠ କଣ୍ଢେଇ ଟିଏ
ସୂତା ଧରିକି ନଚାଏ ମୋତେ ଯେମିତି ସିଏ ଚାହେଁ ।

ଫଗୁଣ ଯହିଁ ଓଦା ହୁଅଇ କଅଁଳ ଫୁଲ ଝରେ
ଅନ୍ଧାର ଘରେ ବିଚାର ହୋଇ ଚଢଇ ଶୂଳି ପରେ
ଶ୍ରାବଣ ହସେ ନିଦାଘ ମାସେ ଲଦି ଦୁଃଖର ଭାର
ସ୍ମୃତି ଜୁଇରେ ନିଇତି ଏଠି ଜଳଇ ବାରମ୍ବାର ।

ମନର ସୁଖ ଦେହର ଭୋକ ଲୁଟଇ ଏଠି କିଏ
ନିରିହ ଏଠି ଦୋଷ ମୁଣ୍ଡାଏ ଯେମିତି ପାପି ଟିଏ
ରକ୍ତରେ ଚାଲେ ହୋଲିର ଖେଳ ଶିବ ହୁଅଇ ଶବ
ଚଲା ପଥର ସୀମାରେଖା ହୋଇ ଯାଏତ ଲମ୍ବ ।

ସହଜ ନୁହେଁ ବନ୍ଧ ବାନ୍ଧିବା ଅଥଳ ଥଳ ଜଳ
କପଟ ପଶା ପାଲିରେ ଚାଲେ ଅନ୍ଧ ପୁଅର ଖେଳ ।


♥ ଅହଲ୍ୟା ନିବାସ
ପୋପରଡା, ନୂଆବଜାର,
କଟକ,୪
ମୋ: ୯୪୩୭୮୩୪୭୧୯


## ପ୍ରେମିକା...

### ଜୁମର ନାଥ ପାତ୍ର



ସୁନା ରଙ୍ଗର ମୁକୁଳା କେଶକୁ
ନଚା ନଚା ନୀଳ ଆଖି
ଯେମିତି ଆକାଶର ସବୁ ନୀଳିମା
ଖୁନ୍ଦି ହେଇଛି ସେଇ ଆଖି ଯୁଗଳରେ
ପୁରୁଣା ଓଏସଆରଟିସି ବସ୍ ର ସବୁ ନାଲି
ଲିପି ହୋଇଯାଇଥିଲା
ଲିପଷ୍ଟିକ ହୋଇ ତମ ଓଠରେ
ଟାଉନ ବସ୍ ଟା ମହକୁଥିଲା
ତମ ଅତରରେ ଅବା ଡିଓ ରେ ଆଉ
ମୁଁ ଆତ୍ତାମାତ୍ତା ତମ ମହମହ ଦେହର ବାସ୍ନାରେ
ଟାଇ ଭଳି କଳାଫିତାକୁ ଧରି ହଲୁଥିଲୁ ଆମେ
ଭିଡ଼ରେ
ମିଠାକଥା ଚାରି ଚାରି ଆଠ ପଦ...ବାସ୍
ଆଗକୁ ଆଗେଇଲ ତମେ
ଓହ୍ଲେଇଲି ସେଇ ଷ୍ଟପେଜରେ
ପାଦକୁ ପାଦ ମିଶେଇ
ଆଉ ଦି'ପଦ ଗପିବାକୁ ତମ ସଙ୍ଗେ
ଯଦିଓ ମୋ ଷ୍ଟପେଜ ଥିଲା ଦୂରରେ
କିନ୍ତୁ ହାଏ... ତମେ ନଥିଲ ତଳେ...

କଳ୍ପନା ଛକରେ ଲାଲ ଗଗଲସ୍ ରେ
ପୁରା ଟିପ ଟପ୍ କଳା ଡାଏ କେଶ
ଗାଢ଼ ଲିପଷ୍ଟିକ ଆଉ ହଜିଲା ଭାବନାରେ...
ବୋଧେ ତମେ... ହଁ ଖୋଜିଲି ସିନ୍ଦୂର ଗାର
ସାଇଡ୍ ସିଥା ରେ ଦେଖା ନଯିବା ଭଳି
ଟୋପାଏ ଦେଖିଲି ତମ ଅଲକ୍ଷରେ
ଚିହ୍ନିବା ମୁସ୍କିଲ ଏତେ ପାଖରେ ଥାଇ ବି
ଚିହ୍ନିଲି ତମ ଆଇ- ଫୋନ ବାର୍ତ୍ତାଳାପ ରେ
ତମ କଣ୍ଠ ସ୍ୱର ରେ
ଯାହା ମୁଁ ଭୁଲିନି ଏଯାଏଁ
କାନରେ ରହିରହି ବାଜେ
ଟାଉନ୍ ବସ୍ ର ତମ ଫିସଫିସ୍ କଥା
ବେଳ ଅବେଳରେ...

ଅକୁହା କଥା ସେଇଠି ଥିଲା
କମା, ହାଇଫେନ୍ ପରେ
କାଳେ ଆଗେଇବ ଭାବି
ଇସାରା ଟେ ଦେବା ଆଗରୁ
ତମ ଓଠ ରଙ୍ଗର ନାଲି ଗାଡ଼ିଟା ହାଜର
ଆଉ ତମେ ଚାଲିଗଲ
ଆଉ କୋଉ ଛକରେ ହତାଶ ହେବାର
ପ୍ରତିଶ୍ରୁତି ଦେଇ ଅଦେଖା ଇଙ୍ଗିତରେ...
ପ୍ରେମିକା କହିବି ତମକୁ...!
ନା ମିଛ ହେବ
ତମେ ତ ମୋ'ର ନିରବ ପ୍ରେମିକା...।


♥ ବାଲେଶ୍ୱର


## ଭୁଲି ହୁଏ ନାହିଁ

### ପୁଷ୍ପାଞ୍ଜଳି ମିଶ୍ର



ଭୁଲି ହୁଏ ନାହିଁ ସେହି କଥା ଆଜି
ସେହି ପିଲା ଦିନ କଥା
ଭୁଲି ହୁଏ ନାହିଁ ସେ ଚାଳ ଛପର
ମାଟି କାଦୁଅର ରାସ୍ତା
ଭୁଲି ହୁଏ ନାହିଁ ସାଙ୍ଗ ସାଥି ଖେଳ
ସତ ମିଛ ଅଭିନୟ
ସେଦିନ ଆଉ ଏ ଦିନ ଭିତରେ
ଆକାଶ ପାତାଳ ଫରକ
ଭୁଲି ହୁଏ ନାହିଁ ନଦୀରେ ଗାଧୁଆ
ମାଛ ଧରୁ ସାଙ୍ଗ ହୋଇ
ଭୁଲି ହୁଏ ନାହିଁ ମାମୁଁ ଘର ସ୍ନେହ
ସେଠିକା ସାଙ୍ଗ ସାଥି
ଆମ୍ବ ତୋଟା ଆଉ ନଦୀ କୂଳେ ବସି
ଦୁଷ୍ଟାମି ହେଉ ବେଶୀ
ଗାଁ ମୁଣ୍ଡରେ ରଜ ଦୋଳି ଖେଳ
କୁଆଡେ ଆଜି ଗଲା
ସାଙ୍ଗ ସାଥି ମେଳେ ସାହି ସାହି ବୁଲି
କେତେ ପିଠା ପଣା ଖାଉ
ସେ କଥା ଜମା ଭୁଲି ହୁଏ ନାହିଁ
ସୁହାଗ ସିନାନ ଓଷା
ପାହାନ୍ତାରୁ ଉଠି ଗାଁ ଝିଅ ବୋହୂ
ସଭିଏଁ ଯାଉ ନଦୀକୁ
ଫୁଲ ଡାଲା ସହ ନଡିଆ କଦଳୀ
ଯିଏ ଯାହା ସବୁ ନେଉ
ବାଉଁଶ ପତର ବିଡି ବାନ୍ଧି
ତୁଳସୀ ମୂଳରୁ ପୂଜୁ
କୁଆଡେ ଆଜି ଗଲା ସେ ଦିନ
ଖୋଜି ଆଉ ମିଳୁନାହିଁ
ଭୁଲି ହୁଏ ନାହିଁ ବୁଢୀ ମା'ର
ବୁଢୀ ଅସୁରୁଣୀ ଗପ
ସ୍କୁଲ ରୁ ଆସି ଚାରିଟା ବେଳେ
କେତେ କେତେ ଖେଳ ଖେଳୁ
କୁଆଡେ ଗଲା ସେ ଦିନ ସବୁ
କିଏ ସେ ଛଡାଇ ନେଲା
ଯେତେ ଖୋଜିଲେ ବି ଆଉ ସେ ମିଳୁନି
କିଏ ଆଣି ଆଉ ଦେବ ।


♥ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୯୨୧




## ସନ୍ଧାନ ପୁରୁଷାର୍ଥର

### କ୍ଷୀରୋଦ୍ର କୁମାର ସାହୁ

ବାହାନାର ଚାରି ପଦ
ଆମ୍ବିକ ଚିନ୍ତନର, ପ୍ରତିଟି ଶବ୍ଦରେ ତମେ,
ମତେ ବାରମ୍ବାର ଦ୍ୱାହି ଦିଅ ମୋର ପ୍ରେମର ।
ମୁଁ ଫୁଲର ପାଖୁଡାରେ, ଭ୍ରମରର ଗୁଞ୍ଜନରେ
ପ୍ରଜାପତିର ରଙ୍ଗୀନ ଡେଣାରେ
ଅପାସୋରା ସ୍ମୃତିକୁ
ଓଲଟେଇ ଥିଲି ଫର୍ଦ୍ଦ ଫର୍ଦ୍ଦ କରି ।
ତମେ ଆଜି ବି ନିରେଖି ଦେଖ ମୋତେ
ମୁଁ ମୋର ନିରୀହ ଆଖିରେ
ଚାହିଁ ପାରୁ ନାହିଁ, କେବଳ ମୋର
ଭିତରେ ମୁଁ ଖୋଜୁଛି
ବାରମ୍ବାର ଆତ୍ମ ଚିନ୍ତନ କରୁଛି
ମୋର ପୁରଷାର୍ଥର ।


♥ ବରପିଟା, ପାଟଣାଗଡ଼, ବଲାଙ୍ଗୀର
ମୋ-୯୮୬୧୮୫୨୫୮୭


## ମୁଁ ବି ମୋ ନିଜକୁ ପଚାରେ

### ନବ କୁମାର ଦାସ



ମୋ ଆଖ ପାଖ, ଚାରି ପାଖର
ପୃଥିବୀରେ
ସମ୍ପର୍କର ଏକ ଦୃଶ୍ୟମାନ ବ୍ରହ୍ମାଣ୍ଡ
ଅବାତବା ପ୍ରଶ୍ନର ଦିଗବଳୟରେ ଛନ୍ଦି ହୁଏ
ଯେଉଁଠି,
ଆଶାମାନେ ଚିକ ମିକ ତାରକା ହୁଅନ୍ତି
ସ୍ୱପ୍ନ ଦେଖନ୍ତି, ବସା ବାନ୍ଧନ୍ତି
ଆଉ କୁହନ୍ତି ମନର କଥା......
ମୋ ସମ୍ପର୍କର ବୈଶିଷ୍ଟ୍ୟ ମାନେ
ଏଇ ମୋର ମାଆ, ବାପା, ଭାଇ,
ଭଉଣୀ, ପତ୍ନୀ ପରି
ଗୋଟିଏ ଗୋଟିଏ ରୂପର ସର୍ଜନାରେ
ବଖାଣନ୍ତି ନୀରବତାର କବିତା...... ।

ମୁଁ କିନ୍ତୁ ଅବୁଝା ହୁଏ
ବୁଝି ପାରେନା ଏଇ
ଖରା ଛାଇର ଅଣ ଲେଉଟା ଦୃଶ୍ୟକୁ
ଯେଉଁଠି ଜହ୍ନ ଦିଶିଲେ କଇଁ ହସେ
ସୁରୁଜର କିରଣରେ ପଦୁଅଁ ବାସେ...
ଦେଖାଯାଏ କେତେ ସମସ୍ୟାର ପାହାଡ଼
ପୁଣି ନିର୍ମଳ ଝରଣାର ପାଣି....... ।

ଏତେ ଏତେ ଦ୍ୱନ୍ଦ ପରେ
ମୁଁ ବେଳେବେଳେ ନିସ୍ତବ୍ଧ ହୁଏ
ମୋ ନିଜକୁ ପଚାରେ ମୁଁ କିଏ ବୋଲି ?
ଉତ୍ତର ବି ଖୋଜି ପାଏ
ମୁଁ ଯେ ମୋ ଭିତରେ ମୁଁ ଟିଏ
ଏକ ଅଦୃଶ୍ୟ ଅହଂକାରର ପ୍ରତିଛବି
ଯିଏ ଆଖିଥାଇ ଅନ୍ଧ ସବୁଦିନ...... ।


♥ ସୁରଡ଼ିହା, ବାଲିଆପାଳ,
ବାଲେଶ୍ୱର


## ସଂଗ୍ରାମ...

### ସୁଧାକର ସେଠୀ



ସ୍ୱପ୍ନ ସମ୍ଭାବନାର
ଚିତ୍ର ଥିଲା ଅସ୍ପଷ୍ଟ
ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ
ସଂଗ୍ରାମର ଅବ୍ୟକ୍ତ ଯନ୍ତ୍ରଣା,
ଲଢେଇ ଭିଟାମାଟି ପାଇଁ
ଚାରିଆଡେ ଭୟାତୁର ପରିବେଶ
ବଡପଣ୍ଡାଙ୍କ ମନମାନି
ପ୍ରତିକ୍ଷା ଦରଦି ଆଖିର
ନିର୍ବାଣତ୍ୱ ।

ମାଇଲ ମାଇଲ ଦୂରତ୍ୱ
ଅତିକ୍ରମ କରୁଥିବା
ଫୁଙ୍ଗୁଳା ପାଦ ଯୁଗଳ,
କେତେ କଣ୍ଟାଝଣ୍ଟା, ବନ୍ଧୁରତା
ସ୍ୱାଧିନତୋର ଭାରତର କଥା ।
କଥା ଗାଁ ଗହଳିର
ହାତରେ ବିଶ୍ୱାସ ଭକ୍ତିର
ଅର୍ଘ୍ୟ, ସାହା ବାବା
ଚନ୍ଦନେଶ୍ୱର
ନିଜ ପାଇଁତ ସେ
କିଛି ମାଗିନି
ମାଗିଛି ସମାଜ ପାଇଁ ଏ
ଜାତି ପାଇଁ
ଛିଣ୍ଡାଇବାକୁ ଅସମତାର
ଶୃଙ୍ଖଳ
ଲୋଡିଛି, ଲଢିବାକୁ
ଆଉ ଏକ ଅର୍ଜୁନ ।

ନ୍ୟାୟ ପାଇଁ ଦୌଡୁଥିବା
ଦୁଇ ଦେହ ଏକ ପ୍ରାଣ
ଧୂଳି ଧୂସରିତ ରାସ୍ତା, ଦୂରତା
ମାପିବାକୁ ଆଖିନାହିଁ
ଅଚିହ୍ନା ଅପରିଚିତ ସହର
ଘଣ୍ଟାଘଣ୍ଟା ଅପେକ୍ଷା
ବସଟିଏ ପାଇଁ,
ଅଖିଆ ପେଟ, କୁଆଡୁ
ପାଉଥିଲା ଏତେ ସାହାସ
ସମ୍ମୁଖରେ ଘେରିଛନ୍ତି
ଚତୁରଙ୍ଗୀ ସେନା,
ଥକିନି, ଖୁବ ଲଢିଛି
ଏ ସବୁ କଣ ସମ୍ଭବ
ଜଣେ ସାଧାରଣ ମଣିଷ ପାଖରେ
ଇତିହାସ ରଖିବ ସାଇତି
ଭୁଲିବନି, ଭୁଲିବ ବା କାହିଁକି
ଲଢେଇ ତ ସତ୍ୟର, ଲଢେଇ ତ
ଅନ୍ୟାୟ ଅତ୍ୟାଚାର ଦମନର ।

ପ୍ରେରଣା ଯୋଗାଇଛି
ଭରି ଦେଇଛି ଆଶିଷ
ଲଢିବା ପାଇଁ ଜୀବନଯୁଦ୍ଧ
ତିନୋଟି କୋମଳ ଶିଶୁ
ଗୋଟିଏ ଡୋରରେ ବନ୍ଧା
ଦୃଢ ସଂକଳ୍ପ, ବ୍ୟାକୁଳତା
ଛୁଇଁବାକୁ ଉଦିତ ସୂରୁଜ ।
ସେ ତେଜଦୀପ୍ତ ରୂପ
କେମିତି ପଡିଥାନ୍ତା ଥକି
ପ୍ରତ୍ୟେକ ମୂହୁର୍ତ୍ତ ଜଳିଜଳି
ଖୋଜିଛି ସତ୍ତା ବିଭୁର
ସ୍ୱପ୍ନ ସଫଳ ।

ଭାରତ ଯୁଦ୍ଧରେ
ଅନ୍ୟାୟ, ଅନୀତିର ବିପର୍ଯ୍ୟୟ
ପ୍ରତିଷ୍ଠା ସତ୍ୟ, ଧର୍ମର
ସେ ମରଣାନ୍ତକ ଆକ୍ରମଣ
ସେ ଷଡ଼ଯନ୍ତ୍ରର ପଶାପାଲି
ପାରିନିରୋକି,
ଦୃଢ ଇଛାଶକ୍ତି ବଞ୍ଚାଇ ରଖିଛି
ଆଦରିବାକୁ ନବ ସକାଳ
ଚେତେଇ ଦେବା ପାଇଁ,
ଭାଙ୍ଗି ଦେବାପାଇଁ ପ୍ରାଚୀର
ଜାତିବାଦର, ଧନୀ ନିର୍ଦ୍ଧନର ।

ସରଳ ଭକ୍ତି ସତକର୍ମ
ମଣିଷକୁ କଢେଇ ନିଏ
ସଠିକ ରାସ୍ତା
କରିଦିଏ ଆଦର୍ଶ,
ସମାଜ କରେ ଆପଣାର ।
ନଥିଲା ସେ ପଥ ସୁଗମ୍ୟ
ସାଧାରଣ ପରିବାରୁ, ଯାତ୍ରା
ଭାରତୀୟ ପ୍ରଶାସନିକ ସେବା
କଣ ! ଏତେ ସହଜ
ଝରିପଡି ଥିବ ଟୋପାଟୋପା
ରୁଧିର, ଲଢିଥିବ ଶହଶହ
ଲହଲହ ଜିହ୍ୱାଧାରୀ
ନରଭକ୍ଷୀଙ୍କ ସହ
ବାରମ୍ବାର ବାଧକ ସାଜିଥିବ
ଜାତିବାଦ, ନିର୍ଧନର
ସୁଉଚ୍ଚ ପ୍ରାଚୀର ।

ବିଶ୍ୱମହାରଣାର ସୃଷ୍ଟି କାଳଜୟୀ
ପ୍ରତ୍ୟକ ନିହାଣ ମୂନ ସୂଚାଇ
ଦେଇଛି ଜାତି ଇତିହାସ
ବକ୍ଷେ ପରା ଧରିଛି,
ଉତ୍ଥାନ ପତନର ପ୍ରତିଟି ଘଟଣା
ସେ ସଂଗ୍ରାମର ଅଭୁଲା କାହାଣୀ ।
ଆଜି ହୃଦେ ସମାହିତ
କୋଣାର୍କତ ଗଢିଛି, ଗଢିଛି
ସେ ମାଟିର ଧର୍ମପଦକୁ
ରଚିବାକୁ ନବ ଇତିହାସ ।


♥ ଭିନ୍ନକ୍ଷମ ଜାତୀୟ
କ୍ରୀଡାବିତ ତଥା
ମାନବାଧିକାର କର୍ମୀ
ଜୟେଶ୍ୱରପୁର, ବାଲେଶ୍ୱର
ମୋ: ୯୩୩୭୬୮୧୫୨୪


## ଅବୁଝା ପ୍ରେମ

### ପ୍ରଶାନ୍ତ କୁମାର ନାଥ



ମୋତେ ଦେଖିସିନା
ସେଦିନ ତୁମେ ହସି ଦେଇଥିଲ
କିନ୍ତୁ ମୁଁଜାଣି ପାରି ନଥିଲି
ତୁମ ସେହି ହସର କାରଣ ।

ମୋତେ ଦେଖିସିନା
ତୁମର ଗୋଟାଏ ଆଖିବୁଜି
ହୋଇଯାଉଥିଲା ।

ମୁଁ ଭାବୁଥିଲି ତୁମେ ଆଖିରେ ବୋଧେ
କିଛି ଗୋଟେ ପଡିଯାଇଛି ।
ମୋତେ ଚାହିଁ ତୁମ
ଡାହାଣ ହାତର ପାପୁଲି ସିନା
ଓଠ ପାଖକୁ ଚାଲି ଯାଉଥିଲା
ମୁଁ ଭାବୁଥିଲି ବୋଧେ
ତୁମ ଓଠରେ କିଛି ଲାଗି ଯାଇଛି
ଯାହାକୁ ତୁମେ ଛଡେଇବାକୁ
ଚେଷ୍ଟାକରୁଛ ।

ମୁଁ କିନ୍ତୁ ସେ ଦିନ ବୁଝି ପାରୁନଥିଲି
ତୁମର ଏତେ ସବୁ ଠାର
ଆଉ ଆଜି ବୁଝିଲା ବେଳକୁ
ତୁମେ ଚାଲିଯାଇଛ କାହିଁ କେତେ ଦୂର
ଯେଉଁଠି ଟିକେ ବି ସତ୍ତା ନାହିଁ ମୋର ।


♥ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩






## କେଇପଦ କବିତା

### ସୁରେଶ କୁମାର ମହାପାତ୍ର

ଶବ୍ଦର ବିନ୍ୟାଶ କରୁ କରୁ
କବିତାର ଝଙ୍କାର ନିନାଦିତ ହୁଏ,
ସପ୍ତ ଶିଳାର ଗର୍ଭରୁ ତ
କେବେ ଝରଣାର କୁଳୁ କୁଳୁ ନାଦରୁ
ପୁଣି କେବେ କେବେ ଆକାଶର
ଧୂସର ଛବିରୁ ଲୋତକ ଝରେ ।

ପିମ୍ପୁଡିର ଦିଶା ହୀନ ଯାତ୍ରାରେ
କ୍ଳାନ୍ତିର ସ୍ୱାର୍ଥକତାରେ
ପ୍ରିୟାର ପ୍ରତିଛବିରେ ପ୍ରୀତିର ମାଦକତାରେ,
ଉଇର ଗୋଟେ ଗୋଟେ ପାଦ ଚିହ୍ନରେ
ଆକାଶ ଛୁଇଁବାର ପ୍ରୟାସରେ ।

ସମୁଦ୍ରର ଅମାତ ଗର୍ବରେ,
ତରଙ୍ଗର ଅଭିମାନୀ ସ୍ପର୍ଶରେ,
କେବେ କେବେ ହାଲ୍କା ଲାଗେ ମୋ ମନ;
ଭାବର ଶାଢ଼ୀକୁ ପରିଧାନ କରି
ରସର କଳାରେ ଅଳଙ୍କୃତ ହୋଇ
ମୁକ୍ତ ଛନ୍ଦରେ କେବେ ସୂକ୍ତ ହସ ଥାଏ,
ପୁଣି କେବେ ଛନ୍ଦର ଛାନ୍ଦରେ ନାଚୁଥାଏ ।

ପ୍ରତି ଧାଡିରେ ମୋର ପୁନର୍ଜନ୍ମ,
ପ୍ରତି ଶବ୍ଦରେ ପୁର୍ନମୃତ୍ୟୁ,
ମୟୁର ପୁଞ୍ଝରେ, ମନୋରମ ନୃତ୍ୟରେ
କେବେ ତା ପାଦ ପଛପଟ ଯନ୍ତ୍ରଣା
ନିରସ୍ତ୍ର ଯୋଦ୍ଧାର କ୍ଷତାକ୍ତ ଶରୀରରେ
ମାତୃ ଭୂମି ପାଇଁ ଶେଷ ହସ ଟିଏ ।

ମୁଁ କବିତା, ମୋ ନୀଡ଼ ଅସରନ୍ତି
ମୁଁ ସୁପ୍ତ ମନରେ ସଦା ଜାଗ୍ରତ,
ଅପହଞ୍ଚ ଦୁର୍ଗର ଶେଷ ଦ୍ୱାର ମୋ ଠିକଣା,
ମୁଁ ଲେଲିହାନ, ମୁଁ ମୁକ୍ତ
ମୁଁ ଲେଲିହାନ, ମୁଁ ମୁକ୍ତ ।


♥ ପଦ୍ମପୁର,ରାୟଗଡା
ମୋ: ୯୬୯୨୯୨୮୬୨୯


## ଅନ୍ତର୍ଦାହ

### ପ୍ରତିମା ମେହେର



ତୁମେ କି ଜାଣନା ଆଗୋ ପ୍ରିୟତମ
ମୁଁ କିଆଁ ତୁମକୁ ଝୁରେ
ମନ ମଉସୁମୀ ବିରହୀର ସମ
ଝରାଇ ଲୋତକ ନୀରେ ।

ବହଇ କଜ୍ଜଳ ବରଷାର ଧାରେ
ହୋଇ ଝର ଝର ଝର
ଉଡ଼ି ବୁଲେ ମନ ସମୀରର ସୁରେ
ଗାଇ ମିଳନ'ର ସୁର ।

ପହିଲି ବରଷା ଆଷାଢ଼ର ଧାରା
ତନୁ ମନେ ଜାଳେ ନିଆଁ
ଅଛୁଆଁ ଯୌବନ ସୁନା ମୋତି ଝରା
କରିଛ ତମେ କିମିଆଁ ।

ରହ ନାହିଁ ଦୂରେ କର ନାହିଁ ମନା
ଆସ ପାଶେ ପ୍ରିୟ ମୋର
ଭିଜେଇ ଦିଅଗୋ ମିଳନ କାମନା
ସାଥି ତୁମେ ମୋର ଚିର ।

ଭିଜା ଭିଜା ମାଟି ଭିଜା ଭିଜା ପ୍ରେମ
ବାସ୍ନାୟିତ ଫୁଲଗନ୍ଧେ
ଆଲିଙ୍ଗନ କରି ଜାଳି ପ୍ରୀତି ହୋମ
ମିଳନର ଛନ୍ଦେ ଛନ୍ଦେ ।

ମୁଁ ତୁମ ନାୟିକା ତୁମେ ମୋ ନାୟକ
ରସସିକ୍ତ ରସାମୃତ
ପାନ କରି ଦୁହେଁ ହେବା ଗୋ ଆରକ୍ତ
ପ୍ରାଣ ପ୍ରିୟ ମନ ମିତ ।


♥ ପାଟଣାଗଡ, ଜି- ବଲାଙ୍ଗିର


## ଅଜବ ଅତିଥି

### ଗୌରି ମେହେର



ଅତିଥି ଆସନ୍ତି, ମାତ୍ର କେଇ ଦିନ ପାଇଁ
ପରେ ଯାଇଥାନ୍ତି ଚାଲି!!!
କିନ୍ତୁ ମୋହରି ଅତିଥି ଏମିତି ଅଜବ ଯେ
ଯିଏ ଫେରିଯିବାକୁ ଗଲେଣି ଭୁଲି ।

ରହିଯାଇଛନ୍ତି କାଇଁ କେତେ ଦିନୁ
ତାଙ୍କ ଅଜବ ବନ୍ଧନ ରେ ବାନ୍ଧି!!!!
ବିକଳ ହେଲିଣି, କେତେ ବି କହିଲିଣି
ସତେ ହୋଇ ଯାଉଛି ମୁଁ ଛନ୍ଦି ।

'ଦୁହ୍ମ' ମୋର ସେଇ ଅଜବ ଅତିଥି
ମୋ ଘରେ କରିଲେଣି ବସା!!!!
ଅତିଥି ହୋଇ ସେ କେମିତି ଭୁଲିଗଲେଣି ଯେ
ନିଜ ମାନ, ମର୍ଯ୍ୟାଦା ର କଥା ।

ଯେତେ ମୁଁ ଚାହୁଁଛି ହସ ଦେଖିବାକୁ
ଲୁହ ହିଁ ପିଉଛି ଖାଲି!!!!
ପିଡାର ବହ୍ନି ରେ ଦରପୋଡା ମୁଁ ହେଲିଣି
ଅତିଥି ରହିଯାଇଛନ୍ତି ବୋଲି ।

ଅତିଥି ଆସନ୍ତି ପ୍ରେମ, ମମତା ବୁଣନ୍ତି
ଦେଖାନ୍ତି କେତେ ଖୁସି, ସ୍ୱର୍ଗ ର ଝଲକ!!!
ହେଲେ ମୋ ଅତିଥି ପାଇଁ କଣ୍ଟକିତ ମୋ ପଥ
ଆଖିରେ ପଡୁନି ଖୁସି ପଲକ ।

ଅତିଥି କୁ କହନ୍ତି କରି ଅନୁରୋଧ
ହେ ପ୍ରିୟ ବନ୍ଧୁ ପୁଣି ଆସିବ ହେ ଅଳ୍ପ ଦିନେ
ପୁଣି ସେଇ ଖୁସି, ଆନନ୍ଦ ଆଣିବ
ତୁମ ବାଟ ଚାହିଁ ରହିଥିବୁ ଆମେ ।

ହେଲେ ମୋ ଅପ୍ରିୟ ଅତିଥି କୁ କରେ ବିନତି
ଯାଅ ହେ ମୋତେ ଛାଡି ଏବେ!!!
ହୃଦରୁ ଚାହିଁବି, ଆହେ ବନ୍ଧୁ ମୋର
ଆଉ ଫେରି ଆସିବନି କେବେ ।
ଆଉ ଫେରି ଆସିବନି କେବେ ।


♥ ଗମ୍ଭାରୀଗୁଡା, ସିନାପାଲି,
ନୂଆପଡ଼ା

# ଥମୁନି ଝାରଖଣ୍ଡୀ ହାତୀଙ୍କ ଉପଦ୍ରବ : ଚାଲିଗଲା ଦୁଇ ଜୀବନ



ବାଙ୍ଗିରିପୋଷି,୨୦/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଅନ୍ତର୍ଗତ ଦିଗାରିଶୋଳ ଗ୍ରାମରେ ୭୦ରୁ ଅଧିକ ଝାରଖଣ୍ଡୀ ହାତୀଙ୍କ ଉପଦ୍ରବ ଥମିବାର ନାମ ଧରୁନାହିଁ। ଚାରି ଦିନ ହେଲା ସାରସକଣା ଅଞ୍ଚଳରେ ଝାରଖଣ୍ଡୀ ହାତୀପଲ ରହି ବିଭିନ୍ନ ସ୍ଥାନରେ ବିଚରଣ କରିବା ସହ ଉପଦ୍ରବ ଚଳାଇଥିବା ବେଳେ ଏହି ହାତୀପଲ ପ୍ରାୟ ସମୟରେ ଏହି ବ୍ଲକ ଅଞ୍ଚଳକୁ ପ୍ରବେଶ କରି ଉପଦ୍ରବ ଚଳାଇଥିବାରୁ ହାତୀପଲ ଉପଦ୍ରବରେ ଲୋକେ ଅତିଷ୍ଠ ହୋଇ ପଡିଲେଣି। ଏପରି ନିଜ ଘର ଛାଡ଼ି ଅନ୍ୟ ଘରେ ଆଶ୍ରୟ ନେଉଛନ୍ତି। ତୋ କେହି ମୋବାଇଲ ଟାୱାର ଉପରେ ଚଢ଼ି ନିଜ ଜୀବନ ପାଇଁ ସଂଘର୍ଷ କରୁଛନ୍ତି।

ମୃତକ ହେଲେ ସାରସକଣା ବ୍ଲକ ଅଧୀନ ଦିଗାରିଶୋଳ ଗ୍ରାମର ବୁଧିଆ ମୁଣ୍ଡା (୩୮ ) ଓ ଫୁଲମଣି ମୁଣ୍ଡା (୬୦)। ରବିବାର ସନ୍ଧ୍ୟା ସମୟରେ ଗାଁ ହାଟରୁ ସଉଦା କରି ଫେରୁଥିବା ବେଳେ ୭୦ ଟିକିଆ ହାତୀପଲ ସହିତ ମୁହାଁମୁହିଁ ହେବାରୁ ଆକ୍ରମଣର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ସେହିପରି ସେହି ଗ୍ରାମର ଫୁଲମଣି ମୁଣ୍ଡା ଖାଇ ସାରି ଶୋଇଥିବା ସମୟରେ ହାତୀ ଘର ଭାଙ୍ଗିଯିବାରୁ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏବାବଦରେ ଝାରପୋଖରିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବାଙ୍ଗିରିପୋଷି ରେଞ୍ଜର ଓ ଫରେଷ୍ଟର ଗୁରୁବାରୀ ମାରାଣ୍ଡିଙ୍କୁ ଏ ବାବଦରେ ଖବର ଦେବା ପରେ ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ନ ଥିଲେ। ତେବେ ଗୁରୁତରଙ୍କୁ ପ୍ରଥମେ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଦିଗାରୀଷୋଳ ଗ୍ରାମରେ ଉଦ୍ଧାର ପାଇଁ ଯାଇଥିବା ଅଗ୍ନିଶମ ଗାଡ଼ିକୁ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଅଟକ ରଖିଥିଲେ। ତେବେ ଅଞ୍ଚଳକୁ ହାତୀପଲ ପ୍ରବେଶ କରି ଉପଦ୍ରବ ଜାରି ରଖିଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଝାରଖଣ୍ଡୀ ହାତୀ ଉପଦ୍ରବକୁ ରୋକିବା ପାଇଁ ବନବିଭାଗ ଅସମର୍ଥ ଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଦାଦନ ଶ୍ରମିକଙ୍କ ଶବ ପହଂଚିବା ପରେ ଗ୍ରାମରେ ଉତ୍ତେଜନା : ଦଲାଲ୍‌ଠାରୁ କ୍ଷତିପୂରଣ ଦାବି

ବୌଦ୍ଧ,୨୦/୦୬ (ନି.ପ୍ର): ଦାଦନ ଶ୍ରମିକର ଶବ ପହଂଚିବା ପରେ ଗ୍ରାମରେ ଦେଖାଦେଇଛି ଉତେଜନା। ଦାଦନ ଦଲାଲ ଠାରୁ କ୍ଷତିପୂରଣ ଦାବି କରି ଉତ୍ୟକ୍ତ ଗ୍ରାମବାସୀ ମାନେ ମୃତକର ଶବକୁ ଦଲାଲ ଘର ସାମ୍ନାରେ ରଖି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିବା ବେଳେ ସଡକ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିବା ବିଘୁଆକଟା ଗାଁର ୩୫ ବର୍ଷୀୟ ଜୟ ଭୋକ୍ତାଙ୍କ ଶବ ଗ୍ରାମରେ ପହଂଚିଛି। ଲୁଣିବାହାଲ ପଂଚାୟତର ବିଘୁଆକଟା ଗାଁର ଜୟ ଭୋକ୍ତା ତାମିଲନାଡୁର ତାୟରମ ଅଂଚଳର ଏକ ଘରୋଇ ମାର୍ବଲ କମ୍ପାନୀରେ ରହି ଶ୍ରମିକ ଭାବେ କାମ କରୁଥିଲେ। ଏକ ମିନିଟ୍ରକରେ କୌଣସି ଏକ ସ୍ଥାନକୁ ମାର୍ବଲ ଦେବାକୁ ଯାଉଥିବା ସମୟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଅନଙ୍ଗ ପ୍ରଧାନ ଓ ଜୟ ଭୋକ୍ତାଙ୍କ ମୃତ୍ୟୁ ହୋଇଥିଲା। କମ୍ପାନୀ ପକ୍ଷରୁ ପରିବାର ଲୋକଙ୍କୁ ଯୋଗାଯୋଗ କରି ଉଭୟଙ୍କ ମୃତଦେହ ଏକ ଆମ୍ବୁଲାନ୍ସ ଯୋଗେ ଓଡିଶା ପଠାଇଥିଲେ। ଆଜି ବିଘୁଆକଟା ଗ୍ରାମରେ ଭୋକ୍ତାଙ୍କ ମୃତ ଦେହ ପହଁଚିଥିବା ବେଳେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକଙ୍କ ପରିବାର ପକ୍ଷରୁ ଦଲାଲ ସୁଶାନ୍ତ ପ୍ରଧାନଙ୍କ ଘର ସମ୍ମୁଖରେ ଶବ ରଖି ଧାରଣ ଦିଆଯାଇଛି। ଦଲାଲ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ନଦେବା ଯାଏଁ ଶବ ଉଠିବ ନାହିଁ ବୋଲି ପରିବାର ଲୋକେ ଚେତବନୀ ଦେଇଛନ୍ତି। ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପିତାମ୍ବର ପୁର ପଂଚାୟତର ଜିରାଡ଼ ଗାଁର ୩୦ ବର୍ଷୀୟ ଅନଙ୍ଗ ପ୍ରଧାନ, ସାମ୍ପଚ ପଂଚାୟତ ବରଝୁଲି ଗାଁର ସାନନ୍ଦ ଭୋଇ ଏବଂ ବିଘୁଆକଟା ଗାଁର ୩୫ ବର୍ଷୀୟ ଜୟ ଭୋକ୍ତା ଦାଦନ ଖଟିବାକୁ ତାମିଲନାଡୁ ଯାଇଥିଲେ। ଉକ୍ତ ତିନିଜଣ ଯୁବକ ତାମିଲନାଡୁର ହେମ୍ଭ ମ ଅଂଚଳର ଏକ ଘରୋଇ ମାର୍ବଲ କମ୍ପାନୀରେ ରହି ଶ୍ରମିକ ଭାବେ କାମ କରୁଥିଲେ। ଏକ ମିନିଟ୍ରକରେ କୌଣସି ଏକ ସ୍ଥାନକୁ ମାର୍ବଲ ଦେବାକୁ ଯାଉଥିବା ସମୟରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ଏହି ଦୁର୍ଘଟଣାରେ ଅନଙ୍ଗ ପ୍ରଧାନ ଓ ଜୟ ଭୋକ୍ତାଙ୍କ ମୃତ୍ୟୁ ହୋଇଥିବା ବେଳେ ସାନନ୍ଦ ଭୋଇ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ୨ ମାସ ଆଗରୁ ସେମାନେ କାମ କରିବାକୁ ତାମିଲନାଡୁ ଯାଇଥିଲେ।

# ସିନ୍ଧିଭଟା - ଥୁଆଙ୍ଗପଦର ଗୋଷ୍ଠି ସଂଘର୍ଷ : ୧୫ ଆହତ

ଭବାନୀପାଟଣା,୨୦/୦୬ (ନି.ପ୍ର): ଦୁଇ ଗାଁ ମଧ୍ୟରେ ଗୋଷ୍ଠି ସଂଘର୍ଷ ଫଳରେ ୧୫ ଜଣ ଆହତ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ସିନ୍ଧିଭଟା ଓ ଥୁଆଙ୍ଗପଦର ଗାଁ ମଧ୍ୟରେ ଘଟିଛି ଗୋଷ୍ଠି ସଂଘର୍ଷ। ଜଙ୍ଗଲ ଜମି ଅଧିକାରକୁ ନେଇ ଆଜି ପୂର୍ବାହ୍ନରେ ଲାଖବାହଲ ନିକଟରେ ଉଭୟ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଉଭୟ ଗୋଷ୍ଠି ପରସ୍ପର ଉପରେ ଆକ୍ରମଣ କରିବା ଫଳରେ ୧୫ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଲାଞ୍ଜିଗଡ଼ ଡାକ୍ତରଖାନାରେ ଭର୍ତି କରାଯାଇଛି। ଖବର ପାଇ ବିଜେପୁର ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଛି।

# ଏକଘରିକିଆ କରିଛନ୍ତି ଗାଁ ଲୋକେ : ବଞ୍ଚିବା ଦୁର୍ବିସହ

ଆଳି,୨୦/୦୬ (ନି.ପ୍ର): ଦିନକୁ ଦିନ ଉଗ୍ର ହେଉଛି ଜମିବାଡ଼ି ବିବାଦ। ଏଥିପାଇଁ ଏକ ପରିବାରକୁ ଭୋଗିବାକୁ ପଡୁଛି ଅକଥନୀୟ ଯନ୍ତ୍ରଣା। ଗ୍ରାମବାସୀ ଉକ୍ତ ପରିବାରକୁ ମାସେ ହେବ ଏକ ଘରିକିଆ କରି ରଖିଛନ୍ତି। ଫଳରେ ଗାଁରେ ଚଳିବା ଦୁର୍ବିସହ ହୋଇପଡ଼ିଥିବା କହି ଆଖିରୁ ଲୁହ ଗଡ଼ାଉଛନ୍ତି ପରିବାର ଲୋକେ। ଏପରି ଅଭାବନୀୟ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ଗିରିଆ ଗାଁରେ ଘଟିଛି।

ଗିରିଆ ଗାଁର ପୁରନ୍ଦର ଲେଙ୍କାଙ୍କ ପରିବାର କହିଲେ ପତ୍ନୀ ଓ ୩ ଝିଅ। ପର ଘରେ ମୁଲ ଲାଗିଲେ ପରିବାର ଚଳେ। ଗତ କିଛି ଦିନ ହେବ ପୁରନ୍ଦରଙ୍କ ପରିବାର ସହ ପଡ଼ୋଶୀଙ୍କ ଜମିବାଡ଼ି ବିବାଦ ଲାଗିରହିଥିବା ବେଳେ ଦିନକୁ ଦିନ ସ୍ଥିତି ଦୁର୍ବିସହ ହେବାରେ ଲାଗିଛି। ଏହି ବିବାଦର ସମାଧାନ ପାଇଁ ଦୁଇ ପକ୍ଷ ଗାଁ କମିଟିର ଦ୍ୱାରସ୍ଥ ହୋଇଥିଲେ। ଗାଁ କମିଟିର ନିର୍ଦ୍ଦେଶାନୁଯାୟୀ, ଉଭୟ ପକ୍ଷ ଅମିନ ଆଣି ଜମିବାଡ଼ି ମାପ କରିଥିଲେ। ହେଲେ ପଡ଼ୋଶୀ ଜଣଙ୍କ ମାପ ହୋଇଥିବା ଖୁଣ୍ଟକୁ ଓପାଡ଼ି ଦେଇଥିଲେ ଓ ପୁରନ୍ଦରଙ୍କ ଗଛରୁ ନଡ଼ିଆ ନେଇ ଯାଇଥିଲେ। ଏନେଇ ପୁରନ୍ଦର କୋର୍ଟରେ ମାମଲା କରିବା ସହ ଗାଁ କମିଟିକୁ ଜଣାଇଥିଲେ। ହେଲେ ଉକ୍ତ ଜାଗାରେ ପଡ଼ୋଶୀ ଯାହା କିଛି କରିବେ ତୁମେ କିଛି କହିବ ନାହିଁ ବୋଲି ଏକ ସ୍ୱୀକାରକ୍ତି ଲେଖି ଦେବା ପାଇଁ ଗାଁ କମିଟି ପୁରନ୍ଦରଙ୍କୁ କହିଥିଲା। ଏଥିରେ ପୁରନ୍ଦର ରାଜି ନ ହେବାରୁ ଗାଁ କମିଟି ପକ୍ଷରୁ ତାଙ୍କୁ ଏକଘରିକିଆ କରି ଦିଆଯାଇଛି। ଗାଁରେ ମିଶିବାକୁ ହେଲେ ଜରିମାନା ଦେବାକୁ ପଡ଼ିବ ବୋଲି କୁହାଯାଇଥିବା କହିଛନ୍ତି ପୁରନ୍ଦର। ଏବେ ଏହି ପରିବାର ସଦସ୍ୟଙ୍କ ସହ ଗାଁର କୌଣସି ଲୋକ କଥା ହେଉ ନ ଥିବା ବେଳେ ଗାଁ ଦୋକାନରୁ ସେମାନେ ସଉଦା କିଣିପାରୁ ନାହାନ୍ତି। ଯେଉଁ ଗ୍ରାମବାସୀ କଥା ହେବେ, ତାଙ୍କୁ ୫୦୦ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ଗାଁ କମିଟି ପକ୍ଷରୁ ଚେତାବନୀ ଦିଆଯାଇଥିବାରୁ କେହି କଥା ହେଉ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷେ, ଏକ ଘରିକିଆ ହୋଇଥିବାରୁ କୌଣସି କାମ ପାଇପାରୁ ନାହାନ୍ତି ପୁରନ୍ଦର। ଫଳରେ ଘରେ ହାତ ଟେକି ବସୁଥିବା ବେଳେ ୫ ପ୍ରାଣୀ କୁଟୁମ୍ବ ଚଳାଇବା ଅସମ୍ଭବ ହୋଇ ପଡୁଥିବା କହିଛନ୍ତି। ଗାଁ କମିଟିର ଏଭଳି ନିଷ୍ପତ୍ତି କି ବିରୋଧ କରିବାରୁ ନଳିନୀ ରାଉତ ନାମକ ଅନ୍ୟ ଜଣେ ଗ୍ରାମବାସୀଙ୍କୁ ମଧ୍ୟ ଏକ ଘରିକିଆ କରି ରଖାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୁରନ୍ଦରଙ୍କ ପତ୍ନୀ କହିଛନ୍ତି, ଗାଁ ଲୋକେ ମୋ ସ୍ୱାମୀଙ୍କୁ ଡାକି ନେଇ କାଗଜରେ ଦସ୍ତଖତ କରିବାକୁ ଧମକ ଦେବା ସହ ମାରପିଟ କରିଛନ୍ତି। ଆମେ ଗାଁରୁ ସଉଦାପତ୍ର କିଣିପାରୁନୁ। ଯିଏ ଆମ ସହ କଥା ହେବ ଜରିମାନା ଦେବାକୁ ପଡ଼ିବ ବୋଲି କୁହାଯାଇଥିବାରୁ କେହି ଆମ ସହ କଥା ହେଉ ନାହାନ୍ତି। ଆମର ୨ଟି ପାଣି ପାଇପ୍ ଭାଙ୍ଗି ସାରିଲେଣି। କିଛି କହିପାରୁନୁ କି ସହିପାରୁନୁ। ଗିରିଆ ଗାଁ କମିଟି ସଭାପତି ବାସୁଦେବ ମହାନ୍ତି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏଥିସହ ସେ କହିଛନ୍ତି, ଏକଘରିକିଆ କରାଯିବା ନିଷ୍ପତ୍ତି ମିଛ। ସେମାନଙ୍କର ଜାଗାବାଡ଼ି କେସ୍ ଚାଲିଛି। ଏହାକୁ ନେଇ ଥାନାରେ ମାମଲା ଅଛି। ଜରିମାନା ଆଦାୟ ଲାଗି ଧମକ ଦେବା, ଗାଁ ଦୋକାନରୁ ସଉଦା ନ ଦେବା ଆଦି ସମସ୍ତ ବିଷୟକୁ ସେ ଖଣ୍ଡନ କରିଛନ୍ତି।

# କୃଷି ବିଭାଗ, ଡିଲର ଓ ପ୍ୟାକ୍ସର ଚକ୍ରବ୍ୟୁହରେ ଚାଷୀ : ବର୍ଷା ଆସିଲା, ଧାନ ବିହନ ପାଇଁ ଚାଷୀ ନାକେଦମ



ଭବାନୀପାଟଣା : କଳାହାଣ୍ଡି ଜିଲ୍ଲାରେ ମୌସୁମୀ ବର୍ଷା ଆସିବା ପରେ ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ତତ୍ପର ହୋଇଉଠିଛନ୍ତି। ହେଲେ ଧାନ ବିହନର ଅଭାବ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଡିଲର ଓ ପ୍ୟାକ୍ସର ଚକ୍ରବ୍ୟୁହ ଯୋଗୁ ଚାଷୀଙ୍କୁ ଆବଶ୍ୟକ ଧାନ ବିହନ ମିଳୁନଥିବା ବେଳେ ଚାହିଦା ନଥିବା ବିହନ ମହଜୁଦ ଥିବା ନେଇ ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଦୋକାନଗୁଡ଼ିକରେ ଚଢ଼ା ଦରରେ ଚାହିଦା ଥିବା ଧାନ ମିଳୁଥିବା ଯୋଗୁ ବିହନ ଧାନର ଅଭାବ ଚାଷୀଙ୍କୁ ବ୍ୟଥିତ କରିଛି। ପ୍ରତିବର୍ଷ ଡିଲର ଓ ପ୍ୟାକ୍ସ ମିଳିମିଶି ଚାଷୀଙ୍କୁ ଧାନ ବିହନ ପାଇଁ ଶୋଷଣ କରୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ବର୍ତ୍ତମାନ ସବୁଠୁ ଅଧିକ ଚାହିଦା ଥିବା ସ୍ୱର୍ଣ୍ଣା, ୧୦୦୧ ଓ ପୂଜା ଧାନ ଭଳି ଧାନ ବିହନ ମିଳୁ ନଥିବା ଯୋଗୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। କଳାହାଣ୍ଡି ଜିଲ୍ଲାକୁ ଖଣ୍ଡଗିରି ଧାନ ବିହନ ୨୬୧.୪୦ କ୍ୱିଣ୍ଟାଲ, ସହଭାଗୀ ୬୮ କ୍ୱିଣ୍ଟାଲ, ଏମ୍‌ଟିୟୁ-୧୦୧୦ ଧାନ ୭୭୨.୪୦ କ୍ୱିଣ୍ଟାଲ, ଏମ୍‌ଟିୟୁ ୧୦୦୧ ଧାନ ୭୪୦୬.୬୦ କ୍ୱିଣ୍ଟାଲ, ଏମ୍‌ଟିୟୁ-୭୦୨୯ ଧାନ ୨୪୭୭.୬୦ କ୍ୱିଣ୍ଟାଲ, ଲଲାଟ ୭୧୭ କ୍ୱିଣ୍ଟାଲ, ସିଆର ଧାନ ୩୦୭ ୪୮.୪୦ କ୍ୱିଣ୍ଟାଲ, ଏସ୍‌ଏସ୍-୧ ୬୦୨.୮୦ କ୍ୱିଣ୍ଟାଲ, ଏମ୍‌ଟିୟୁ -୧୧୫୩ ଧାନ ୪୩୪.୬୦ କ୍ୱିଣ୍ଟାଲ, ଏମ୍‌ଟିୟୁ ୧୧୫୬ ଧାନ ୨୦୨୭ କ୍ୱିଣ୍ଟାଲ, ପୂଜା ଧାନ ୩୪୯୨ କ୍ୱିଣ୍ଟାଲ, ଏମ୍‌ଟିୟୁ ୧୨୧୦ ଧାନ ୩୩୯.୮୦ କ୍ୱିଣ୍ଟାଲ, ଆରଜିଏଲ୍-୨୫୩୭ ଧାନ ୩୦.୬୦ କ୍ୱିଣ୍ଟାଲ, କଳାଚମ୍ପା ୧୩୧୮.୬୦ କ୍ୱିଣ୍ଟାଲ, ବୀଣା-୧୧ ଧାନ ୨୦୦ କ୍ୱିଣ୍ଟାଲ ଆସିଛି। ୧୫ ପ୍ରଜାତିର ୨୧୬୬୩.୨୦ କ୍ୱିଣ୍ଟାଲ ଧାନ ବିହନ କଳାହାଣ୍ଡି ଜିଲ୍ଲାକୁ ଆସିଥିବା ବେଳେ ଡିଲରମାନଙ୍କୁ ୮୩୭୦.୪୦ କ୍ୱିଣ୍ଟାଲ ଓ ପ୍ୟାକ୍ସକୁ ୫୩୩୮.୨୦ କ୍ୱିଣ୍ଟାଲ ଧାନ ପ୍ରଦାନ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ୧୩୮୯୨.୨୦ କ୍ୱିଣ୍ଟାଲ ଧାନ ବିକ୍ରି ହୋଇଥିବା ବେଳେ ୧୧୯୬ କ୍ୱିଣ୍ଟାଲ ଧାନ ମହଜୁଦ ରହିଛି। ଜିଲ୍ଲାରେ ଚାହିଦା ଥିବା ୧୦୦୧ କିସମ ବିହନ ଧାନ ମାତ୍ର ୧୨୮.୫୦ କ୍ୱିଣ୍ଟାଲ ମହଜୁଦ ରହିଛି। ଅନ୍ୟପକ୍ଷରେ ପୂଜା ଧାନ ଓ ସ୍ୱର୍ଣ୍ଣା ଏମ୍‌ଟିୟୁ ୭୦୨୯ ଆଦୌ ନାହିଁ। କଳାହାଣ୍ଡି ଜିଲ୍ଲାକୁ ସବୁବେଳେ ନୂଆ ଧାନ ଆସିଲେ ଏହାର ପ୍ରୟୋଗ ପାଇଁ ପଠା ଯାଇଥାଏ। ଜିଲ୍ଲାର ଭୌଗୋଳିକ ପରିସ୍ଥିତି ଓ ଜଳସେଚନର ଅବସ୍ଥିତିକୁ ନେଇ ଆବଶ୍ୟକ ହେଉଥିବା ଧାନ ବିହନ ଜିଲ୍ଲାକୁ ପ୍ରଦାନ ନକରି ଚାଷୀଙ୍କ ଚାହିଦା ନଥିବା ଧାନ ଜବରଦସ୍ତି ଜିଲ୍ଲାକୁ ଆସୁଥିବା ଯୋଗୁ ଅସନ୍ତୋଷ ବୃଦ୍ଧିପାଇଲାଣି। କେବଳ ସେତିକି ନୁହେଁ, ଓଡ଼ିଶା ବିହନ ନିଗମରୁ ଡିଲରମାନଙ୍କୁ ଦିଆଯାଉଥିବା ଧାନ ଚଢ଼ା ଦରରେ ବିକ୍ରି ହେଉଛି ଓ ଜାଣିଶୁଣି ଅଭାବ ସୃଷ୍ଟି କରାଯାଉଛି। ପ୍ୟାକ୍ସ ଓ ଘରୋଇ ଡିଲରମାନେ ଆବଶ୍ୟକ ମୁତାବକ ବିହନ ନିମନ୍ତେ ଟଙ୍କା ଜମା କରୁ ନଥିବାରୁ ବିହନ ଯୋଗାଣରେ ବିଳମ୍ବ ହେଉଛି। ଅନ୍ୟପକ୍ଷରେ ଘରୋଇ ଡିଲରମାନଙ୍କ ଚକ୍ରବ୍ୟୂହ ଯୋଗୁ ସେମାନେ ବିହନ ଯୋଗାଣ ନେଇ କୃତ୍ରିମ ଅଭାବ ସୃଷ୍ଟି କରି ଏହାର ଫାଇଦା ଉଠାଉଛନ୍ତି। ପ୍ୟାକ୍ସମାନେ ଠିକ ସମୟରେ ବିହନ ପ୍ରଦାନ କରୁନଥିବାରୁ ଚାଷୀମାନେ ବାଧ ହୋଇ ଘରୋଇ ଡିଲରଙ୍କଠାରୁ ଚଢ଼ା ଦରରେ ଧାନ ବିହନ କିଣୁଛନ୍ତି। ଡିଲରଙ୍କ ଷ୍ଟକ୍ ଯାଞ୍ଚ ମଧ୍ୟ କରାଯାଉନାହିଁ। ଉଲ୍ଲେଖଥାଉକି, ଚାଷୀଙ୍କୁ ଆବଶ୍ୟକ ହେଉଥିବା ୧୩୫ ଦିନିଆ ଧାନ ପରିବର୍ତ୍ତେ କର୍ତ୍ତୃପକ୍ଷ ଜବରଦସ୍ତି ୧୪୫ରୁ ୧୫୫ ଦିନିଆ ଧାନ ବିହନ ମହଜୁଦ ରଖୁଛନ୍ତି। ସେହିଭଳି ଚାଷୀଙ୍କ ଧାନ ବିହନ ସବ୍‌ସିଡିରେ ମଧ୍ୟ ବ୍ୟାପକ ଅନିୟମିତତା ହେଉଛି। ଜୁନ୍ ୧୫ ତାରିଖ ମଧ୍ୟରେ ଚାହିଦା ଥିବା ଧାନ ମିଳୁ ନଥିବା ଯୋଗୁ ଚାଷ କାର୍ଯ୍ୟରେ ମଧ୍ୟ ବିଳମ୍ବ ଦେଖାଦେଉଛି। ରାଜ୍ୟ ସରକାର ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର : ୨ ଅଟକ

ସୋନପୁର,୨୦/୦୬ (ନି.ପ୍ର): ସୋନପୁର ଜିଲ୍ଲା ବରଗଡ଼ - ବୋରିଗୁମ୍ମା ଜାତୀୟ ରାଜପଥର ଡୁଙ୍ଗୁରିପାଲି ଥାନା ଠାରୁ ଅନତି ଦୂରରୁ ଏକ ଜୀବନ୍ତ ବଜ୍ରକାପ୍ତାକୁ ଜବତ କରିବା ସହ ଘଟଣାରେ ୨ ଜଣଙ୍କୁ ଅଟକ ରଖିଛି ଏସଟିଏଫ। ଦୁଇ ଅଭିଯୁକ୍ତଙ୍କୁ ବିନିକା ଫରେଷ୍ଟ ଅଧିକାରୀଙ୍କୁ ହସ୍ତାନ୍ତର କରିଛି ଏସଟିଏଫ। ସୋନପୁର ଡିଏଫଓଙ୍କୁ ଏହି ଜୀବନ୍ତ ବଜ୍ରକାପ୍ତା ହସ୍ତାନ୍ତର କରାଯାଇଛି। ବନ ବିଭାଗ ପକ୍ଷରୁ ଅଟକ ଦୁଇ ଅଭିଯୁକ୍ତଙ୍କୁ ପଚରା ଉଚୁରା କରାଯିବା ସହ ଏନେଇ ଅଧିକ ତଦନ୍ତ ଜାରୀ ରହିଛି। ଉଦ୍ଧାର ହୋଇଥିବା ବଜ୍ରକାପ୍ତାର ଓଜନ ୯ କେଜି ବୋଲି ଜଣାପଡିଛି।

# ତେଲନଦୀ ବ୍ରିଜର ପାଣି ଡ୍ରେନେଜ ପୋଲ ସଫେଇ

ବଲାଙ୍ଗିର,୨୦/୦୬ (ନି.ପ୍ର): ସ୍ୱଚ୍ଛ ଭାରତ ସଂଗଠନ ସୋନପୁର -ମନମୁଣ୍ଡା ପକ୍ଷରୁ ତେଲ ନଦୀ ବ୍ରିଜ ରେ ବାଲିରେ ପୋତି ହୋଇଥିବା ପାଣି ଡ୍ରେନେଜ ର ଶହ ଶହ ପୋଲକୁ ସଫେଇ କରାଯାଇଛି। ଗତକାଲି ପ୍ରଥମ ବର୍ଷାରେ ସୁବର୍ଣ୍ଣପୁର ସହରର ସମସ୍ତ ଅଂଚଳରେ ଆଣ୍ଠୁଏ ଉଚ୍ଚରେ ପାଣି ଜମି ଯାଇଥିବାରୁ ସାଧାରଣ ଲୋକ ଓ ଯାନ ବାହନ ସବୁ ଯାତାୟାତ ବେଳେ ଘୋର ଅସୁବିଧାର ସମ୍ମୁଖିନ ହେବାକୁ ପଡିଛି। ଏହି ଖବର ପାଇ ଆଜି ସ୍ୱେଚ୍ଛାସେବୀ ସଂଗଠନ ସ୍ୱଚ୍ଛ ଭାରତର କର୍ମକର୍ତ୍ତା ସୟଦ ଅଲିମୁଲ ଇସଲାମଙ୍କ ନେତୃତ୍ୱରେ ବ୍ରିଜ ର ଛୋଟ ଛୋଟ ପୋଲ ସବୁକୁ ସଫେଇ କରି ଜମିଥିବା ପାଣିକୁ ଡ୍ରେନେଜ କରିଥିଲେ। ଶହ ଶହ ବର୍ଷ ର ଏହି ପୁରୁଣା ବ୍ରିଜ ର ମରାମତି ଓ ରକ୍ଷଣା ବେକ୍ଷଣା ଲାଗି ବାରମ୍ବାର ଏନଏଚ ଡିଭିଜନ ସମେତ ଉଭୟ ଜ଼ିଲ୍ଲାର ଜ଼ିଲ୍ଲାପାଳ ମାନଙ୍କୁ ଏ ସଂଗଠନ ବହୁ ପୂର୍ବରୁ ଲିଖିତ ଆକାରରେ ଦାବୀ କରି ଆସୁଥିଲେ ସୁଦ୍ଧା ବ୍ରିଜ ର ରକ୍ଷଣାବେକ୍ଷଣ ପ୍ରତି ଉଭୟ ଜ଼ିଲ୍ଲା ପ୍ରଶାସନର ଦୂର ଦୃଷ୍ଟିର ଅଭାବକୁ ସଂଘ କର୍ମକର୍ତ୍ତାଙ୍କ ସମେତ ଉଭୟ ଜ଼ିଲ୍ଲାର ବୁଦ୍ଧିଜୀବୀ ଘୋର ନିନ୍ଦା କରିଛନ୍ତି। ଦୀର୍ଘ ଦଶ ବର୍ଷ ମଧ୍ୟରେ ବ୍ରିଜ ରେ ଥରେ ଚୂନ ଲାଗିଥିବା ଓ ଖାଲ ନାଳରେ ଥରେ କରାଳ ପିଚୁ ଡାଳି ଥିବା ଓ ଥରେ ବାଲି ସଫା କରିଥିବା ଲୋକଙ୍କ ନଜର, ଆଉ ଏଇ ସ୍ୱେଚ୍ଛାସେବୀଙ୍କ ନଜରରେ ଆସିଥିବା ଜଣାଯାଇଛି। କିନ୍ତୁ, ୨୦୧୪ ରୁ ଏହି ସ୍ୱେଚ୍ଛାସେବୀ ସଂଗଠନ ଓ ସୋନପୁର ମନମୁଣ୍ଡା ଉଭୟ ସହରର କିଛି ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀଙ୍କ ଉଦ୍ୟମରେ ବ୍ରିଜ ର ଉଭୟ ପଟର ଖାଲ ନାଳକୁ ଇଟା ପଥର ପେଚିଂ ସହ ବାଲି ମାଟି ସଫେଇ କରାଯାଉଛି। ଆଜିର ସଫେଇ କାର୍ଯ୍ୟକ୍ରମ ପରେ ପରେ ଦିଲ୍ଲୀର ଅଲ୍ଲୀ କ୍ଲବ ୨୪ ତମ ମିସ ଏଣ୍ଡ ମିଷ୍ଟର ଟିନ ଇଣ୍ଡିଆ ପ୍ରତିଯୋଗିତାକୁ ନିମନ୍ତ୍ରଣରେ ବିଚାରକ ଭାବେ ଡାକିଥିବା ସ୍ୱଚ୍ଛ ଭାରତ ପରିବାରର ରାମଚନ୍ଦ୍ର ଓ ରୀନା ଅଗ୍ରୱାଲାଙ୍କ ଝିଅ ତନିଷାଙ୍କୁ ସ୍ୱଚ୍ଛ ଭାରତ ସଂଗଠନ ପକ୍ଷରୁ ମନମୁଣ୍ଡା ଠାରେ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ସମସ୍ତ କାର୍ଯ୍ୟକ୍ରମରେ ସଂଗଠନର ଗରିବ ଲୋଇ, ଅଶୋକ ହୋତା, ଇନ୍ଦୁମତୀ ପୁରୋହିତ, ପ୍ରଦ୍ୟୁମ୍ନ ପଟେଲ, ରାମଚନ୍ଦ୍ର ଆଗ୍ରୱାଲା, ପ୍ରହଲ୍ଲାଦ ମିଶ୍ର, ମନୋରଞ୍ଜନ ତ୍ରିପାଠୀ, ଲଡ୍ଡୁ କିଶୋର ମଲ୍ଲିକ, ତରଣୀ ମେହେର, ପ୍ରତାପ ଦାଶ, ସିମାଟଂଳ ହୋତା, ଚୌଧୁରୀ ବିଭାର, ନାରାୟଣ ରଥ, ଜୟନ୍ତ ବେହେରା, ଓ ନୂତନ ସଭ୍ୟ ପ୍ରତିମନ କର୍ଣ୍ଣ, ପ୍ରମୁଖ ସମସ୍ତ ସକ୍ରିୟ ସଦସ୍ୟ ଯୋଗ ଦେଇଥିଲେ।

# ଗାୟତ୍ରୀ ଶକ୍ତି ପୀଠ ବଲାଙ୍ଗିରଠାରେ ଜିଲ୍ଲାସ୍ତରୀୟ ଗୋଷ୍ଠି ଅନୁଷ୍ଠିତ

ବଲାଙ୍ଗିର,୨୦/୦୬ (ନି.ପ୍ର): ସ୍ଥାନୀୟ ଗୋପାଳଜି ମନ୍ଦିର ସ୍ଥିତ ଗାୟତ୍ରୀ ଶକ୍ତି ପୀଠ ଠାରେ ଜିଲ୍ଲା ସଂଯୋଜକ ଉଦୟ ନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଗୋଷ୍ଠି ଅନୁଷ୍ଠିତ ହୋଇଯାଇଛି। ଏହି ଗୋଷ୍ଠିରେ ୧୦ ଗୋଟି ବ୍ଲକ୍ ରୁ ପରିଜନ ଓ ଜିଲ୍ଲା କମିଟିର ସଦସ୍ୟ ମାନେ ଯୋଗଦେଇ ଗୁରୁଜୀ ଶ୍ରୀରାମ ଚନ୍ଦ୍ର ଶର୍ମାଙ୍କ ମହତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଆଲୋଚନା ଓ ନିତି ନିର୍ଧାରଣ ସହିତ କାର୍ଯ୍ୟକ୍ରମ ସ୍ଥିର କରିଥିଲେ। ପୁରୀ ଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରାରେ ବଲାଙ୍ଗିର ଗାୟତ୍ରୀ ପରିବାର ତରଫରୁ ସ୍ୱେଚ୍ଛାସେବୀ ପଠାଇ ସେବା କାର୍ଯ୍ୟ କରିବା ପାଇଁ ମତପ୍ରକାଶ ପାଇ ଏ ଦିଗରେ ନିଷ୍ପତି ନିଆଯାଇଥିଲା। କରୋନା ମହାମାରୀ ଯୋଗୁ ଗତ ଦୁଇବର୍ଷ ହେଲା ମିଶନ କାର୍ଯ୍ୟରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରି ନଥିଲା, ତେଣୁ ଆଗକୁ ଯେପରି ଅଗ୍ରଗତି ହୋଇପାରିବ ତାହାର ରୂପରେଖ ପ୍ରସ୍ତୁତି, ଗାୟତ୍ରୀ ମନ୍ଦିର, ଗ୍ରାମ ଗ୍ରାମରେ ଅଧିକ କେନ୍ଦ୍ର ସ୍ଥାପନ ଓ ଅଧିକ ପରିଜନ ସୃଷ୍ଟି ଉପରେ ଜୋର୍ ଦିଆଯାଇଥିଲା। ଚଳିତ ଜୁନ ମାସରେ ରାୟଗଡ଼ା ଠାରେ ୧୦ ଓ ୧୧ ତାରିଖ ଦିନ ନବ କୁଣ୍ଡିୟ ଗାୟତ୍ରୀ ଯଜ୍ଞ, ବୃକ୍ଷ ଗଙ୍ଗା ଅଭିଯାନ ଓ ୧୦୮ କୁଣ୍ଡୀୟ ଦୀପ ଯଜ୍ଞ ଗଙ୍ଗା ଦଶହରା ଓ ଗୁରୁଜୀ ଙ୍କ ମହା ପରାୟଣ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲାରୁ ୮ ଜଣଙ୍କୁ ମିଶନ କାର୍ଯ୍ୟରେ ସମର୍ପଣ ମନୋଭାବ ନେଇ କାର୍ଯ୍ୟ କରୁଥିବାରୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଜିଲ୍ଲା ସଂଯୋଜକ ଉଦୟନାଥ ପତ୍ର, ଜିଲ୍ଲା ସଂଗଠନ ବିଭାଗ ଟଙ୍କଧର କୁମ୍ଭାର, ଜଗଦୀଶ ପ୍ରସାଦ କେଡିଆ, ବିହାରୀ ସାଗ୍ରିଆ, ମୃତ୍ୟୁଞ୍ଜୟ ଜେନା, ଶେଷଦେବ ପଣ୍ଡା, ଜିରାମ ଅଗ୍ରୱାଲ ଓ ବଲାଙ୍ଗୀର ର ବୟୋଜ୍ୟେଷ୍ଠ ସଂଗଠକ ଯୁଗଳ କିଶୋର ଝା। ଯେଉଁମାନେ ଏଠାରେ କାର୍ଯ୍ୟକ୍ରମ ପାଳନ ପାଇଁ ରାୟଗଡ଼ା ଯାଇ ପାରିନଥିଲେ ସେମାନଙ୍କୁ ଏଠାରେ ଆଜି ମାନପତ୍ର ପ୍ରଦାନ କରି ସମ୍ମାନୀତ କରା ଯାଇଥିଲା।

ଆଜିର କାର୍ଯ୍ୟକ୍ରମରେ ବଲାଙ୍ଗିର ଗାୟତ୍ରୀ ପରିବାର ବିଭିନ୍ନ ବ୍ଲକର ବିବରଣୀ ନିଆଯିବା ସହିତ ବିଭିନ୍ନ ସ୍ତରରେ ମନ୍ତ୍ର ଲିଖନ ଘରେ ଘରେ ଯଜ୍ଞ କାର୍ଯ୍ୟ ଚାଲୁ ରଖିବାକୁ ସମାଜରେ କୁସଂସ୍କାର ଦୂର ପାଇଁ ସୁ ସାହିତ୍ୟ ପ୍ରଚାର ଓ ଗୋଷ୍ଠି ଗୁଡ଼ିକ ଆୟୋଜନ ପାଇଁ ନିଷ୍ପତି ନିଆଯାଇଛି।

# ସାମ୍ବାଦିକଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ପ୍ରଦାନରେ ରାଜ୍ୟ ସରକାରଙ୍କ ପାତରଅନ୍ତର ନୀତି

ମାଲକାନଗିରି,୨୦/୦୬ (ନି.ପ୍ର): ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ନବୀକରଣ ଓ ନୂତନ ଆବେଦନ ପାଇଁ ଦରଖାସ୍ତ ଆହ୍ୱାନ କରିଛନ୍ତି। ଚଳିତ ବର୍ଷ ଏହି ବୀମା ପାଇଁ ଆବେଦନ ନିମନ୍ତେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜାରୀ କରାଯାଇଥିବା ତାଲିକାରେ ବହୁ ପୁରାତନ ଓ ପ୍ରତିଷ୍ଠିତ ସଂସ୍ଥାର ନାମକୁ ସ୍ଥାନିତ କରାଯାଇନଥିବା ଜଣାପଡିଛି। ରାଜ୍ୟ ସରକାର ସାମ୍ବାଦିକ ମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ୍ କରୁଥିବା ନେଇ ଘୋଷଣା କରୁଥିଲେ ମଧ୍ୟ ଏଥିରେ ସାମ୍ବାଦିକମାନଙ୍କ ପ୍ରତି ପାତର ଅନ୍ତର ବ୍ୟବସ୍ଥା ଗ୍ରହଣ କରାଯାଉଥିବା ନେଇ ଅଭିଯୋଗ ହେଉଛି। କେତେକ ନିର୍ଦ୍ଦିଷ୍ଟ ସମ୍ବାଦପତ୍ର, ବୈଦ୍ୟୁତିକ ଗଣମାଧ୍ୟମ ଓ ନିଉଜ ଏଜେନ୍ସିର ସାମ୍ବାଦିକମାନଙ୍କୁ ଏଥିରୁ ବାଦ୍ ଦିଆଯାଇଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ତାଲିକାରୁ ଜଣାପଡିଛି। ସରକାରଙ୍କ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ଜାରୀ କରାଯାଇଥିବା ତାଲିକାରେ ବହୁ ସଂଖ୍ୟାରେ ପ୍ରମୁଖ ମିଡ଼ିଆ ସଂସ୍ଥାର ନାମ ନଥିବା ଜଣାପଡିଛି। ତେବେ ଏପରି ନକରି ରାଜ୍ୟର ସମସ୍ତ ସାମ୍ବାଦିକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ସମସ୍ତଙ୍କୁ ସମାନ ସୁବିଧାସୁଯୋଗ ପ୍ରଦାନ କରିବାକୁ ଦାବୀ ହେଉଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏ ଧରଣର ସାବତ ପୁଅ ନୀତି ଅବଲମ୍ବନ ବିରୋଧରେ ସାମ୍ବାଦିକ ଓ ସାମ୍ବାଦିକ ସଂଘମାନେ ସ୍ୱର ଉତୋଳନ କରିଛନ୍ତି ଏବଂ ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

# ଆନ୍ତର୍ଜାତିକ ଯୋଗ ଦିବସ ପାଇଁ ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ

କନ୍ଧମାଳ,୨୦/୦୬ (ନି.ପ୍ର): କନ୍ଧମାଳ ଜ଼ିଲ୍ଲା ଉର୍ମାଗଡ଼ ପର୍ଯ୍ୟଟନ ସ୍ଥଳୀ ଲୁଦୁ ଜଳପ୍ରପାତ ଠାରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ଆଗକୁ ହେବାକୁ ଥିବା ଆନ୍ତର୍ଜାତୀୟ ଯୋଗ କାର୍ଯ୍ୟକ୍ରମ ପାଇଁ ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହରୁ ଯୁବକେନ୍ଦ୍ର ଫୁଲବାଣୀର ଜ଼ିଲ୍ଲା ଯୁବ ଅଧିକାରୀ ନବନିତ କୁମାର, ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ, ଯୁବକ ସଙ୍ଘର ଭାଇ ଓ ଭଉଣୀ ମାନେ ଯୋଗ ଦେଇଥିଲେ।

## ଜଳେଶ୍ୱର-ଡିପିପୁର ପୂର୍ତ୍ତବିଭାଗ ରାସ୍ତା ମରାମତି ନ ହେଲେ ୭ଦିନପରେ ରାସ୍ତାରୋକ

ଜଳେଶ୍ୱର, ୨୦/୬(ନି.ପ୍ର): ସରକାର ଗମନାଗମନ ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଜଳେଶ୍ୱର-ଡିପିପୁର ରାସ୍ତାଟି ପଥରପୁର ଠାରେ ମରଣଯନ୍ତାରେ ପରିଣତ ହୋଇଛି । ଜଳେଶ୍ୱର ପୌରପାଳିକାର ୪ନଂ ୱାର୍ଡ ବଡ ମସ୍‌ଜିଦ୍ ଠାରେ ଉକ୍ତ ରାସ୍ତାଟି ସଂପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବାରୁ ଏହା ଉପରେ ନିର୍ଭର କରୁଥିବା ପ୍ରାୟ ୧୦୦ ଗ୍ରାମର ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଅତିଶୀଘ୍ର ସେଠାରେ ରାସ୍ତା ମରାମତି ନ ହେଲେ ଆସନ୍ତା ୭ ଦିନ ପରେ ଜଳେଶ୍ୱର ବିଜେପି ପକ୍ଷରୁ ରାସ୍ତାରୋକ କରାଯିବ ବୋଲି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଆଜିର ଏହି ଦାବିପତ୍ର ପ୍ରଦାନ ବେଳେ ଜଗନ୍ନାଥ ଗୋଛାୟତ, ବରିଷ୍ଠ ନେତା ଅରୁଣ ବେଜ, ଏସ୍‌କେ ଅମରି, ଏସ୍‌କେ ଜମ୍ମୁ, ଏସ୍‌କେ ସୁଦାମ, ଏସ୍‌କେ ଅରଫୁ, ଗୋପୀନାଥ ଧଳ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ ।

## ଗୋଟିଏ ଦିନରେ ୪୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୦/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୯୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୪୫୧ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୬୭ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୨୭ ଜଣ ସଂଗରୋଧରୁ ଓ ୧୯ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୪, ଝାରସୁଗୁଡା ଜିଲ୍ଲାରୁ ୧. ଖୋର୍ଧା ଜିଲ୍ଲାରୁ ୩୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରୁ ୧, ପୁରୀ ଜିଲ୍ଲାରୁ ୧, ରାୟଗଡା ଜିଲ୍ଲାରୁ ୧, ସୁନ୍ଦରଗଡ ଜିଲ୍ଲାରୁ ୨ ଓ ଷ୍ଟେଟ ପୁଲରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଯାଜପୁରର ବିଲଡର ଠାରୁ ୧୫ଲକ୍ଷ ଟଙ୍କା ଲୁଟି ଖସିଯାଉଥିବା ବେଳେ ୨ କାର୍ ସହିତ ୧୦ ଗିରଫ



ଜଳେଶ୍ୱର, ୨୦/୦୬ (ନି.ପ୍ର): ଓଡିଶାର ବିଭିନ୍ନ ଜାତୀୟ ରାଜପଥ ଡକାୟତି ଘଟଣା ସହିତ ପଶ୍ଚିମବଂଗର ଏକ ଡକାୟତ ଦଳକୁ ବାଲେଶ୍ୱର ଜିଲାର ଜଳେଶ୍ୱର ପୁଲିସ୍ ୨ଟି କାର୍ ସହିତ ଗିରଫ କରିବାରେ ସକ୍ଷମ ହୋଇଛି । ଗିରଫ ୧୦ଜଣଙ୍କ ଠାରୁ ୧୫ଲକ୍ଷ୨୨ହଜାର ଟଙ୍କା ଉଦ୍ଧାର କରାଯାଇଥିବା ଜଳେଶ୍ୱର ଏସ୍‌ଡିପିଓ ଅଂକିତା କୁମ୍ଭାର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଘଟଣାରୁ ପ୍ରକାଶ, ଗତ ୧୮ ତାରିଖରେ ସୁବର୍ଣ୍ଣରେଖା ସେତୁର ପୁଲିସ୍ ନାକା ପଏଣ୍ଟ ଠାରେ ହଠାତ୍ ଜଳେଶ୍ୱର ଥାନା ଆଇଆଇସି ରୋଜାଲିନ୍ ବେହେରା ସଦଳବଳେ ପୂର୍ବ ସୂଚନା ଅନୁଯାୟୀ ଅପେକ୍ଷା କରିଥିଲେ । ସଂଧ୍ୟା ୬.୪୫ରେ ଡବ୍ଲୁବି୧୪ଏସ୍୨୬୬୪ (ମାରୁତି ସୁଜୁକି ଆର୍‌ଟିକା) ଓ ଡବ୍ଲୁବିଂ୨ଏଏଚ୍୦୩୮୯ (ମହିନ୍ଦ୍ରା ସ୍କର୍ପିୟ) ୬୦ନଂ ଜାତୀୟ ରାଜପଥର ପୁଲିସ୍ ନାକା ପଏଣ୍ଟରେ ପହଞ୍ଚିବାକ୍ଷଣି ପୁଲିସ୍ ଘେରି ଯାଇଥିଲା । ୨ଟି ଗାଡି ଯାଞ୍ଚପରେ ସେମାନଙ୍କ ଠାରୁ ୧୫ଲକ୍ଷ୨୨ହଜାର ଟଙ୍କା ଜବତ୍ କରାଯାଇଥିଲା ଓ ସମସ୍ତଙ୍କୁ ଥାନାକୁ ଅଣାଯାଇଥିଲା । ସୂଚନାଯୋଗ୍ୟ ଯାଜପୁର ଜିଲାର ଧର୍ମଶାଳା ଥାନର ଜନୈକ ବିଲ୍‌ଡରଙ୍କ ଠାରୁ ଏହି ଯୁବକମାନେ ୧୫ଲକ୍ଷ୨୨ହଜାର ଟଙ୍କା ଲୁଟ କରିଥିବା ସେଠାରେ ଅଭିଯୋଗ ହୋଇଥିଲା । ରାଜ୍ୟ ପୁଲିସ୍ ଏ ସମ୍ପର୍କରେ ସତର୍କତାମୂଳକ ପଦକ୍ଷେପ ଲାଗି ଉପାନ୍ତ ଅଂଚଳର ଥାନା ଗୁଡିକ୍ ସତର୍କ କରିଥିଲା । ଗାଡି ୨ଟିର ନଂ ପଶ୍ଚିମବଂଗ ହୋଇଥିବାରୁ ସନ୍ଦେହରେ ପୁଲିସ୍ ଏହି ରାସ୍ତାରେ ଅଧିକ ଛାନ୍‌ଭିନ୍ କରୁଥିଲା । କିନ୍ତୁ କାର୍‌ରୁ ଗିରଫ କରିଥିବା ଲୋକଙ୍କ ମଧ୍ୟରେ ହାୱଡା ଜିଲାର ଉଲ୍‌ବେରିଆ ଥାନା ଅନ୍ତର୍ଗତ ଜଗତ୍‌ପୁର ଗାଁର ସୌମେନ୍ ମାନ୍ନା(୩୨), କସ୍ୟବପୁର ଗାଁର ସୁବାସ ବାଗ (୪୭), କୁସାବେରିଆ ଗାଁର ଅଭିଜିତ୍ ଦାସ(୪୨), ଉଲବେରିଆ ଗାଁର ଝଣ୍ଟୁ ପୁରକାୟସ୍ତ (୪୩), କୁଲଗାଛିଆ ଗାଁର ସଂଜୟ ଦତ୍ତ (୪୪), ସିଜ୍‌ବେରିଆ ଗାଁର ସେକ୍ ସମିରୁଲ ଆଲାମ୍ (୩୫), ବାଗନାନ ଥାନା ଅନ୍ତର୍ଗତ ମୁର୍ଗବାଡିଆ ଗାଁର ଅବଦୁଲ ସଲିମ୍ ମଲିକ (୪୨), ଦକ୍ଷିଣ ୨୪ ପ୍ରଗଣା ଜିଲାର ସନାରପୁର ଥାନା ଅନ୍ତର୍ଗତ ରାଘବପୁର ପୋଲଘାଟ ଗାଁର ଦିପ୍ କୁମାର ଦେ (୨୮), ପୂର୍ବ ମେଦିନୀପୁର ଜିଲାର ତମଲୁକ ଥାନା ଅନ୍ତର୍ଗତ ଡୁମୁରା ଗାଁର ଶୁଭଦିପ ହାଜରା (୨୬) ମହିସାଦଳ ଥାନାର ନାଇଗୋପାଳପୁର ଗାଁର ଦେବବ୍ରତ ମିଶ୍ର(୪୫) ପ୍ରମୁଖ ଗିରଫ ହୋଇଥିବା ସମ୍ପର୍କରେ ଏସ୍‌ଡିପିଓ ସୂଚନା ଦେଇଛନ୍ତି । ପଚାରାଉଚରା ବେଳେ ସେମାନେ ଜାତୀୟ ରାଜପଥର ବିଭିନ୍ନ ଅପରାଧ ସହିତ ସଂପୃକ୍ତି ଥିବାର କହିଛନ୍ତି ।

## ଯୋଗ କହିଲେ ବ୍ୟାୟାମ ନୁହେଁ : ଅନ୍ନପୂର୍ଣ୍ଣା ପଣ୍ଡା



ଉଦଳା, ୧୯/୦୬ (ନି.ପ୍ର): ଅଷ୍ଟମ ବାର୍ଷିକ ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣୀ ମୁନୀ ସମାଜ ଉଦଳା ଶାଖାର ଯୋଗ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପଣ୍ଡା ଓ ଯୋଗ ଶିକ୍ଷକ ଅଲେଖ ଚରଣ ପରିଡ଼ା ଜଣାଇଛନ୍ତି ଯେ ଗୀତାର ବାଣୀ ଅନୁସାରେ ସଂସାରର ଯେତେ କର୍ମ ଅଛି ଯୋଗ ହିଁ ସର୍ବଶ୍ରେଷ୍ଠ କର୍ମ । ଯଦି ପୃଥିବୀର ସମଗ୍ର ମାନବଜାତୀ ଯୋଗ ଜ୍ଞାନକୁ ଆପଣେଇ ନେବେ ତେବେ ସମାଜରେ ସାମାଜିକ ବିଶୃଙ୍ଖଳା ରହିବ ନାହିଁ । ଯୋଗ କହିଲେ ସାଧାରଣତଃହ ଲୋକେ ବ୍ୟାୟାମକୁ ବୁଝି ଥାଆନ୍ତି । କିନ୍ତୁ ଏହା ଠିକ ନୁହେଁ । ଯୋଗ ଦର୍ଶନ ଶାସ୍ତ୍ରର ପ୍ରଣୟିତା ମହର୍ଷି ପତଞ୍ଜଳି ମୁନୀଙ୍କ ଦର୍ଶନ ଅନୁସାରେ ଯୋଗ କହିଲେ ଚିତ୍ତ-ବୃତ୍ତି - ନିରୋଧକୁ ବୁଝାଏ । ଅର୍ଥାତ ମନର ସମସ୍ତ ସଂକଳ୍ପ, ବିକଳ୍ପକୁ ସ୍ଥିର କରିବା ତା ଦ୍ୱାରା ମନ ଇନ୍ଦ୍ରୀୟ ଦ୍ୱାରା ବିଷୟ ଗ୍ରହଣ ନକରି ଆତ୍ମାରେ ସ୍ଥିତ ହୁଏ । ଏହା ହେଉଛି ଯୋଗର ଚରମ ଲକ୍ଷ । ଏହାକୁ ଆତ୍ମ ଦର୍ଶନ, ଆତ୍ମ ସାକ୍ଷାତକାର, ଯୋଗସ୍ଥ ବା ସମାଧି ଅବସ୍ଥା ବୋଲାଯାଏ ବୋଲି କହିଛନ୍ତି ।

## ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭଦ୍ରକ,୧୯/୦୬ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଅପରାହ୍ଣରେ ବିଦାୟୀ ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଜିଲ୍ଲାପାଳ ଶ୍ରୀଯୁକ୍ତ ମାଝୀ ଆଧାତ୍ମିକତା କ୍ଷେତ୍ରରେ ପ୍ରଗାଢ ଅନୁରକ୍ତି ରହିଥିବା ବିଶେଷ କରି ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଅସୀମ ଭକ୍ତି ରହିଥିବା ପ୍ରଚାର ସମିତି ଅନୁଭବ କରି ସମିତି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମିତି ପକ୍ଷରୁ ମୁଖ୍ୟପରିଚାଳକ ପଣ୍ଡିତ ଭାଗିରଥୀ ନନ୍ଦଶର୍ମା, ମୁଖ୍ୟଆବାହକ ସେବକ ଶରତ କୁମାର ସାହୁଙ୍କ ନେତୃତ୍ୱରେ ଉପଢୌକନ ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ସମ୍ବର୍ଦ୍ଧିତ କରିବାକୁ ଯାଇଥିବା ପ୍ରତିନିଧି ଦଳରେ ପ୍ରଶାନ୍ତ କୁମାର ଦେ, ଲକ୍ଷ୍ମୀଧର ଖଟୁଆ, ନେପାଳ ଚନ୍ଦ୍ର ଦାଶ, ଡ. ପ୍ରତାପ କୁମାର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ ।

## ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର

ବସ୍ତା,୨୦/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ହଳଦିପଦା ରାଜଧାନୀ ଢ଼ାବା ସାମ୍ନାରେ ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛି । ସୁଚନା ଯୋଗ୍ୟ ଯେ ସୋମବାର ସକାଳୁ ବାଲେଶ୍ୱର ରୁ ଜଳେଶ୍ୱର ଅଭିମୁଖେ ଜାତୀୟ ରାଜପଥ ନଂ ୬୦ ରେ ଆସୁଥିବା ଏକ ଅଣ୍ଡା ବୋଝେଇ ଟ୍ରକ କୁ ପଛପଟୁ ଧକ୍କା ଦେଇଥିଲା ଏକ ପରିବା ବୋଝେଇ ପିକ ଅପ । ପିକ ଅପ ର ଡ୍ରାଇଭର ରୂପସା ଥାନା ଅନ୍ତର୍ଗତ ହାତିଆଡିହା ଗ୍ରାମର ଶ୍ରୀପତି ମହାଳିକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ରୂପସା ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିବା ବେଳେ ଡ଼ାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରିଛନ୍ତି ।

## ବଜ୍ରାଘାତରେ ବସ୍ତାରେ ୧ଜଣ ମୃତ

ବସ୍ତା,୨୦/୦୬ (ନି.ପ୍ର): ବସ୍ତା ଓ ଏହାର ଆଖପାଖ ଅଞ୍ଚଳ ରେ ରବିବାର ସନ୍ଧ୍ୟା ରେ କାଳ ବୈଶାଖୀ ପ୍ରଭାବରେ ପ୍ରବଳ ଘଡଘଡି ସହିତ ବର୍ଷା ଆରମ୍ଭ ହୋଇଥିବା ବେଳେ ଏହି ବ୍ଲକ ଅନ୍ତର୍ଗତ ଦରଡା ପଞ୍ଚାୟତ ର ପଳାସିଆ ଗ୍ରାମ ର ଜନୈକ ଯୁବକ ପୋଖରୀ ଖୋଳା କାମ ସାରି ଘରକୁ ଫେରିବା ସମୟରେ ବଜ୍ରାପାତ ର ଶିକାର ହୋଇ ଗୁରୁତର ହୋଇଥିବା ବେଳେ ତାଙ୍କୁ ତୁରନ୍ତ ବସ୍ତା ଡାକ୍ତରଖାନା ଅଣାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ୪୭ ବର୍ଷୀୟ ସାଗର ହେମ୍ବ୍ରମ ନିକଟସ୍ଥ ଏକ ପୋଖରୀ ଖୋଳା କାମ ସାରି ଘରକୁ ଫେରୁଥିବା ସମୟରେ ଏହି ଅଘଟଣ ଘଟିଥିବା ଜଣାଯାଇଛି ।

## ଆଜିଠୁ ଘର ଘର ବୁଲି କୋଭିଡ୍ ରୋଗୀ ଚିହ୍ନଟ କରାଯିବ

ଭୁବନେଶ୍ୱର, ୨୦/୦୬ (ନି.ପ୍ର): ବର୍ତ୍ତମାନ କୋଭିଡକୁ ନିୟନ୍ତ୍ରଣ କରିବାକୁ ପୁରୁଣା ଷ୍ଟ୍ରେଟେଜି ଆପଣେଇଛୁ । ଟିକାକରଣ ସହ ସର୍ଭେଲାନ୍ସକୁ ଜୋରଦାର କରାଯାଇଛି । ଜୁନ ୨୧ ତାରିଖରୁ ଇଂଟିଗ୍ରେଟେଡ ସର୍ଭେଲାନ୍ସ ଆରମ୍ଭ ହେବ । ଏଥିରେ ଘର ଘର ବୁଲି ରୋଗୀଙ୍କୁ ଚିହ୍ନଟ କରାଯିବ । ଚିହ୍ନଟ ରୋଗୀଙ୍କୁ ଆଇସୋଲେସନ କରାଯାଇ ଚିକିତ୍ସା କରାଯିବ । ଲ୍ୟାବ ଟେଷ୍ଟ, ଆରଆରଟି, ସର୍ଭେଲାନ୍ସ ଆଦିରେ ଆବଶ୍ୟକ ମାନବ ସମ୍ବଳ ବଢାଇବାକୁ ସବୁ ମେଡିକାଲ କଲେଜକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ ରାଜ୍ୟରେ କୋଭିଡ ସଂକ୍ରମଣ ଧୀରେ ଧୀରେ ବଢୁଛି । ଆଲାରାମିଙ୍ଗ ସିଚୁଏସନ ନାହିଁ । ନିଜର ସୁରକ୍ଷା ନିଜେ ନିଅନ୍ତୁ । ଭିଡ଼ ସ୍ଥାନକୁ ଯାଆନ୍ତୁ ନାହିଁ । ଭିଡ଼ ଜାଗାକୁ ଯାଉଥିଲେ, ମାସ୍କ ପିନ୍ଧନ୍ତୁ । ଟିକା ନେଇଥିଲେ ବି ମାସ୍କ ପିନ୍ଧନ୍ତୁ । ତାହେଲେ ଆପଣ ସୁରକ୍ଷିତ ରହିବେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ନ୍ୟାସନାଲ ହେରାଲ୍ଡ ମାମଲାରେ....

ମାଳ ମାଳ କଂଗ୍ରେସ ନେତା ଜନ୍ତରମନ୍ତରରେ ଡେରା ପକାଇ ସତ୍ୟାଗ୍ରହ କରିଛନ୍ତି । କେନ୍ଦ୍ର ସରକାର ସରକାରୀ ତଦନ୍ତାକାରୀ ସଂସ୍ଥାର ଦୁରୁପଯୋଗ କରି କଂଗ୍ରେସର ଛବି ଖରାପ କରୁଥିବା ଦଳ ଅଭିଯୋଗ କରିଛି । ଗୋଟେ ପଟେ ଇଡିର ଜେରାକୁ କଂଗ୍ରେସ ବିରୋଧ ଅନ୍ୟପଟେ ବିଜେପି କହିଛି ଏହି ଦେଶରେ କେହି ରାଣୀ କି ଯୁବରାଜ ନୁହଁନ୍ତି ସେମାନଙ୍କ ବିରୋଧରେ ତଦନ୍ତ କରାଯିବ । ନ୍ୟାସନାଲ ହେରାଲ୍ଡ ଜରିଆରେ ହୋଇଥିବା ଦେଶର ଅର୍ଥ ଅପବ୍ୟବହାରରେ ରାହୁଲ ଗାନ୍ଧୀଙ୍କ ସମ୍ପୃକ୍ତି ସମସ୍ତେ ଜାଣନ୍ତି । ତେଣୁ ଦୁର୍ନୀତି ଯିଏ କରିବ ତା ବିରୋଧରେ ତଦନ୍ତ ନିଶ୍ଚୟ ହେବ । ରାହୁଲଙ୍କୁ ଇଡିର ଜେରାକୁ ବିରୋଧ ସହ କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିରୋଧ କରି ମଧ କଂଗ୍ରେସ ସତ୍ୟାଗ୍ରହ କରିଛି । ସରକାରଙ୍କ ଏହି ଯୋଜନା ସେନା ଓ ଯବାନଙ୍କ ପ୍ରତି ଅପମାନ ଓ ଏହା ଦେଶର ଯୁବପିଢିଙ୍କ ଭବିଷ୍ୟତକୁ ଅନ୍ଧାର ଭିତରୁକୁ ଠେଲି ଦେବ । ତେଣୁ ତୁରନ୍ତ ଅଗ୍ନିପଥ ଯୋଜନାକୁ ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଛି କଂଗ୍ରେସ । ରାହୁଲଙ୍କ ଇଡି ଜେରା ଓ କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା । ଏହି ଦୁଇଟି ପ୍ରସଙ୍ଗକୁ ନେଇ କଂଗ୍ରେସ ମୋର୍ଚ୍ଚା ଖୋଲିଛି । ଏହା ଭିତରେ ସତ୍ୟାଗ୍ରହ କରି ଦଳ ସୂଚନା ଦେଇଛି କି ପାଦେ ପାଦେ ବିଜେପିକୁ ଘେରିବା ପାଇଁ ରଣନୀତି ସହ ସବୁବେଳେ ପ୍ରସ୍ତୁତ ରହିଛି ।

### ଟେଲି ଅଭିନେତ୍ରୀଙ୍କ ଆତ୍ମହତ୍ୟା....

ରଶ୍ମିଙ୍କ ମୃତ୍ୟୁ ପାଇଁ ସନ୍ତୋଷ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କୁ ଦାୟୀ କରିଛନ୍ତି ରଶ୍ମିଙ୍କ ବାପା ରଞ୍ଜନ ଓଝା । ସନ୍ତୋଷଙ୍କୁ ଉପଯୁକ୍ତ ଦଣ୍ଡ ଦେବାକୁ ଦାବି କରିଛନ୍ତି ପରିବାର ଲୋକେ । ମିଳିଥିବା ସୂଚନା ଅନୁଯାୟୀ, ଉଭୟ ରଶ୍ମିରେଖା ଓ ସନ୍ତୋଷ ପାତ୍ର ନୟାପଲ୍ଲୀ ଗଡ଼ ସାହିରେ ଏକ ଭଡ଼ା ଘରେ ପ୍ରାୟ ଦେଢ ମାସ ହେବ ସ୍ୱାମୀସ୍ତ୍ରୀ ପରି ରହୁଥିଲେ । ଉକ୍ତ ଘରକୁ ପ୍ରଥମେ ସନ୍ତୋଷ ଭଡ଼ା ନେଇଥିବା ବେଳେ ପ୍ରାୟ ୮ ଦିନ ପରେ ରଶ୍ମିରେଖା ସେଠାରେ ପହଞ୍ଚି ରହିବା ଆରମ୍ଭ କଲେ । ଉଭୟ ପତିପତ୍ନୀ ବୋଲି ଘର ମାଲିକଙ୍କୁ କହିଥିଲେ । ରଶ୍ମୀରେଖା ବିବାହିତ ମହିଳା ପରି ରହୁଥିବା ବେଳେ ସାବିତ୍ରୀ ବ୍ରତ ବି ପାଳନ କରିଥିଲେ । ପୁଲିସ୍ ଏବେ ସନ୍ତୋଷ ପାତ୍ରଙ୍କୁ ଖୋଜୁଥିବା ବେଳେ ସେ ପ୍ରାୟ ୪ ଦିନ ହେବ କାମରେ ବଲାଙ୍ଗିର ଯାଇଥିବା ସୂଚନା ମିଳିଛି ।

### ଅଗ୍ନିପଥ ନିଆଁ ଭିତରେ ଭାରତରେ....

ଯାତ୍ରୀ ନାହିଁ ନଥିବା ସମସ୍ୟାରେରେ ପଡିଛନ୍ତି । ପାଖାପାଖି ୬ଶହ ଟ୍ରେନ ବାତିଲ ହେବା ସହ କିଛି ଟ୍ରେନର ରୁଟ ବଦଳାଯାଇଛି । ରେଳଷ୍ଟେସନରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ବସିଥିବା ଯାତ୍ରୀଙ୍କ ସମସ୍ୟା ଦେଖିବାକୁ ମିଳିଛି । ମେ ୧୪ରେ କେନ୍ଦ୍ର ସରକାର ସେନାରେ ନୂଆ ଭର୍ତ୍ତି ପ୍ରକିୟା ଆରମ୍ଭ କରି ଅଗ୍ନିପଥ ଯୋଜନା ଆରମ୍ଭ କରିଥିଲେ । ଯାହାକୁ ଯୁବବର୍ଗ, ପୂର୍ବତନ ସେନାଅଧିକାରୀ ଓ କିଛି ରାଜନୈତିକ ଦଳ ଘୋର ବିରୋଧ କରୁଛନ୍ତି । ସ୍ଥିତିକୁ ଦେଖି ସରକାର ଯୋଜନାରେ କିଛି ପରିବର୍ତ୍ତନ ମଧ କଲେ. ହେଲେ ସ୍ଥିତି ଶାନ୍ତ ହେବା ବଦଳରେ ଦିନକୁ ଦିନ ଉଗ୍ର ହେଉଛି । କୌଣସି ପରିସ୍ଥିତିରେ ଅଗ୍ନିପଥ ଯୋଜନା ପ୍ରତ୍ୟାହାର କରାଯିବନି ବୋଲି ସଫା ସଫା କହିଛନ୍ତି ଉଭୟ ସରକାର ଓ ସେନା । ଗୋଟେ ପଟେ ବିରୋଧାଭାସ ଓ ଅନ୍ୟପଟେ ସରକାରଙ୍କ ନିଷ୍ପତି । ଏହା ଭିତରେ ଦେଶର କୋଟି କୋଟି ସମ୍ପତି ନଷ୍ଟ ହେଉଛି । ଏବେ ପ୍ରଶ୍ନ ଉଠୁଛି ସରକାରଙ୍କ ଏହି ଯୋଜନାରେ ପ୍ରକୃତରେ କିଛି ବ୍ୟତିକ୍ରମ ରହିଛି ନାଁ ଏହାକୁ ଜାଣିଶୁଣି ରାଜନୈତିକ ପ୍ରସଙ୍ଗ ଭାବେ ଛିଡା କରି ଯୋଜନାରେ ନିଆଁ ଲଗାଯାଉଛି ।

## ଏକାମ୍ର ହାଟରେ କ୍ରାଫ୍ଟ ବଜାର ଉଦ୍‌ଘାଟିତ

ଭୁବନେଶ୍ୱର, ୨୦/୦୬ (ନି.ପ୍ର): ଭାରତ ସରକାରଙ୍କ ଅଧୀନସ୍ଥ ବିକାଶ ଆୟୁକ୍ତ (ହସ୍ତଶିଳ୍ପ)ଙ୍କ ଆର୍ଥିକ ସହାୟତାରେ ଏବଂ ଓଡ଼ିଶା ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ମିଳିତ ସହାୟତା କ୍ରମେ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ଦ୍ୱାରା ଭୁବନେଶ୍ୱର ସ୍ଥିତ ଏକାମ୍ର ହାଟଠାରେ ଜୁନ ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ୧୦ ଦିନ ବ୍ୟାପି କ୍ରାଫ୍ଟ ବଜାରର ଆୟୋଜନ କରାଯାଇଛି । ୧୦୦ ଜଣ କାରିଗର ଏଥିରେ ଅଂଶଗ୍ରହଣ କରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସମାଗ୍ରୀର ବିକ୍ରୟ କରୁଛନ୍ତି । ରାଜ୍ୟ ଏବଂ ରାଜ୍ୟ ବାହାରୁ ଶିଙ୍ଘ, ବାଉଁଶ, ବେତ, ପିପିଲି ଚାନ୍ଦୁଆ, ପଥର ଖୋଦେଇ, କାଠ ଖୋଦେଇ, କଣ୍ଢେଇ, ଲୌହ ଶିଳ୍ପ, ଲାଖ, ଆଦିବାସୀ ଜୁଏଲାରୀ, ଇମିଟେସନ୍ ଜୁଏଲାରୀ, ସବାଇ ଘାସ, କାଇଁଚ ଶିଳ୍ପ, କତା ଶିଳ୍ପ, ତାଳପତ୍ର ଖୋଦେଇ, ପଟ୍ଟଚିତ୍ର, ଟେରାକୋଟା, ଢୋକ୍ରା, ଏମ୍ବ୍ରୋଇଡୋରୀ, ଶୀତଳପଟୀ, ଝୋଟଶିଳ୍ପ, ପେପର ମାସୀ, କଂସା ଓ ପିତଳ ସର୍ବୋପରି ହସ୍ତତନ୍ତ ସାମଗ୍ରୀ ଓ ରୂପା ତାରକସୀ ଇତ୍ୟାଦି ସାମଗ୍ରୀ ଏହି କ୍ରାଫ୍ଟ ବଜାରରେ ଉପଲବ୍ଧ ହେଉଛି । ସୋମବାର ସନ୍ଧ୍ୟାରେ ଏହି କ୍ରାଫ୍ଟ ବଜାରକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଉଦ୍‌ଘାଟନ କରିଛନ୍ତି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରିତା ସାହୁ ଏହି ବଜାରର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପଟେଲ, ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଆଦି ବରିଷ୍ଠ ଅଧିକାରୀମାନେ ଯୋଗଦାନ କରିଥିଲେ । ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ୧ ଲକ୍ଷ ଦର୍ଶକ ସମାଗମ ହେବାର ଆଶା କରାଯାଉଛି ଏବଂ ୧ କୋଟି ଟଙ୍କାର ବ୍ୟବସାୟର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

## ସର୍ବଭାରତୀୟ ୧୮ ବର୍ଷରୁ କମ ଓଡ଼ିଶା ବାଳିକା ରଗବି ଟୁର୍ଣ୍ଣାମେଂଟରେ ମୟୂରଭଂଜର ୫ ବାଳିକା ରୌପ୍ୟ ପଦକ ବିଜେତା



ବାରିପଦା, ୨୦/୦୬ (ନି.ପ୍ର): ସର୍ବଭାରତୀୟ ୧୮ ବର୍ଷରୁ କମ ଓଡ଼ିଶା ବାଳିକା ରୋପ୍ୟ ପଦକ ବିଜେତା ଦଳରେ ମୟୂରଭଞ୍ଜ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ୫ ବାଳିକା ପାର୍ବତୀ ହାଁସଦା, ଆରତୀ ମୁର୍ମୁ, ସୁନୀତା ହାଁସଦା, ସନ୍ଧ୍ୟାରାଣୀ ଟୁଡୁ ଓ ପାର୍ବତୀ ସୋରେନ ସାମିଲ ହୋଇ ଗୌରବ ବୃଦ୍ଧି କରିଛନ୍ତି । ଜୁନ୍ ୧୬ ରୁ ୧୯ ତାରିଖ ପର୍ଯ୍ୟନ୍ତ ପାଟନା, ବିହାରଠାରେ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ୧୮ ବର୍ଷରୁ କମ ରଗବି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ବାଳିକା ଦଳ ରୋପ୍ୟ ପଦକ ଜିତିଛନ୍ତି । ଖେଳାଳୀ ମାନଙ୍କ ଏହି ସଫଳତା ପାଇଁ ସମାଜସେବୀ ତଥା ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ନିର୍ଦ୍ଦେଶକ ଅମର ସେଠୀ, ମଙ୍ଗଲ ହାଁସଦା, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, କୋଚ୍ ନିରଂଜନ ବିଶ୍ୱାଳ, ରୂପାଲି ସୋରେନ୍ ଓ ପ୍ରତିଷ୍ଠାତା ଦିବ୍ୟରଂଜନ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ସମ୍ଭାବ୍ୟ ବାତ୍ୟା, ବନ୍ୟା ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ମକ୍ ଡ୍ରିଲ୍ ସାମୁହିକ ଅଭ୍ୟାସ କର୍ମଶାଳା ଅନୁଷ୍ଠିତ



ବାରିପଦା, ୨୦/୦୬ (ନି.ପ୍ର): ବର୍ଷାଋତୁ ରେ ସମ୍ଭାବ୍ୟ ଝଡବାତ୍ୟା,ବନ୍ୟା ଓ ଅନ୍ୟାନ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ଜିଲ୍ଲସ୍ତରୀୟ ସାମୁହିକ ଅଭ୍ୟାସ ମକ୍ ଡ୍ରିଲ କର୍ମଶାଳା ତା୧୯-୦୬-୨୦୨୨ରିଖ ପୂର୍ବାହ୍ନରେ ବାରିପଦା ପୌରାଳ ଅନ୍ତର୍ଗତ ମଧୁବନ ୱାର୍ଡ ନଂ-୯ ସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟସସସସ୍ଥଳୀଠାରେ ଅନୁଷ୍ଠିତ ହୋଇଯାଇଅଛି । ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସଡମା) ନିର୍ଦ୍ଦେଶାବଳୀ ଅନୁଯାଇ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ୱ ବଧାନରେ ଜିଲ୍ଲା ଜରୁରୀ ବିଭାଗ ଓ ବାରିପଦା ପୌରପରିଷଦ ଓ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ସମିତି ଆନୁକୁଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ସାମୁହିକ ଅଭ୍ୟାସ(ମକ୍ ଡ୍ରିଲ) କର୍ମଶାଳାରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ,ଭାପ୍ରସେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ଭାବ୍ୟ ବାତ୍ୟା/ବନ୍ୟା ବିପର୍ଯ୍ୟୟ ସମୟରେ କିପରି ଆମର ମୁଲ୍ୟବାନ ଜୀବନ ସୁରକ୍ଷା କରାଯାଇ ପାରିବ ସେ ଦିଗରେ ରାଜ୍ୟ ସରକାର ବିଶେଷ ଧ୍ୟାନ ଦେଇ ବିପଯର୍ଯ୍ୟ ପରିଚାଳନା ଯୋଜନା କାର୍ଯ୍ୟକ୍ରମ ସଫଳତାର ସହ ତ୍ୱରାନ୍ୱିତ କରାଯାଉଥିବା ସଂପର୍କରେ ଉଲ୍ଲେଖ କରିବା ସହିତ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦ୍ୱାରା ବିପର୍ଯ୍ୟୟର ମୁକାବିଲା ତଥା ଉଦ୍ଧାର ଆଦି କାର୍ଯ୍ୟର ସୁରପରିଚାଳନା ପାଇଁ ପ୍ରତିବର୍ଷ ଜୁନ ୧୯ ତାରିଖରେ ଜିଲ୍ଲା/ବ୍ଲକ ସ୍ତରରେ ଥିବା ବନ୍ୟା ଆଶ୍ରୟସ୍ଥଳୀ/କେନ୍ଦ୍ର ସ୍ତରୀୟ ମକ୍ ଡ୍ରିଲ କାର୍ଯ୍ୟକ୍ରମ ଆୟୋଜନ ମାଧମରେ ଆନୁସଂଗିକ ପ୍ରସ୍ତୁତି ତଥା ସତର୍କ ସଜାଗ ରହିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି ବୋଲି ପ୍ରକାଶ କରିଥିଲେ । ଏ ଦିଗରେ ବନ୍ୟା/ବାତ୍ୟା ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ତତ୍ୱାବଧାନରେ ସମସ୍ତ ଲାଇନ ବିଭାଗ ଅଧିକାରୀ ସମେତ ସ୍ଥାନୀୟ ବୁଦ୍ଧିଜିବୀ ନାଗରିକ, ସ୍ୱେଚ୍ଛା ସେବୀ ଓ ଯୁବବର୍ଗ ଏବଂ ସର୍ବୋପରି ଜନସାଧାରଣଙ୍କ ସମ୍ମିଳିତ ସହଯୋଗରେ ଆବଶ୍ୟକତାଥିବା ଉପରେ ଗୁରୁତ୍ୱ ଦିଆଯାଇଅଛି । ଏହି କର୍ମଶାଳାରେ ବାରିପଦା ଉପଜିଲ୍ଲାପାଳ ତଥା ପୌରନିର୍ବାହୀ ଅଧିକାରୀ, ବାରିପଦା ଅନ୍ୟା ଦାସ ଭାପ୍ରସେ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପ୍ରଶାସନ ତତ୍ତ୍ୱାବଧାନରେ ବନ୍ୟା/ବାତ୍ୟା ଆଦି ବିପର୍ଯ୍ୟୟର ମୁକାବିଲା ପାଇଁ ମୁଖ୍ୟତ ପ୍ରାକ୍ ପ୍ରସ୍ତୁତି ଉଦ୍ଧାର ଓ ଥଇଥାନ ଆଦି ବିଷୟ ପ୍ରତି ଧ୍ୟାନ ଦେଇ କାର୍ଯ୍ୟକ୍ରମ ର ସୁପରିଚାଳନା କରାଯିବା ଦିଗରେ ଉଲ୍ଲେଖ କରି ସ୍ଥାନୀୟ ଯୁବ ଗୋଷ୍ଠୀ ଏଥିରେ ସାମିଲ କରିବା ସହ ସେମାନଙ୍କୁ ପ୍ରାକ୍ ତାଲିମ ଦେଇ ପ୍ରତ୍ୟେକ ସ୍ତରରେ ସର୍ବଦା ପ୍ରସ୍ତୁତ ସଜାଗ ଓ ସତର୍କତା ଆବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ ।

## ଓଡିଶାରୁ ପଶ୍ଚିମବଂଗକୁ ବ୍ୟାପକ ଗୋ ଚାଲାଣ : ୬୦ ରାଜପଥର ନାକା ପଏଣ୍ଟଠାରୁ ଟ୍ରକ୍ ଜବତ୍ ଓ ୮୦ ଗୋରୁ ଉଦ୍ଧାର



ଜଳେଶ୍ୱର, ୨୦/୬(ନି.ପ୍ର): ଓଡିଶାର ବିଭିନ୍ନ ସ୍ଥାନରୁ ପ୍ରତିଦିନ ପଶ୍ଚିମବଂଗକୁ ହଜାର ହଜାର ଗୋରୁ ଚାଲାଣ ହୋଇ ଆସୁଛି । ଗୋ ଚାଲାଣବେଳେ କୌଣସି ନିତୀ ନିୟମ ଏପରିକି ଆନିମାଲ କ୍ୱଏଲିଟି ଏକ୍ଟର ମଧ୍ୟ ବ୍ୟାପକ ଉଲଘଂନ ହୋଇ ଆସୁଛି । କିନ୍ତୁ ରାଜପଥ ଗୁଡିକ ଦେଇ ଶହ ଶହ ଟ୍ରକ୍, କଣ୍ଟେନର, ପିକ୍‌ଅପ୍ ଏପରି ଗୋରୁକୁ ଧରି ପଶ୍ଚିମବଂଗକୁ ଅମାନୁସିକ ଓ କ୍ରୁରଭାବରେ ଚାଲାଣ ହେଉଥିଲେ ମଧ୍ୟ ସେଥିପ୍ରତି କାହାର ନିଘା ନାହିଁ । ଆଜି ୬୦ନଂ ଜାତୀୟ ରାଜପଥର ସୁବର୍ଣ୍ଣରେଖା ସେତୁ ନିକଟରେ ଏକ ଗୋରୁ ଭର୍ତ୍ତି କଣ୍ଟେନର ଦୀଘ ସମୟ ଧରି ଛିଡା ହୋଇଥିଲା । ସ୍ଥାନୀୟ କେତେକ ଲୋକ ଏ ସମ୍ପର୍କରେ ଜାଣିବାପରେ ସୁବର୍ଣ୍ଣରେଖା ସେତୁ ନିକଟରେ ଥିବା ପୁଲିସ୍ ନାକା ପଏଣ୍ଟକୁ ଖବର ଦେଇଥିଲେ । କାର୍ଯ୍ୟରତ ପୁଲିସ୍ ଘଟଣାସ୍ଥଳକୁ ଯାଇ ସବିଶେଷ ତଥ୍ୟ ନେଲାବେଳେ ଗାଡିଟି ଯାନ୍ତ୍ରିକ ତ୍ରୁଟି ଯୋଗୁ ଛିଡାଯୋଇଥିବା ଜଣାପଡିଥିଲା । ଏହି ଗାଡିରେ ୮୦ଟି ଗୋରୁ ଥାକ ସୃଷ୍ଟି କରାଯାଇ ଅତି ନିର୍ଦ୍ଦୟଭାବେ ବସ୍ତା ବୋଝେଇ ହେଲାଭଳି ରଖା ଯାଇଥିବା ଦେଖି କର୍ତ୍ତବ୍ୟରତ ପୁଲିସ୍ ଥାନାକୁ ଖବର ଦେଇଥିଲେ । ପରେ ଥାନାରୁ ପୁଲିସ୍ ସଦଳବଳେ ପହଞ୍ଚି ଗାଡିକୁ ଜବତ୍ କରି ଡ୍ରାଇଭରକୁ ଥାନାରେ ଅଟକ ରଖିଥିଲେ । ସମସ୍ତ ଗୋରୁକୁ ରେମୁଣା ଗୋ ଶାଳାକୁ ପଠାଇ ଦିଆଯାଇଥିବା ଜଣାଯାଇଛି । ସୂଚନାଯୋଗ୍ୟ ଏହି ରାସ୍ତାରେ ସବୁଦିନ ଗୋ ଚାଲାଣ ହେଉଥିବା ବେଳେ କେତେକ ଗୋଚାଲାଣକାରୀ ଅଭିନବ ଉପାୟକରେ ସୀମାନ୍ତରେ କଣ୍ଟେନରୁ ଗୋରୁ ମାନଙ୍କୁ ଓହ୍ଲାଇ ଚଲାଇ ଚଲାଇ ସୀମା ପାର କରି ପଶ୍ଚିମ ବଂଗକୁ ଚାଲାଣ କରୁଛନ୍ତି । ପ୍ରକାଶଯୋଗ୍ୟ ଅମାନୁସୀକଭାବେ ଗୋରୁ ଗୁଡିକ ଚାଲାଣ ହେଉଥିବାରୁ ସେଥିରୁ କେତେକ ମରିଗଲେ ରାସ୍ତକଡରେ ଫୋପାଡି ପଳାଇ ଯାଉଥିବାରୁ ଉପାନ୍ତ ରାସ୍ତାକଡ ଦୁର୍ଗନ୍ଧରେ ନାକ ଫାଟିପଡେ । ପୁଲିସ୍ ପେଟ୍ରୋଲିଂ ଧର୍ମକୁ ଆଖିଠାର ଭଳି ହେଉଥିବାରୁ ଏପରି ଗୋ ଚାଲାଣ ଖୁଲମଖୁଲା ହେଉଥିଲେ ମଧ୍ୟ ତାହାକୁ ରୋକାଯାଇ ପାରୁନାହିଁ ।

# ଯୋଡାପୋଖରୀ କ୍ଲବ ଆନୁକୁଲ୍ୟରେ ଗ୍ରାମାଂଚଳ ନୃତ୍ୟ ଓ ଫୁଟବଲ ପ୍ରତିଯୋଗିତା

ବାରିପଦା, ୨୦/୦୬ (ନି.ପ୍ର): କୃଷିଭିତିକ ଗଣପର୍ବ ରଜରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଜୁନ ୧୬/୧୭ ଦୁଇଦିନ ଧରି ମୟୂରଭଂଜ ଜିଲ୍ଲାର ବିଜାତଳା ବ୍ଲକ ଯୋଡ଼ାପୋଖରୀ ଗ୍ରାମ ଯୁବକ ସଂଘ ଆନୁକୁଲ୍ୟରେ ୨୪ ତମ ବାର୍ଷିକ ଗ୍ରାମାଂଚଳ ଆଦିବାସୀ ଲାଗଣେ ନୃତ୍ୟ ଓ ଫୁଟବଲ ପ୍ରତିଯୋଗିତା ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ପୂର୍ବତନ ରାଜସ୍ୱ ମନ୍ତ୍ରୀ ତଥା ବିଧାୟକ ସୁଦାମ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ପୂର୍ବତନ ଆଦିବାସୀ ସ୍ୱତନ୍ତ୍ର ପରିଷଦ ଅଧକ୍ଷ ଡାକ୍ତର ଦେବାଶିଷ ମାରାଣ୍ଡି, ସମାଜସେବୀ କାଶୀନାଥ ହେମ୍ବ୍ରମ ରାଇରଙ୍ଗପୁର ପୌରାଧକ୍ଷ ଅଭିଷେକ ପଟ୍ଟନାୟକ, ତିରିଂ ବ୍ଲକ ଅଧକ୍ଷ ପାରେଶ୍ୱର ସାମାଡ, ବାଙ୍ଗିରିପୋଷି ବ୍ଲକ ଅଧକ୍ଷ ସୁବୋଧ ମାରାଣ୍ଡି, ସମାଜସେବୀ ମାଝିଆରାମ ଟୁଡୁ, ଜିଲ୍ଲା ପରିଷଦ ସଦସ୍ୟା ପାର୍ବତୀ ଟୁଡୁ, ବିଜାତଳା ସରପଂଚ ଦମୟନ୍ତୀ ଟୁଡୁ, ବିଜାତଳା ସମିତି ସଭ୍ୟ ଦ୍ୱି ଟୁଡୁ, ମୁଣ୍ଡାଠାକୁରା ସମିତି ସଭ୍ୟା ପୁଷ୍ପାଂଜଳି ବେହେରା,ଲୁହା ଶିଳା ସମିତି ସଭ୍ୟା ଶୁକୁରାମଣି ମାରାଣ୍ଡି,, ସରଗଡା ସମିତି ସଭ୍ୟ ରବୀନ୍ଦ୍ର ନାଥ ମୁଣ୍ଡା, ନୁସାଡିହି ସମିତି ସଭ୍ୟ ବାସନ୍ତୀ ମାଝୀ, ଯୁବ ସମାଜସେବୀ ବିଜୁ ବେହେରାଙ୍କ ସମେତ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଫୁଟବଲ ପ୍ରତିଯୋଗିତରେ ମୋଟ ୩୨ ଟି ଦଳ ଅଂଶ ଗ୍ରହଣ କରିଥିଲେ । ତିରିଂବ୍ଲକର ଚେୟାରମେନ ?ଏଫ ସିଂ କ୍ଲବ ଚମ୍ପିୟାନ ହୋଇ ୩୦ହଜାର ଟଙ୍କା, ଝାଡ଼ଖଣ୍ଡ ଷଡ୍ଢେଇକଳାର ଏସବିପି ରୟାଲ ଟାଇଗର କ୍ଲବ ରନର୍ସଅପ ହୋଇ ୨୦ହଜାର ଟଙ୍କା, କୁଲଡ଼ିହା ୩ୟ ସ୍ଥାନ ଅଧିକାର କରି ୧୧ହଜାର ଟଙ୍କା ଏବଂ ଭରଣ୍ଡିଆ ଏଡିଏସ କ୍ଲବ ୪ର୍ଥ ସ୍ଥାନ ଅଧିକାର କରି ୯ହଜାର ଟଙ୍କା ପୁରସ୍କାର ଭାବରେ ଅତିଥି ମାନଙ୍କ ଠାରୁ ଗ୍ରହଣ କରିଥିଲେ । ସେହିଭଳି ୫ଟି ଆଦିବାସୀ ନୃତ୍ୟ ଦଳ ସେମାନଙ୍କ ପାରଂପରିକ ବେଶରେ ନୃତ୍ୟ, ଘଣ୍ଟ, ବାଜା, ମାଦଳରେ ପଡିଆକୁ ଉତ୍ସବ ମୁଖର କରାଇଥିଲେ ।

# ବକେୟା ପ୍ରଦାନ ଦାବିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଧାରଣା



ବାଲେଶ୍ୱର,୨୦/୦୬ (ନି.ପ୍ର): ଶିକ୍ଷକତାରୁ ଅବସର ନେବାର ୧୫ମାସ ପରେ ବି ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଓ କର୍ମଚାରୀଙ୍କ ଅର୍ଥନ୍ୱେଷୀ କାର୍ଯ୍ୟଧାରା ଯୋଗୁଁ ପେନସନ ସମେତ ଅନୁସଙ୍ଗିକ ସରକାରୀ ସହାୟତାରୁ ବଞ୍ଚିତ ଶିକ୍ଷୟିତ୍ରୀ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମହିଳା ଜଣକ ହେଲେ ସୋର ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ସାଜନପୁର ୟୁଜିୟୁପି ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ପଦ୍ମାବତୀ ଜେନା। ଲେବୁଲ-ଫୋର ଓ ଲେବୁଲ –ଥ୍ରୀ ଗ୍ରେଡ ପାଇ ୧୫ ମାସ ପୂର୍ବରୁ ସେ ଅବସର ଗ୍ରହଣ କରିଥିଲେ। ମାତ୍ର ଅଦ୍ୟାବଧି ତାଙ୍କୁ ପେନସନ, ଏମ୍.ଏସ୍.ପି, ଆର.ଏସ୍.ପି., ଏ.ସି.ପି. ସହିତ ଆନୟୁଟିଲାଇଜ ଲିଭ, ଇନକ୍ରିମେଣ୍ଟ ବାବଦୀୟ ଅର୍ଥ ମିଳି ନଥିବା ସେ ଆରୋପ କରିଛନ୍ତି। ଏନେଇ ସେ ଗତ ୨୦୨୧ ମସିହା ଜୁଲାଇ ୧୯ ଓ ଡିସେମ୍ବର ୨୬ ତାରିଖରେ ଜିଲାପାଳଙ୍କଠାରେ ଆପତ୍ତି କରିଥିଲେ। ତାଙ୍କୁ ୩ ଦିନ ମଧ୍ୟରେ ସମସ୍ତ ବକେୟା ଅର୍ଥ ପ୍ରଦାନ ସହ ପେସନସ ପେପର କାର୍ଯ୍ୟ ଶେଷ କରିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଜିଲା ଶିକ୍ଷାଧିକାରୀ ଶ୍ରୀମତୀ ଜେନାଙ୍କ ସମସ୍ତ ବକେୟା ଅର୍ଥ ପ୍ରଦାନ ପାଇଁ ସୋର ବିଇଓଙ୍କୁ ନିର୍ଦ୍ଦେଶ ଦେଦେଇଥିଲେ। ମାତ୍ର ଅଦ୍ୟାବଧି ବକେୟା ରାଶିରୁ ଟଙ୍କାଟିଏ ବି ତାଙ୍କୁ ମିଳି ନଥିବା ସେ କହିଛନ୍ତି। ସୋର ବିଇଓଙ୍କ କାର୍ଯ୍ୟାଳୟରେ ସର୍ବେସର୍ବା ହୋଇ ଡ଼େପୁଟେସନରେ ଥିବା କିରାଣି ବିଦ୍ୟାଧର ମଲ୍ଲିକ ତାଙ୍କର କୌଣସି ପେପର କାମ ଆଗକୁ ବଢ଼ିବାକୁ ଦେଉ ନଥିବା ଶ୍ରୀମତି ଜେନା ଆରୋପ ଉଠାଇଛନ୍ତି । ଏମିତିକି ୨୦୦୩ ମସିହାରୁ ସେ ପଦୋନ୍ନତି ପାଇ ମଧ୍ୟ ସୋର ବିଇଓ ତଥା ତାଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ତଞ୍ଚକତା ପାଇଁ ଏହା କାର୍ଯ୍ୟକାରୀ ହୋଇନଥିଲା। ଏ ନେଇ ଅଦାଲତରେ ଆଶ୍ରୟ ନେବାପରେ ପ୍ରଦୋନ୍ନତି ମିଳିଥିଲେ ବି ଆଜି ପର୍ଯ୍ୟନ୍ତ ବର୍ଦ୍ଧିତ ଦରମା କିମ୍ବା ସରକାରୀ ସୁବିଧା ପାଉଥିବା ଶ୍ରୀମତୀ ଜେନା କହିଛନ୍ତି । ସୋର ବିଇଓ ଅଫିସ କିରାଣି ଶ୍ରୀ ମଲିକ ତାଙ୍କୁ ମାଗିଥିବା ୨୦ ହଜାର ଟଙ୍କା ଦେଇ ନପାରିବା ଯୋଗୁଁ ତାଙ୍କୁ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଚାଲିଥିବା ସେ ଅଭିଯୋଗ କରିଛନ୍ତି। ଅବସରକାଳୀନ ଅର୍ଥ ପ୍ରଦାନ ପାଇଁ ପେନସନ୍ ଅଦାଲତ ଅଭିଯୋଗ କରିବା ପରେ ବିଦ୍ୟାଧର ମଲ୍ଲିକ ସମସ୍ତ ବକେୟା ଦରମା ମାସକ ମଧ୍ୟରେ ପ୍ରଦାନ କରିବେ ବୋଲି ଜିଲାପାଳଙ୍କୁ ଅବଗତ କରିଥିଲେ। ମାତ୍ର ପୂର୍ବ ଦାବି ଅନୁସାରେ ପାଇନଥିବା ୨୦ ହଜାରର ଲାଞ୍ଚ ଅର୍ଥ ଯୋଗୁଁ ଶ୍ରୀ ମଲ୍ଲିକ ସୋର ବିଇଓଙ୍କୁ ପ୍ରଭାବିତ କରି ମିଥ୍ୟା ଅଭିଯୋଗ ଓ ତଦନ୍ତ ଦ୍ୱାରା ୬୮ହଜାର୮୦୦ଶହ ଟଙ୍କା ଶିକ୍ଷା ବିଭାଗର ଡିମାଣ୍ଡ ଦେଖାଇଛନ୍ତି।ଏହାର ବିଧିବଦ୍ଧ ତଦନ୍ତ ସହ ଶ୍ରୀ ମଲ୍ଲିକ ବିରୋଧରେ କାର୍ଯ୍ୟାନୁଷ୍ଠାନ କରି ତାଙ୍କର ବକେୟା ଦରମା ଇତ୍ୟାଦି ପ୍ରଦାନ ପାଇଁ ସେ ଦାବି ଜଣାଇଛନ୍ତି ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ



ବାରିପଦା, ୨୦/୦୬ (ନି.ପ୍ର): ରାଜ୍ୟ ସରକାରରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଗାଇଡ ଲାଇନ ଅନୁସାରେ ଚଳିତ ବର୍ଷ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ସଂପୃକ୍ତ ବିଭାଗ ଦ୍ୱାରା ବିପର୍ଯ୍ୟୟ ମୁକାବିଲା ଦିଗରେ କାର୍ଯ୍ୟ ପରିଚାଳନା କରାଯିବା ନେଇ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫାସିଲିଟେସନ କେନ୍ଦ୍ରରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୌଠକରେ ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକ ଋଷିକେଶ ଦ୍ୟାନଦେଓ୍ୱ ଖିଲାରୀ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଚାରୁ ବଳ, ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳାନା ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ସୁନିଲ କୁମାର ସାହୁ, ଜିଲ୍ଲା ଜରୁରୀ ଅଧିକାରୀ ଡେପୁଟି କଲେକ୍ଟର ସୁଜୟ କୁମାର ପତି ଓ ପ୍ରକଳ୍ପ ଅଧିକାରୀ ହରିପ୍ରିୟା ଚାନ୍ଦ ଏବଂ ସମ୍ପୃକ୍ତ ବିଭିନ୍ନ ଲାଇନ ବିଭାଗ ଅଧିକାରୀ ମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଏସଆରସିଙ୍କ ଗାଇଡ ଲାଇନ ଅନୁସାରେ ଟିଟିଇ (ଟେବୁଲ ଟପ୍ ଏକ୍ସ୍‌ର୍ସାଇଜ୍) ସଂପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ବୈଠକରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନ ଏବଂ ଓଡିଶା ବିପର୍ଯ୍ୟୟ ପରିଚାଳନା କତୃପକ୍ଷ ନିର୍ଦ୍ଦେଶାନୁଯାଇ ପ୍ରତି ବର୍ଷ ପ୍ରାକୃତିକ ବିର୍ପ୍ୟୟ ମୁକାବିଲା ପାଇଁ ସତର୍କ ରହି ଜରୁରୀ କାଳୀନ ବିଭାଗୀୟ ଯୋଜନା କାର୍ଯ୍ୟକ୍ରମ ପ୍ରସ୍ତୁତି ଅନୁସାରେ କାର୍ଯ୍ୟ ସମ୍ପାଦାନ କରିବା ଦିଗରେ ସଂପୃକ୍ତ ବିଭାଗୀୟ ଅଧରକାରୀ ମାନଙ୍କ ଦାୟୀତ୍ୱ ସଂପର୍କୀତ ଏସଓପି ସୁପରିଚାଳନା କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ବିଶେଷ କରି ଜଳ ସମ୍ପଦ, କୃଷି, ଉଦ୍ୟାନ କୃଷି, ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ଜଳ ଯୋଗାଣ ଓ ପରିମଳ, ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ, ପ୍ରାଣୀ ସମ୍ପଦ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ସାଧାରଣ ଯୋଗଣ, ଶିଶୁ ସିରକ୍ଷା, ଓଡ୍ରାଫ୍, ଆରକ୍ଷୀ ବିଭାଗ ଏବଂ ସମ୍ପୃକ୍ତ ଅନ୍ୟାନ୍ୟ ବିଭାଗ ଦ୍ୱାରା ବିପର୍ଯ୍ୟୟ ସୁପରିଚାଳନା କ୍ଷେତ୍ରରେ ପ୍ରସ୍ତୁତ (ଏସ୍‌ଓପି) କାର୍ଯ୍ୟାନୟନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । ଏହି ଅବସରରେ ଓସଡମା ଡିଜିଏମ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀ ସାହୁ ଚଳିତ ବର୍ଷ ରାଜ୍ୟର ସମସ୍ତ ବ୍ଲକ ସ୍ତରରେ ମଧ ଟିଟିଇ ଓ ମକଡ୍ରିଲ୍ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଥିବା ସୂଚାଇଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଜୁନ ୧୯ ତାରିଖରେ ଜିଲ୍ଲାର ସମସ୍ତ ବହୁମୁଖ୍ୟ ବାତ୍ୟା ଆଶ୍ରୟ ସ୍ଥଳ ଅନ୍ୟାନ୍ୟ ନିରାପଦ ଆଶ୍ରୟ ସ୍ଥଳରେ ବିପର୍ଯ୍ୟୟ ପରିଚାଳନାର ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉ ଥିବାର କହିଥିଲେ । ଜିଲ୍ଲ ଜରୁରୀ ଅଧିକାରୀ ଶ୍ରୀ ପତି ଟିଟିଇ କାର୍ଯ୍ୟକ୍ରମ ପରିଚାଳନା ପୂର୍ବକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଓଡିଶାର ୨୯ ଲକ୍ଷ ଲୋକ ଦ୍ୱିତୀୟ ଡୋଜ ଟିକା ନେଇନାହାନ୍ତି

ଭୁବନେଶ୍ୱର, ୨୦/୦୬ (ନି.ପ୍ର): କୋଭିଡ୍ ଟିକାକରଣକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟରେ ଆରମ୍ଭ ହୋଇଛି ହର ଘର ଦସ୍ତକ କାର୍ଯ୍ୟକ୍ରମ । ଏଥିରେ କିଏ ପ୍ରଥମ ଡୋଜ ନେଇଛି, କିଏ ଦ୍ୱିତୀୟ ଡୋଜ ନେଇଛି, କିଏ ପ୍ରିକସନ ଡୋଜ ନେଇଛି, କିଏ ଟିକା ନେଇନାହାନ୍ତି ତାହା ଚିହ୍ନଟ କରାଯାଇ ମୋବାଇଲ ଭ୍ୟାନ ଜରିଆରେ ଘର ଘର ବୁଲି ଟିକା ଦିଆଯାଉଛି। ଜୁନ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଜରିଆରେ ବର୍ତମାନ ସୁଦ୍ଧା ୧ ଲକ୍ଷ ୪୬ ହଜାର ୩୩୪ ଡୋଜ ଟିକା ଦିଆସରିଛି। ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ବର୍ତମାନ ସୁଦ୍ଧା ରାଜ୍ୟର ୨୯ ଲକ୍ଷ ଲୋକ ଦ୍ୱିତୀୟ ଡୋଜ ଟିକା ନେଇନାହାନ୍ତି। ରାଜ୍ୟର ୪୦ ପ୍ରତିଶତ ସ୍ୱାସ୍ଥ୍ୟକର୍ମୀ ପ୍ରିକସନ ଡୋଜ ଟିକା ନେଇନାହାନ୍ତି। ତେବେ ନବେ ପ୍ରତିଶତ ଫ୍ରଂଟଲାଇନ ୱ୍ୱାର୍କର ପ୍ରିକସନ ଡୋଜ ଟିକା ନେଇ ସାରିଛନ୍ତି। ୧୮ ବର୍ଷରୁ ଉର୍ଦ୍ଧ୍ୱ ୯୬ ପ୍ରତିଶତ ପ୍ରଥମ ଡୋଜ, ୧୨ରୁ ୧୪ ବର୍ଷ ବୟସ୍କ ବର୍ଗର ୯୧ ପ୍ରତିଶତ, ୧୫ରୁ ୧୭ ବର୍ଷ ବୟସ୍କ ବର୍ଗର ୮୦ ପ୍ରତିଶତ ପ୍ରଥମ ଡୋଜ ଟିକା ନେଇସାରିଛନ୍ତି। ଏବେ ରାଜ୍ୟର ୨୨୭୭ଟି ଟିକାକରଣ କେନ୍ଦ୍ରରେ ଟିକାଦାନ ଚାଲିଛି।

# ବିଭିନ୍ନ ସ୍ଥାନରେ ବିପର୍ଯ୍ୟୟ ମୁକାବିଲା ମକଡ୍ରିଲ

ବାଲେଶ୍ୱର,୨୦/୦୬ (ନି.ପ୍ର): ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହାୟତାରେ ପ୍ରତିବର୍ଷ ଭଳି ଜୁନ ୧୯ ତାରିଖରେ ସମଗ୍ର ରାଜ୍ୟରେ ଅନୁଷ୍ଠିତ ହୋଇଛି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ମକଡ୍ରିଲ। ଅନୁରୂପ ଭାବେ ବାଲେଶ୍ୱର ଜିଲାରେ ଜନସାଧାରଣଙ୍କ ମଧ୍ୟରେ ବିପର୍ଯ୍ୟୟ ମୁକାବିଲା ପାଇଁ ବିଭିନ୍ନ ସ୍ଥାନରେ ରବିବାର ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ବାଙ୍କେଶ୍ୱର ଗ୍ରାମ ବହୁମୁଖୀ ବାତ୍ୟାଶ୍ରୟ ସ୍ଥଳରେ ଜିଲାସ୍ତରୀୟ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ଅଗ୍ନିଶମ ଓ ଡଡ୍ରାଫ ବିଭାଗ କର୍ମଚାରୀଙ୍କ ପକ୍ଷରୁ ବିପର୍ଯ୍ୟୟ ମୁକାବିଲାର କଳା କୌଶଳକୁ ସେ ପ୍ରଶଂସା କରିଥିଲେ। ବିପର୍ଯ୍ୟୟ ବେଳେ ନିଜେ ସୁରକ୍ଷିତ ରହିବା ଓ ଅନ୍ୟକୁ ସୁରକ୍ଷିତ ରଖିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଜିଲା ଜରୁରୀକାଳୀନ ଅଧିକାରୀ ରିଜୱାନା କବକଅବ, ଜିଲା ପ୍ରକଳ୍ପ ଅଧିକାରୀ ନିମାଇ ଦାସ, ସଂଯୋଜକ ପ୍ରଦୀପ କୁମାର ପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ମକଡ୍ରିଲ ପରିଚାଳନା ଅନୁଧ୍ୟାନ କରିଥିଲେ। ବିଶେଷ କରି ବିପର୍ଯ୍ୟୟ ପୂର୍ବରୁ କିଭଳି ପ୍ରସ୍ତୁତ ରହିବା, ବିପର୍ଯ୍ୟୟ ସମୟରେ କେମିତି ଉଦ୍ଧାର କରାଯାଇ ପାରିବ ଓ ବିପର୍ଯ୍ୟୟ ପରେ ସ୍ୱାଭାବିକ ସ୍ଥିତି ସୃଷ୍ଟି ପାଇଁ ପ୍ରତିବର୍ଷ ଏହିଭଳି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ଅଣସର ଘରେ ଶ୍ରୀ ବିଗ୍ରହଙ୍କ ନିକଟରେ ଦେବବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ପାଞ୍ଚଣ ଲାଗି



ବାରିପଦା, ୨୦/୦୬ (ନି.ପ୍ର): ଦେବସ୍ନାନ ପୂର୍ଣମୀ ପରଠାରୁ ଶ୍ରୀଜିଉ ମାନଙ୍କର ଅଣସର ନୀତି ଚାଲୁ ରହିଛି । ଅତ୍ୟଧିକ ସ୍ନାନ କାରଣରୁ ମହାପ୍ରଭୁ ଏବେ ଅସୁସ୍ଥ ହୋଇଛନ୍ତି । ଅଣସର ଘରେ ଗୁପ୍ତନିତି ସେବା ଅନୁଯାୟୀ ପଂଚମୀ ତିଥିଠାରୁ ଶ୍ରୀ ବିଗ୍ରହଙ୍କ ନିକଟରେ ଦେବ କବିରାଜଙ୍କ ଦ୍ୱାରା ପ୍ରସ୍ତୁତ ଔଷଧ ଲାଗି କରିବାର ବିଧି ରହିଛି । ଏହି ପରିପ୍ରେକ୍ଷୀରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉ ମହାପ୍ରଭୁଙ୍କ ନିକଟରେ ଏସମସ୍ତ ନୀତି ଚାଲୁରହିବା ସହ ଦେବ କବିରାଜ ମହାପ୍ରଭୁଙ୍କ ପାଂଚଣ ଔଷଧ ଲାଗି କରିଛନ୍ତି । ଆଜି ମହାପ୍ରଭୁଙ୍କ ନିକଟରେ ସୁନା ବାରିଛି ଓ ରୁପା ନିହାଣୀ ଲାଗି ହେବାର ବିଧି ରହିଛି । ଔଷଧ ସେବନ ଦ୍ୱାରା ଆସନ୍ତାକାଲି ଠାରୁ କ୍ରମସଃ ମହାପ୍ରଭୁ ସୁସ୍ଥ ହେବେ । ଏବଂ ଏହାପରେ ପାଟକନା ପରିବର୍ତନ ଓ ରଙ୍ଗ ହେବା ବିଧି ଆରମ୍ଭ ହେବ ବୋଲି କହିଛନ୍ତି ପୂଜକ ପ୍ରଦୀପ କୁମାର ଦାସ ପୁଜାପଣ୍ଡା । ଅନ୍ୟପଟେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିବା ଯୋଗୁଁ ପଟିଦିଅଁ ସହ ବେଢା ଠାକୁରଙ୍କୁ ଦର୍ଶନ କରୁଛନ୍ତି ଭକ୍ତ ମାନେ । ତେବେ ଅଣସର ନିତି ସରିବା ପରେ ଶ୍ରୀ ବିଗ୍ରହ ମାନେ ନବ ଯୌବନ ଦର୍ଶନ ଦେବାର ବିଧି ରହିଛି ।

## ଅଗ୍ନିପଥ ବିରୋଧରେ ସିପିଆଇର ବିକ୍ଷୋଭ

ଭୁବନେଶ୍ୱର, ୨୦/୦୬ (ନି.ପ୍ର): କେନ୍ଦ୍ର ବିଜେପି ସରକାରଙ୍କ 'ଅଗ୍ନି ପଥ' ଯୋଜନା ବିରୋଧରେ ଏହାର ପ୍ରତ୍ୟାହାର ଦାବିକରି ଆଜି ସିପିଆଇ ଓ ବିକେଏମ୍‌ୟୁ ପକ୍ଷରୁ ରାଜଧାନୀ ଭୁବନେଶ୍ୱରଠାରେ ବିକ୍ଷୋଭ ଓ ରାସ୍ତାରୋକୋ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଉଭୟ ସଂଗଠନର କର୍ମୀମାନେ ହାତରେ ଦଳୀୟ ପତାକା ଓ ଅଗ୍ନିପଥ ଯୋଜନା ବିରୁଦ୍ଧରେ ଲେଖାଥିବା ବିଭିନ୍ନ ପ୍ଲାକାର୍ଡମାନ ହାତରେ ଧରି ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାକାରୀମାନେ ଅଶୋକନଗର ଅଞ୍ଚଳ ପରିକ୍ରମା କରି ମାଷ୍ଟରକ୍ୟାଂଟିନ ଛକଠାରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ବିକେଏମୟୁର ରାଜ୍ୟ ସମ୍ପାଦକ ସୁର ଜେନା ବିକ୍ଷୋଭକାରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ– ମୋଦି ସରକାର ବର୍ଷକୁ ୨ କୋଟି ବେକାର ଯୁବକ-ଯୁବତୀଙ୍କୁ ଚାକିରି ଦେବେ ବୋଲି କହି କ୍ଷମତାକୁ ଆସିଥିଲେ। ତାଙ୍କ ୮ ବର୍ଷର ଶାସନରେ ୧୬ କୋଟି ଚାକିରି ଦେବା ପରିବର୍ତେ ୨୦୨୪ ନିର୍ବାଚନ ପୂର୍ବରୁ ସୈନ୍ୟ ବାହିନୀରେ ୪ ବର୍ଷିଆ ଠିକା ନିଯୁକ୍ତି ଯୋଜନା ବାହାର କରିଛନ୍ତି। ଏହା ଯୁବ ବିରୋଧୀ ଏବଂ ଦେଶର ସୁରକ୍ଷା ପ୍ରତି ଖେଳଓ୍ୱାର୍ଡ। ସରକାରୀ ଅର୍ଥରେ ଏହା ଆରଏସଏସ କର୍ମୀଙ୍କୁ ସାମରିକ ତାଲିମ ଦେବା ପାଇଁ ଉଦ୍ଦିଷ୍ଟ। ଏଣୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ଏହାପରେ ବିକ୍ଷୋଭକାରୀମାନେ ରାଜମହଲ ଛକଠାରେ ପହଂଚି ସେଠାରେ ରାସ୍ତା ରୋକୋ କରିବା ଫଳରେ ଯାନବାହନଗୁଡ଼ିକ ଅଟକି ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ କୈଳାସ ପୁହାଣ, ଲୋକନାଥ ଭୋଇ, ସୁଷମା ଭୋଇ, ଅଶୋକ ବାରିକ, ଆକାଶ ସାହୁ, ଆଦିବାସୀ ନେତା ଡାକ ହେମ୍ବ୍ରମ୍, ପାର୍ବତୀ ଲାଗୁରି ଓ ଶଙ୍କର ବାରିକ ପ୍ରମୁଖ ଏହି ବିକ୍ଷୋଭ, ଶୋଭାଯାତ୍ରା ଓ ରାସ୍ତାରୋକୋ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ବ୍ରାହ୍ମଣ ସମିତିର ତ୍ରିଦିବସୀୟ ଶତବାର୍ଷିକ ସମାରୋହ ଆରମ୍ଭ

ବାଲେଶ୍ୱର,୨୦/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତିର ତ୍ରିଦିବସୀୟ ଶତବାର୍ଷିକ ସମାରୋହ ଉତ୍ସବ ଦାମୋଦରପୁର ସ୍ଥିତ କାର୍ଯ୍ୟାଳୟରେ ଦୁଇଦିନ ଧରି ଜାରି ରହିଛି। ପ୍ରଥମ ଦିବସରେ ଅଧିବାସ ଓ ବୈଠକ ଏବଂ ଦ୍ୱିତୀୟ ଦିବସରେ ୧୦୮ ଜଣ ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ଗାୟତ୍ରୀ ଜପଯଜ୍ଞରେ ୧ଲକ୍ଷ ୨୫ ହଜାର ଗାୟତ୍ରୀ ମନ୍ତ୍ର ଜପ ପୂର୍ବକ ଘୃତଯଜ୍ଞ ଓ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶେଷଦିନରେ ଗାନ୍ଧିସ୍ମୃତି ଭବନରେ ସାଧାରଣ ସଭା, ବ୍ରାହ୍ମଣ ମହାସଭା ଓ ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସମିତିର କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ଶତବାର୍ଷିକ ସମାରୋହ ଅବସରରେ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା ସହ ଗାନ୍ଧିସ୍ମୃତି ଭବନରେ ପହଞ୍ଚିବ। ପରେ ସେଠାରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବ୍ରାହ୍ମଣ ସମିତିର ସଭାପତି ଡାକ୍ତର ଶ୍ରୀଶ କୁମାର ଦାଶ, କାର୍ଯ୍ୟକାରୀ ସଭାପତି ଡ. କ୍ଷିତୀଶ୍ୱର ଦାଶ, ଉପସଭାପତି ଶକ୍ତିପଦ ପଣ୍ଡା, ସାଧାରଣ ସଂପାଦକ ଗୌର ଚନ୍ଦ୍ର ଦାଶ, ଉପଦେଷ୍ଟା ଶୁଭଙ୍କର ମହାପାତ୍ର ଓ ଜିଲା କର୍ମକର୍ତ୍ତା ବୁଦ୍ଧିରାମ ପାଣିଗ୍ରାହୀ, ସରୋଜ କୁମାର ଷଡ଼ଙ୍ଗୀ ଓ ଡ. ଯଦୁନାଥ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସମିତିର ଶହେବର୍ଷର ଗୌରବମୟ ଇତିହାସ ଓ ଶତବାର୍ଷିକ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ।

# ଗାଡିଚାଳକଙ୍କ ବେପୁରିଆ ଚାଳନା ପାଇଁ ଗାନ୍ଧୀ ଛକ ନିକଟରେ କାର ଦୁର୍ଘଟଣା : ୧ ମୃତ, ୩ ଆହତ



ବସ୍ତା,୨୦/୦୬ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଧ୍ୟ ଦେଇ ଯାଇଥିବା ୬୦ ନଂ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଯୋଗୁଁ ଏହା ମରଣ ଯନ୍ତା ପାଲଟିଥିବା ଜଣାଯାଇଛି। ଦୁଇ ଦିନ ତଳେ ଦଣ୍ଡିକା ନିକଟରେ ରାସ୍ତା ପାର୍ଶରେ ଛିଡା ହୋଇଥିବା ବେଳେ ଏକ ପିକଅପ ଧକ୍କା ଦେବା ଫଳରେ ଜଣଙ୍କ ର ଜୀବନ ଯାଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିଲେ। ସୋମବାର ସକାଳେ କୋଲକାତା ରୁ ଭୁବନେଶ୍ୱର ଯାଉଥିବା ଡବ୍ଲ୍ୟୁ ବି-୧୬-ବିଏଚ-୫୩୦୩ନଂ ଏକ କାର ବସ୍ତା ବ୍ଲକର ଗାନ୍ଧୀ ଛକ ନିକଟରେ ଏକ ଟ୍ରଲର କୁ ଅତିକ୍ରମ କରୁଥିବା ବେଳେ ରାସ୍ତା ପାର୍ଶରେ ଥିବା ସୁରକ୍ଷା ବାଡ କୁ ଅତି ଜୋର୍ ରେ ଧକ୍କା ଦେଇ ଥିଲା। ଗାଡିର ଗତି ଏତେ ଜୋର ଥିଲା ଯେ ସୁରକ୍ଷା ବାଡର କିଛି କାର ଭିତରକୁ ପଶିଯାଇଥିଲା। ଘଟଣା ସ୍ଥଳରେ ଜଣକ ର ଜୀବନ ଯାଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଥିଲେ। ମୃତକ ହେଲେ ଅର୍ଚନା, ୫୦ବର୍ଷ, ସ୍ୱାମୀ ଅଷ୍ଟପଦ ସାମନ୍ତରାୟ, ଘର-ଅଭିରାମପୁର, ପଶ୍ଚିମବଙ୍ଗ) ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ପଠାଯାଇ ଥିଲା। ବସ୍ତା ପୋଲିସ ଏବଂ ରାଜପଥ କର୍ତ୍ତପକ୍ଷ ପହଞ୍ଚି ସୁରକ୍ଷା ବାଡକୁ କାଟି କାରଟିକୁ ବାହାର କରିଥିଲେ । ଡାଇଭରକୁ ଅଟକ ରଖି ୧୬୫ ଦ୨୨ ମାମଲାରୁଜ କରିଥିବା ଜଣାପଡିଛି ।

# ପଛୁଆ ବର୍ଗଙ୍କ ପାଇଁ ଭାଜପାର ସମ୍ମିଳନୀ



ଉଦଳା, ୧୯/୦୬ (ନି.ପ୍ର): ଭାରତୀୟ ଜନତା ପାର୍ଟି ପକ୍ଷରୁ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ପୁର୍ତ୍ତି ଉପଲକ୍ଷେ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ଚଳିତ ଜୁନ ୧୯ ତାରିଖ ସୋମବାର ଦିନ ପଛୁଆ ବର୍ଗଙ୍କ କଲ୍ୟାଣ ନିମନ୍ତେ ନିଆଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଂଜନ ମୋଦି ଉକ୍ତ ଆଲୋଚନା ଚକ୍ରରେ ଅଧକ୍ଷତା କରିଥିବା ବେଳେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଓ ଉଦଳା ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଆଲୋଚକ ଭାବରେ ଯୋଗ ଦେଇ ଭାରତର ପ୍ରତିଟି ନାଗରିକଙ୍କର କଲ୍ୟାଣ ପାଇଁ ସରକାର ଚିନ୍ତା କରୁଛନ୍ତି, ନାଗରିକ ମାନେ ମଧ ନିଶାଦ୍ରବ୍ୟ ସେବନ ଛାଡ଼ି ଦେଶ ସେବାରେ ନିଜକୁ ନିୟୋଜିତ କରନ୍ତୁ, ତେବେ ଯାଇ ସମଗ୍ର ପୃଥିବୀରେ ଆମ ଦେଶ ଭାରତ ଏକ ଶକ୍ତିଶାଳୀ ଦେଶରେ ପରିଣତ ହେବ ଏଥିରେ ସନ୍ଦେହ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନେତା କମଳ ଧଳ, ବିଭୁତି ମହାନ୍ତ, ପଛୁଆ ବର୍ଗର ଜିଲ୍ଲା ସାଧାରଣ ସଂପାଦକ ରଂଜନ ମଢୁଆଳ, ମଣ୍ଡଳ ସଭାପତି ଧିରେନ୍ଦ୍ର ଖଣ୍ଡେଲଓ୍ୱାଲ, ଅନ୍ତର୍ଯ୍ୟାମୀ ପରିଡ଼ା, ସଂଜୟ ବେହେରା, ଲକ୍ଷ୍ମଣ ମହାପାତ୍ର, ବିଶ୍ୱରଂଜନ ମୋଦି, ଶୁଭଦିପ ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଯୁବମୋର୍ଚ୍ଚା ସଭାପତି ପ୍ରାଚ୍ୟ ସୁମନ ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ହରିଶ୍ଚନ୍ଦ୍ର ଦାସବାବୁ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ସର୍ବନିମ୍ନ ଇପିଏଫ ପେନସନ ବୃଦ୍ଧି ଦାବିରେ ପୋଷ୍ଟ କାର୍ଡ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ବାଲିଆପାଳ, ୨୦/୦୬ (ନି.ପ୍ର): ବାଲିଆପାଳ ସୂତାକଳର ପେନସନ ଭୋଗୀ କର୍ମଚାରୀ, ଉଠାଜଳସେଚନ କର୍ମଚାରୀ ଓ ସହଯୋଗ ସମବାୟ ସମିତିର ଅବସରପ୍ରାପ୍ତ କର୍ମଚାରୀମାନଙ୍କର ସର୍ବନିମ୍ନ ଇପିଏଫ ପେନସନ ୧ ହଜାର ଟଙ୍କାରୁ ୯ ହଜାର ଟଙ୍କାକୁ ବୃଦ୍ଧି ପାଇଁ ପୋଷ୍ଟ କାର୍ଡ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ବାଲିଆପାଳ ଇପିଏଫ ପେନସନ ସଂଘ ପକ୍ଷରୁ ସ୍ଥାନୀୟ ଶ୍ରୀ ଗୋପୀନାଥ ସମବାୟ ସୂତାକଳ ପରିସରରେ ଥିବା କାଳିମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ତଥା ବାଲେଶ୍ୱର ଜିଲା ଇପିଏଫ ପେନସନ ସଂଗଠନର ଉପସଭାପତି ସନ୍ୟାସୀ ବେହେରା ଏହି ବୈଠକରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ରାଜ୍ୟ ସଂଗଠନ ତଥା ଜିଲା ସଂଗଠନର ନିର୍ଦ୍ଦେଶ ମୁତାବକ ଆସନ୍ତା ମାସରେ ପ୍ରଥମ ସପ୍ତାହରେ ଭୁବନେଶ୍ୱରରେ ଏକ ମହା ସମାବେଶ ହେବାର ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଥିଲା । ଏଥିରେ ବସ୍ତା ଓ ବାଲିଆପାଳ ସାଙ୍ଗଠନିକ ଦାୟିତ୍ୱରେ ଥିବା ନବୀନ ପାତ୍ର,ବାଲିଆପାଳ ବ୍ଲକର ସଭାପତି ଅନନ୍ତ କୁମାର ପିଳା,ସଂପାଦକ ଲକ୍ଷ୍ମୀଧର ଜେନା, ଅମୂଲ୍ୟ ନନ୍ଦୀ, ରତ୍ନାକର ସାହୁ, ମାଧବ ଜେନା, ଶଙ୍କର ଗିରି, ବଟକୃଷ୍ଣ ମହାନ୍ତି,ଶୈଳବାଳା ପଣ୍ଡା, ମଙ୍ଗୁଳି ମହାନ୍ତି, ମନ୍ମଥ ସାମଲ, ସୁଶାନ୍ତ ପାତ୍ର, ଝାଡେଶ୍ୱର ସାହୁ, ନ୍ୟାସୀ ମହାନ୍ତି, ସନ୍ୟାସୀ ଜେନା, ଆଦି ଶତାଧିକ ପେନସନ ଭୋଗୀ କର୍ମଚାରୀ ଯୋଗ ଦେଇ ପୃଥକ ପୃଥକ ଭାବେ ପୋଷ୍ଟ କାର୍ଡରେ ସେମାନଙ୍କର ଇପିଏଫ ପେନସନକୁ ୯ ହଜାର ଟଙ୍କା ବୃଦ୍ଧି କରିବା ପାଇ ଚିଠି ଲେଖି ମାନ୍ୟବର ପ୍ରଧାନମନ୍ତ୍ରୀ ନିକଟକୁ ପ୍ରେରଣା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo